ଗୋଟିଏ ସମୟରେ ସେବା ନିବୃତ୍ତ ଅନ୍ୟ କିଛି ବିଷୟକୁ ସୂଚିତ କରୁଥିଲା। ଏବେ ଏହା କାର୍ଯ୍ୟକାଳ ବୃଦ୍ଧି କିମ୍ବା ପୁନଃ ନିଯୁକ୍ତିର ଦିନ ହୋଇଗଲାଣି । କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ ଏବେ ଭାରତୀୟ କାର୍ଯ୍ୟକାଳ ବୃଦ୍ଧି କରାଯାଉଥିବା ଅଧିକାରୀ ଗୋଷ୍ଠୀରେ ସାମିଲ ହୋଇଛନ୍ତି। ସେପ୍ଟେମ୍ବର ୨୦୨୫ରେ ସେ ଅବସର ନେଇଥାଆନ୍ତେ ଏବଂ ଏହାପରେ ତାଙ୍କର କାର୍ଯ୍ୟକାଳ ସମ୍ପ୍ରସାରଣ ହେବାର ନ ଥିଲା। କିନ୍ତୁ ଏବେ ସେହି ପଦବୀରେ ସେ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ରହିବେ କିମ୍ବା ତା'ପର ଯାଏ ରହିପାରନ୍ତି। କ୍ୟାବିନେଟ ନିଯୁକ୍ତି କମିଟି (ଏସିସି) କାଗଜପତ୍ର କାମ ଶେଷ କରିଥିବା ଜଣାପଡ଼ିଛି। ଅବସର ତୁଳନାରେ କାର୍ଯ୍ୟକାଳ ବୃଦ୍ଧି ପରମ୍ପରା ଏବେ ଏକ ନିୟମିତ ଧାରା ହୋଇଗଲାଣି। କ୍ୟାବିନେଟ ସଚିବ ଏକ ବାର୍ଷିକ ନବୀକରଣ ଯୋଜନାରେ ହିଁ ବଞ୍ଚୁଛନ୍ତି। ଦୁଃଖର ବିଷୟ, ର'ର ରବି ସିହ୍ନା ଭାଗ୍ୟବାନ୍ ନୁହନ୍ତି। ତାଙ୍କର କାର୍ଯ୍ୟକାଳ ବଢ଼ିଲା ନାହିଁ। ର'ର ପରାଗ ଜୈନ ସେହି ପଦବୀରେ ରହିଲେ। ସେହିପରି ସବୁ ରାଜ୍ୟରେ ଏହା ଏକ ପରମ୍ପରା ହୋଇଗଲାଣି। ପଶ୍ଚିମବଙ୍ଗରେ ମୁଖ୍ୟ ସଚିବମାନେ ଅବସର ନେବା କ୍ୱଚିତ ଦେଖାଯାଏ। ସେମାନେ କେବଳ ଅଧିକ ପଦବୀ ଦଖଲ କରିଥାନ୍ତି। ଅନ୍ୟମାନଙ୍କ ଭାଗ୍ୟରେ ଏ ସୁଯୋଗ ଜୁଟେ ନାହିଁ। ସେମାନଙ୍କ ପାଳିକୁ ଅପେକ୍ଷା କରିଥିବା ବହୁ ଦକ୍ଷ ଅଧିକାରୀ ନିୟମ ଅନୁସାରେ ସବୁ ଆବଶ୍ୟକତା ପୂରଣ କରିଥିଲେ ମଧ୍ୟ ସେମାନେ ଏଯାବତ ଏହି ପଦବୀ ପାଇବାରେ ବିଫଳ ହେଲେ। ତାଙ୍କଠାରୁ ମାସେ ଜୁନିୟର ଥିବା ଅନେକ ଅଧିକାରୀ ଭାଗ୍ୟବାନ୍ ନ ଥିଲେ। ଏହି ସମୟରେ କାର୍ଯ୍ୟକାଳ ବୃଦ୍ଧି ସୁଯୋଗ ପାଇଥିବା ବାବୁଙ୍କ ଗୋଷ୍ଠୀ ଆଗକୁ ମାଡ଼ିଚାଲିଛନ୍ତି। ଅବସର କେବଳ କମ୍ ଗୁରୁତ୍ୱ ଥିବା ଲୋକଙ୍କ ପାଇଁ ଉଦ୍ଦିଷ୍ଟ।

### କୋଚିଂ ସେଣ୍ଟର ଅଡୁଆ

ଦୃଷ୍ଟି ଆଇଏଏସ୍‌ର ପ୍ରତିଷ୍ଠାତା ଡ. ବିକାଶ ଦିବ୍ୟକୀର୍ତ୍ତି ବିଶ୍ୱର ସବୁଠୁ କଠିନ ସିଭିଲ ସର୍ଭିସ ପରୀକ୍ଷାରେ ଅନେକ ଆଶାୟୀଙ୍କୁ କୃତକାର୍ଯ୍ୟ ହେବା ପାଇଁ ପ୍ରଶିକ୍ଷଣ ଦେଇଛନ୍ତି। ତେବେ ଏବକାର ନୀତିନିୟମ ସମ୍ପର୍କରେ ବୁଝିବା ତାଙ୍କ ପାଇଁ କଠିନ ହୋଇଛି। ଏକ ଭିଡିଓରେ, ନ୍ୟାୟପାଳିକାକୁ ଅପମାନ କଲା ଭଳି ଟିପଣୀ ଦେଇଥିବାରୁ ଆଜମେରର ଏକ କୋର୍ଟ ତାଙ୍କ ବିରୋଧରେ ମାନହାନି ଅଭିଯୋଗକୁ ଗମ୍ଭୀରତାର ସହ ନେଇଛନ୍ତି। ଶ୍ରେଣୀ କକ୍ଷରେ ପଢ଼ାଇବା ଭଳି ବିଚାରପତି ଓ ବାବୁମାନଙ୍କୁ ତୁଳନା କରି ସେ ଏକ ଦୀର୍ଘ ଭାଷଣ ଦେଇଥିଲେ। ସମ୍ଭବତଃ ତାଙ୍କ ସ୍ୱର କଡ଼ା ନ ଥିଲେ ମଧ୍ୟ ନ୍ୟାୟିକ ପଦକ୍ଷେପ ପାଇଁ ଏହା ବିସ୍ଫୋରକ ବୋଲି ଗ୍ରହଣ କରାଗଲା। ଅଧିକାଂଶ ଜାଣନ୍ତି, ଦୃଷ୍ଟି ଏକ ସିଭିଲ ସର୍ଭିସ ଉତ୍ପାଦନ କେନ୍ଦ୍ର । ଏହାର ପ୍ରତିଷ୍ଠାତା କେବଳ ଜଣେ ଶିକ୍ଷକ ନୁହନ୍ତି, ବରଂ ଲକ୍ଷ ଲକ୍ଷ ଆଶାୟୀଙ୍କ ପାଇଁ ସେ ହେଉଛନ୍ତି ଜଣେ ଖ୍ୟାତନାମା ଦାର୍ଶନିକ। ତାଙ୍କ ଭଳି ଅନେକ କୋଚିଂ ଗୁରୁ ବେସରକାରୀ ଅନୁଷ୍ଠାନ ଗଢୁଛନ୍ତି। ସେମାନେ ନୂତନ ଦୃଷ୍ଟିକୋଣ ସାମ୍ନାକୁ ଆଣିବା ସହ ପଦପଦବୀର ମର୍ଯ୍ୟାଦାକୁ ହୃଦୟଙ୍ଗମ କରିଥାନ୍ତି । କିନ୍ତୁ ବେଳେବେଳେ ସୀମା ଟପିଯାଇଥାନ୍ତି, ଯାହା ଏହି ଘଟଣାରୁ ଜଣାପଡ଼ିଛି। ଦିବ୍ୟକୀର୍ତ୍ତିଙ୍କର ସାଂସ୍କୃତିକ ଜ୍ଞାନ ଅତି ଗଭୀର। ତାଙ୍କ ଲେଖା ଶୈଳୀ ସରକାରୀ ଚିଠିକୁ ଆଗକୁ ବଢ଼ାଇଥାଏ। ପରପିଢ଼ିର ଜିଲାପାଳଙ୍କୁ ସିଧାସଳଖ ପ୍ରଭାବିତ କରୁଥିବାବେଳେ, ନିଜେ କ'ଣ ତାହା ଅନୁଧ୍ୟାନ କରିବା ଲାଭଦାୟକ। ଅମଲାତାନ୍ତ୍ରିକ ଖାଦ୍ୟ ଚକ୍ରରେ, ଏପରି କି ଅନ୍ୟଙ୍କୁ ଖୁଆଉଥିବା ବ୍ୟକ୍ତିମାନେ ସେମାନଙ୍କ ଖାଦ୍ୟ ସମ୍ପର୍କରେ ଚିନ୍ତା କରିବା ଉଚିତ। ଅର୍ଥାତ୍ ଅନ୍ୟଙ୍କୁ ସାହାଯ୍ୟ କରିବା ସହ ନିଜ ସୁରକ୍ଷା ଦେଖିବା କଥା। ତେବେ ଶ୍ରେଣୀ କକ୍ଷରେ ଉପହାସ ଛଳରେ ଯାହା କୁହାଯାଇଛି ତାହା କୋର୍ଟରୁମ୍‌ରେ ବିପଜ୍ଜନକ ଭାବେ ପ୍ରତିଧ୍ୱନିତ ହୋଇପାରେ।

### ଏଲ୍‌ଟିସିରେ ଏକକ ପରିବାର

ଜୀବନରେ ଏମିତି କିଛି ବିଷୟ ଅଛି, ଯାହା ଭାରତୀୟ ପାରିବାରିକ ସମ୍ପର୍କଠାରୁ ମଧ୍ୟ ଜଟିଳ ଏବଂ ସେଗୁଡ଼ିକ ସହ ସମ୍ଭବତଃ ସରକାରୀ ନିୟମଗୁଡ଼ିକ ଜଡ଼ିତ ରହିବାକୁ ଚେଷ୍ଟା କରୁଛି। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ( ଡିଓପିଟି) ଏବେ ଲିଭ୍ ଟ୍ରାଭେଲ କନ୍‌ସେସନ( ଏଲ୍‌ଟିସି) ତାହାର ମାର୍ଗଦର୍ଶିକାକୁ ନବୀକରଣ କରିଛି। ଏଲ୍‌ଟିସି ପାଇଁ କାହାକୁ ପରିବାର ଭାବେ ଗଣାଯିବ, ତାହା ୪ ଜୁଲାଇରେ ଏକ ନୂଆ ଚିଠିରେ ସୂଚିତ କରିଛି ଡିଓପିଟି। ଚିଠିରେ ଗୋଟିଏରୁ ଅଧିକ ସ୍ତ୍ରୀ ରହିବେ ନାହିଁ ବୋଲି କୁହାଯାଇଛି। ତେବେ ଏଲ୍‌ଟିସି ବେନିଫିଟ୍‌ରୁ ଯେଉଁମାନେ ବାଦ ପଡ଼ିଛନ୍ତି ସେମାନେ ହେଉଛନ୍ତି ଶାଶୁ-ଶ୍ୱଶୁର, ଅଲଗା ହୋଇଥିବା ଝିଅର ନାତିନାତୁଣୀ ଏବଂ ଏପରି କି ଜେଜେମା' ଜେଜେ। ଏହି ଚିଠି ଏକ ସୀମିତ ତଥା କ୍ଷୁଦ୍ର ପାରିବାରିକ ସୀମାରେ ଆବଦ୍ଧ ହୋଇଯାଇଛି। ବାସ୍ତବରେ ଏହି ଚିଠିରେ କିଛି ନୂତନତ୍ୱ ନାହିଁ । ଏହାକୁ କେବଳ ଦୋହରାଯାଇଛି। ଏହା ମଧ୍ୟ ଅଜାଣତରେ ବ୍ୟକ୍ତିଗତ ଆଇନ, ପରିବାର ବ୍ୟବସ୍ଥାର ଜଟିଳ ଜାଲ ମଧ୍ୟକୁ ପ୍ରବେଶ କରିବାକୁ ସୁଯୋଗ ସୃଷ୍ଟି କରିଛି। କେତେକ ଧର୍ମୀୟ ଆଇନ ଭାରତରେ ବହୁ ବିବାହକୁ ଅନୁମତି ଦିଏ। ଅଣୁ ବା ଏକକ ପରିବାର ଯାତ୍ରା କରନ୍ତୁ ବୋଲି ବ୍ୟବସ୍ଥା ଚାହେଁ। କଥା ଉଠୁଛି, ଏହା ଏକ ବଡ଼ ଆହ୍ୱାନ । ଆମ ନିୟମଗୁଡ଼ିକ ବହୁ ସମୟରେ ଆଧୁନିକ ସମ୍ପର୍କଗୁଡ଼ିକ ଯଥା ଲିଭ-ଇନ ପାର୍ଟନର, ସିଙ୍ଗଲ ପ୍ୟାରେଣ୍ଟସ (ସ୍ୱାମୀ କିମ୍ବା ସ୍ତ୍ରୀ ବିନା ଜଣେ ପିଲାମାନଙ୍କ ଯତ୍ନ ନେବା), ବ୍ଲେଣ୍ଡେଡ ଫ୍ୟାମିଲି (ପୂର୍ବ ସମ୍ପର୍କର ପିଲା ବା ପିଲାମାନଙ୍କୁ ଆଣି ଦୁଇଜଣ ଏକାଠି ରହିବା)ର ବାସ୍ତବତା ସହ ତାଳଦେଇ ଯାଇପାରି ନାହିଁ। ତେବେ ସିସିଏସ୍ (ଏଲ୍‌ଟିସି) ରୁଲ୍ସ,୧୯୮୮ର ଧାରା ୪ରେ ଏସବୁ ସ୍ପଷ୍ଟ କରାଯାଇନାହିଁ।

Email: dilipcherian@gmail.com

# ଜଳବାୟୁ ପାଣ୍ଠିର ଭୂମିକା



ଡ. ଜୟକୃଷ୍ଣ ପାଣିଗ୍ରାହୀ

ସାମ୍ପ୍ରତିକ ସମୟର ପ୍ରମୁଖ ଆହ୍ୱାନକାରୀ ସମସ୍ୟା ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି ବିଶ୍ୱ ତାପମାତ୍ରା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ। ଏସବୁ ମାନବ ସ୍ୱାସ୍ଥ୍ୟ, ବିଶ୍ୱ ଅର୍ଥନୀତି ଏବଂ ପ୍ରାକୃତିକ ପରିସଂସ୍ଥା ନିମନ୍ତେ ଗମ୍ଭୀର ବିପଦର ସୂତ୍ରପାତ କରୁଛି। ଏହି ପରିବେଶୀୟ ସମସ୍ୟାର ପ୍ରଭାବରେ ସଂଘଟିତ ବିଧ୍ୱଂସକାରୀ ପ୍ରାକୃତିକ ବିପର୍ଯ୍ୟୟ ପରିବ୍ୟାପ୍ତ ହୋଇଚାଲିଛି। ଏସବୁର ମୁକାବିଲା ନିମନ୍ତେ ଜାତିସଂଘ ଆନୁକୂଲ୍ୟରେ ନିୟମିତ ବିଶ୍ୱସ୍ତରୀୟ ଜଳବାୟୁ ସମ୍ମିଳନୀମାନ ଅନୁଷ୍ଠିତ ହେଉଛି। ବିନାଶକାରୀ ପ୍ରଭାବର ପ୍ରଶମନ ନିମନ୍ତେ ସମ୍ବଳରହିତ ବିକାଶଶୀଳ ରାଷ୍ଟ୍ରମାନଙ୍କୁ ସାହାଯ୍ୟ ପ୍ରଦାନ ଲକ୍ଷ୍ୟରେ ଜାତିସଂଘ ଉଦ୍ୟମରେ ଗଠିତ ହୋଇଛି ଅନ୍ତର୍ଜାତୀୟ 'ସବୁଜ ଜଳବାୟୁ ପାଣ୍ଠି' (ଜିସିଏଫ୍)। ମିଳିତ ଜାତିସଂଘ ଜଳବାୟୁ ପରିବର୍ତ୍ତନ ଫ୍ରେମୱାର୍କ କନଭେନସନ (ୟୁଏନ୍‌ଏଫ୍‌ସିସି) ଦ୍ୱାରା ୨୦୧୦ରେ ପ୍ରତିଷ୍ଠିତ ହୋଇଥିବା ଏହି ପାଣ୍ଠି ହେଉଛି ବିଶ୍ୱର ସର୍ବବୃହତ ସମର୍ପିତ ପାଣ୍ଠି। ଗ୍ଲୋବାଲ ସାଉଥରେ ଜଳବାୟୁ-ସ୍ଥିର ଏବଂ ସ୍ୱଳ୍ପତର-ନିର୍ଗମନ ବିକାଶକୁ ସମର୍ଥନ କରିବା ନିମନ୍ତେ ଧନୀ ରାଷ୍ଟ୍ରଗୁଡ଼ିକରୁ ଜଳବାୟୁ ପାଣ୍ଠି ଯୋଗାଡ଼ କରିବାରେ ଜିସିଏଫ ଏକ ପ୍ରମୁଖ ଭୂମିକା ନିର୍ବାହ କରେ। ମୁଖ୍ୟ ଲକ୍ଷ୍ୟ ହେଉଛି ବିକାଶଶୀଳ ଦେଶଗୁଡ଼ିକରେ ଅଙ୍ଗାରକାମ୍ଳ ପରି ସବୁଜଗୃହ ବାଷ୍ପ ନିର୍ଗମନକୁ ସୀମିତ ବା ହ୍ରାସ କରିବାର ପ୍ରୟାସକୁ ସମର୍ଥନ ଏବଂ ଦୁର୍ବଳ ସମାଜଗୁଡ଼ିକୁ ଜଳବାୟୁ ପରିବର୍ତ୍ତନର ଅନିବାର୍ଯ୍ୟ ପ୍ରଭାବ ସହିତ ଖାପ ଖୁଆଇବାରେ ସହାୟତା ପ୍ରଦାନ କରିବା। ପ୍ରଶମନ ଏବଂ ଅନୁକୂଳନର ଏହି ଦ୍ୱୈତ ଉଦ୍ଦେଶ୍ୟ ହେଉଛି ପ୍ୟାରିସ ଜଳବାୟୁ ଚୁକ୍ତିନାମା ୨୦୧୫ର ଲକ୍ଷ୍ୟ ପୂରଣ ଦିଗରେ ବିଶ୍ୱସ୍ତରୀୟ ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା ବିଶ୍ୱ ତାପମାତ୍ରା ବୃଦ୍ଧିକୁ ଦୁଇ ଡିଗ୍ରୀ ସେଲସିୟସ ତଳେ ନିୟନ୍ତ୍ରିତ କରିବାର ପ୍ରଚେଷ୍ଟାକୁ ଗୁରୁତ୍ୱ ପ୍ରଦାନ ସହ ଏହି ବୃଦ୍ଧିକୁ ଦେଢ଼ ଡିଗ୍ରୀ ମଧ୍ୟରେ ସୀମିତ ରଖିବାର ପ୍ରୟାସ ଜାରି ରଖେ।

ଜଳବାୟୁ ପାଣ୍ଠି ୨୪ ଜଣ ସଦସ୍ୟଙ୍କୁ ନେଇ ଗଠିତ ଏକ ବୋର୍ଡ଼ ଦ୍ୱାରା ପରିଚାଳିତ ହୁଏ, ଯେଉଁଥିରେ ଉଭୟ ବିକଶିତ ଏବଂ ବିକାଶଶୀଳ ରାଷ୍ଟ୍ରମାନଙ୍କର ସମାନ ସଂଖ୍ୟକ ସଦସ୍ୟ ଅନ୍ତର୍ଭୁକ୍ତ । ଏହି ପାଣ୍ଠି ୟୁଏନଏଫ୍‌ସିସିର ମାର୍ଗଦର୍ଶନରେ କାର୍ଯ୍ୟ ସମ୍ପାଦନ କରେ ଏବଂ ଏହାର ମୁଖ୍ୟାଳୟ ଦକ୍ଷିଣ କୋରିଆର ସୋଙ୍ଗଡ଼ୋରେ ଅବସ୍ଥିତ। ଏହା ଫ୍ରେମୱାର୍କ କନ୍‌ଭେନସନ ବାର୍ଷିକ ସଦସ୍ୟ ସମ୍ମିଳନୀ (କପ୍) ପ୍ରତି ଉତ୍ତରଦାୟୀ ରହେ, କିନ୍ତୁ ଏହା ନିଜସ୍ୱ



କାର୍ଯ୍ୟକ୍ଷମ ନୀତି ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ସହିତ ଏକ ସ୍ୱାଧୀନ ଆଇନଗତ ସଂସ୍ଥା ଭାବରେ କାର୍ଯ୍ୟ ସମ୍ପାଦନ କରେ। ବିକଶିତ ରାଷ୍ଟ୍ର ଏବଂ ଅନ୍ୟାନ୍ୟ ବଦାନ୍ୟ ଦାତାମାନଙ୍କ ଦ୍ୱାରା ପ୍ରଦତ୍ତ ପ୍ରତିଶ୍ରୁତି ମାଧ୍ୟମରେ ଏହି ପାଣ୍ଠିକୁ ଅର୍ଥ ଯୋଗାଇ ଦିଆଯାଏ। ୨୦୨୪ ସୁଦ୍ଧା, ଜିସିଏଫ ଏହାର ପ୍ରତିଷ୍ଠା ପରଠାରୁ ୨୦ ବିଲିୟନ ଡଲାରରୁ ଅଧିକ ପ୍ରତିଶ୍ରୁତି ସଂଗ୍ରହ କରିଛି। ଯୁକ୍ତରାଷ୍ଟ୍ର ଆମେରିକା, ଜର୍ମାନୀ, ବ୍ରିଟେନ, ଜାପାନ ଏବଂ ଫ୍ରାନ୍ସ ଭଳି ଧନିକ ରାଷ୍ଟ୍ର ସର୍ବାଧିକ ଅର୍ଥ ପ୍ରଦାନକାରୀମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ।

ଏହି ପାଣ୍ଠି ଜଳବାୟୁ ସ୍ଥିରତାକୁ ପ୍ରୋତ୍ସାହିତ କରୁଥିବା ଏବଂ ଅଙ୍ଗାରକ ନିର୍ଗମନ ହ୍ରାସ କରୁଥିବା ପ୍ରକଳ୍ପ ଏବଂ କାର୍ଯ୍ୟକ୍ରମଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରେ। ଏଥିରେ ନବୀକରଣୀୟ ଶକ୍ତି ଉତ୍ପାଦନ, ସହନୀୟ କୃଷି ପଦ୍ଧତି, ଉନ୍ନତ ଜଳ ପରିଚାଳନା, ପ୍ରାରମ୍ଭିକ ବିପର୍ଯ୍ୟୟ ଚେତାବନୀ ବ୍ୟବସ୍ଥା ଏବଂ ଜଳବାୟୁ-ସ୍ଥାପକ ଭିତ୍ତିଭୂମି ନିର୍ମାଣରେ ଅର୍ଥ ନିବେଶ ଅନ୍ତର୍ଭୁକ୍ତ। ଏହି ପାଣ୍ଠି ଏକ ରାଷ୍ଟ୍ରର ସ୍ୱତ୍ୱାଧିକାର ଉପରେ ଗୁରୁତ୍ୱ ପ୍ରଦାନ କରେ, ଅର୍ଥାତ ବିକାଶଶୀଳ ଦେଶଗୁଡ଼ିକ ସେମାନଙ୍କର ନିଜସ୍ୱ ଜଳବାୟୁ ପ୍ରାଥମିକତା ଏବଂ ପ୍ରସ୍ତୁତ ଯୋଜନା ଆଧାରରେ ପ୍ରକଳ୍ପଗୁଡ଼ିକର ନେତୃତ୍ୱ ନେବେ। ପାଣ୍ଠିର ଏକ ଅନନ୍ୟ ବୈଶିଷ୍ଟ୍ୟ ହେଉଛି ଜଳବାୟୁ ଅନୁକୂଳନ (ଖାପ ଖୁଆଇବା) ଏବଂ ପ୍ରଶମନ ପ୍ରୟାସ ମଧ୍ୟରେ ସମାନ ଭାବରେ ପାଣ୍ଠିର ସନ୍ତୁଳିତ ବଣ୍ଟନକୁ ସୁନିଶ୍ଚିତ କରିବା। ଏହା ଏକ ଗୁରୁତ୍ୱପୂର୍ଣ୍ଣ ବାସ୍ତବତା ଯେ ବନ୍ୟା ପ୍ରତିରକ୍ଷା ପଦ୍ଧତିର ନିର୍ମାଣ କିମ୍ବା ମରୁଡ଼ି ପ୍ରତିରୋଧୀ ଫସଲର ବିକାଶ ପରି ଅନୁକୂଳନ ପ୍ରକଳ୍ପମାନ, ସୌରଶକ୍ତି ଫାର୍ମ ବା ପବନ ଟର୍ବାଇନ ପ୍ରକଳ୍ପ ପରି ପ୍ରଶମନ ପଦକ୍ଷେପ ତୁଳନାରେ କମ୍ ପାଣ୍ଠି ପାଇଥାନ୍ତି। ଅଧିକନ୍ତୁ ବ୍ୟବସ୍ଥାର ଅତି କମ୍‌ରେ ୫୦% ଅନୁକୂଳନ ପାଣ୍ଠିକୁ ସବୁଠାରୁ ଦୁର୍ବଳ ଦେଶଗୁଡ଼ିକୁ ପ୍ରଦାନ କରାଯାଏ, ଯେଉଁଥିରେ ସର୍ବନିମ୍ନ ବିକଶିତ ରାଷ୍ଟ୍ର, କ୍ଷୁଦ୍ର ଦ୍ୱୀପ ବିକାଶଶୀଳ ରାଷ୍ଟ୍ର ଏବଂ ଆଫ୍ରିକୀୟ ଦେଶମାନେ ଅନ୍ତର୍ଭୁକ୍ତ। ଏହି ଦେଶଗୁଡ଼ିକ ଜଳବାୟୁ ପରିବର୍ତ୍ତନ ଦ୍ୱାରା ବର୍ଦ୍ଧିତ ମାତ୍ରାରେ ପ୍ରଭାବିତ ହୋଇଥାନ୍ତି, କିନ୍ତୁ ଆର୍ଥିକ ଏବଂ ବୈଷୟିକ ସମ୍ବଳର ଅଭାବ ପରିପ୍ରେକ୍ଷୀରେ ପ୍ରଭାବଶାଳୀ ଭାବରେ ଏହା ବିରୋଧରେ କାର୍ଯ୍ୟକ୍ରମ ଗ୍ରହଣରେ ପ୍ରାୟତଃ ଅସମର୍ଥ ହୁଅନ୍ତି।

ନିକଟରେ ଘାନା, ମାଳଦ୍ୱୀପ ଏବଂ ମୌରିଟାନିଆରେ ଜଳବାୟୁ ସ୍ଥିରତାକୁ ସୁଦୃଢ଼ କରିବା ନିମନ୍ତେ ସବୁଜ ଜଳବାୟୁ ପାଣ୍ଠି ୧୨୦ ନିୟୁତ ଡଲାରରୁ ଅଧିକ ଅର୍ଥ ନୂତନ ଭାବେ ଅନୁମୋଦନ କରିଛି। ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି) ପ୍ରକୃତି-ଆଧାରିତ ସମାଧାନ, ଜଳବାୟୁ-ସ୍ଥାପକ କୃଷି, ପ୍ରାରମ୍ଭିକ ଚେତାବନୀ ପ୍ରଣାଳୀ ଏବଂ ଉନ୍ନତ ଜଳ ସୁରକ୍ଷା ମାଧ୍ୟମରେ ଜଳବାୟୁ ପରିବର୍ତ୍ତନର କ୍ରମବର୍ଦ୍ଧିଷ୍ଣୁ ଗମ୍ଭୀର ପ୍ରଭାବକୁ ପୂର୍ବାନୁମାନ କରିବା ଏବଂ ଅନୁକୂଳନ କରିବାରେ ଦୁର୍ବଳ ସମ୍ପ୍ରଦାୟଗୁଡ଼ିକୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଏହି ପ୍ରକଳ୍ପଗୁଡ଼ିକ ବିକଶିତ କରିଛି। ଆଗ୍ରହୀ ରାଷ୍ଟ୍ରମାନେ ବହୁପକ୍ଷୀୟ ବିକାଶ ବ୍ୟାଙ୍କ, ଜାତିସଂଘର ବିବିଧ ସଂସ୍ଥା, ରାଷ୍ଟ୍ରୀୟ ମନ୍ତ୍ରଣାଳୟ ଏବଂ ସ୍ଥାନୀୟ ସଂଗଠନ ସମେତ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ସଂସ୍ଥା ମାଧ୍ୟମରେ ପାଣ୍ଠି ହାସଲ କରିପାରିବେ। ଏହି ସଂସ୍ଥାମାନଙ୍କ ମାଧ୍ୟମରେ ଦାଖଲ ହୋଇଥିବା ପ୍ରକଳ୍ପ ପ୍ରସ୍ତାବ ଜଳବାୟୁ ପାଣ୍ଠି ବୋର୍ଡ଼ ଦ୍ୱାରା ସମୀକ୍ଷା ଏବଂ ଅନୁମୋଦିତ ହୋଇଥାଏ। ପରିବେଶଗତ ଏବଂ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ସମସ୍ତ ପ୍ରକଳ୍ପକୁ କଠୋର ମୂଲ୍ୟାଙ୍କନ ପ୍ରକ୍ରିୟା ମଧ୍ୟ ଦେଇ ଯିବାକୁ ପଡ଼େ। ଏହା ସହିତ ଜଳବାୟୁ ପାଣ୍ଠି ଦେଶଗୁଡ଼ିକୁ ସେମାନଙ୍କର ସାଂଗଠନିକ କ୍ଷମତାକୁ ସୁଦୃଢ଼ କରିବା, ରଣନୈତିକ ଢାଞ୍ଚା ବିକଶିତ କରିବା ଏବଂ ଉଚ୍ଚମାନର ପ୍ରକଳ୍ପ ପ୍ରସ୍ତାବସବୁର ନିର୍ମାଣ କରିବାରେ ଆବଶ୍ୟକ ପ୍ରସ୍ତୁତି ସହାୟତା ପ୍ରଦାନ କରେ।

ଏହାର ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟାଦେଶ ସତ୍ତ୍ୱେ, ଜଳବାୟୁ ପାଣ୍ଠି ସମ୍ପ୍ରତି ଅନେକ ଆହ୍ୱାନର ସମ୍ମୁଖୀନ ହେଉଛି। ଏଥିରେ ଥିବା ପ୍ରତିବନ୍ଧକ ମଧ୍ୟରେ ପାଣ୍ଠି ବଣ୍ଟନରେ ବିଳମ୍ବ, ଜଟିଳ ଆବେଦନ ପ୍ରକ୍ରିୟା ଏବଂ ପ୍ରଶାସନିକ ଅପାରଗତା ଅନ୍ତର୍ଭୁକ୍ତ। ଏହି ପରିପ୍ରେକ୍ଷୀରେ, ବିକାଶଶୀଳ ଦେଶ ଏବଂ ନାଗରିକ ସମାଜ ସଂଗଠନମାନେ ଅଧିକ ସ୍ୱଚ୍ଛତା, ସରଳୀକୃତ ପ୍ରକ୍ରିୟା ଏବଂ ପାଣ୍ଠିର ପ୍ରତ୍ୟକ୍ଷ ଉପଲବ୍ଧତା ବୃଦ୍ଧି ନିମନ୍ତେ ଆହ୍ୱାନ ଜଣାଉଛନ୍ତି। ଅନ୍ୟପକ୍ଷରେ, କିଛି ବିକଶିତ ରାଷ୍ଟ୍ର ସେମାନଙ୍କର ଆର୍ଥିକ ପ୍ରତିଶ୍ରୁତି ପୂରଣ କରିବାରେ ମନ୍ଥରତା ପ୍ରଦର୍ଶନ କରୁଛନ୍ତି, ଯାହା ଜଳବାୟୁ ଆର୍ଥିକ ବ୍ୟବସ୍ଥାର ନିଶ୍ଚିତତା ଏବଂ ପର୍ଯ୍ୟାପ୍ତତା ବିଷୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିବିଧ ପ୍ରତିବନ୍ଧକର ସମ୍ମୁଖୀନ ହେବା ସତ୍ତ୍ୱେ, ଏକ ନ୍ୟାୟସଙ୍ଗତ, ଯଥାର୍ଥ ଏବଂ ସହନୀୟ ଜଳବାୟୁ ପରିବର୍ତ୍ତନ ସମାଧାନକୁ ସକ୍ଷମ ଓ କାର୍ଯ୍ୟକାରୀ କରିବାରେ ଏହି ପାଣ୍ଠିର ଭୂମିକା ଅପରିହାର୍ଯ୍ୟ।

**କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ: ୯୪୩୭୦୭୬୧୦୦**

# ଆତ୍ମବିଶ୍ୱାସ



ଡ. ନାରାୟଣ ବାରିକ୍

ନିଜ ମନକୁ ଜାଣିବା ପାଇଁ ଆତ୍ମବିଶ୍ୱାସର ଆବଶ୍ୟକତା ଅଛି। ଆତ୍ମବିଶ୍ୱାସ ମନର ସୀମାସରହଦର ବ୍ୟାପ୍ତକୁ ଦର୍ଶାଇଥାଏ। ଆଗକୁ ଯିବାର ଶକ୍ତି ଦିଏ। ମନର ଦୁର୍ବଳତା କ୍ରମଶଃ ଦୂରେଇଯାଏ। ମନ ଭିତରେ ନୂତନ ଶକ୍ତିର ସଂଚାର ହୁଏ। ଆତ୍ମବିଶ୍ୱାସ ମନେହେଉଥିବା କଥାଟି ବିଶ୍ୱାସରେ ପରିଣତ ହୁଏ। ଆଉ ସେହି ଦୃଢ଼ବିଶ୍ୱାସ ଆମକୁ ଘେରାବନ୍ଦୀ କରୁଥିବା ପରିବେଶରୁ ଉନ୍ମୁକ୍ତ କରି ଆମ ଚେତନାର ଶୀର୍ଷକୁ ଛୁଇଁଯାଏ। ଆମେ ଆମ ଈପ୍ସିତ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ସମର୍ଥ ହୋଇଥାଉ।

ନେପୋଲିଅନ୍ ଥରେ କହିଥିଲେ, ଦୁନିଆରେ ଅସାଧ ଏବଂ କଷ୍ଟକର ବୋଲି କିଛି ନାହିଁ। ଆମେ ବ୍ୟବହାର କରୁଥିବା 'ଅସାଧ' ଶବ୍ଦଟି କେବଳ ଅଭିଧାନରେ ମିଳିଥାଏ। ଥରେ ନିଜର ସୁନ୍ଦର, ସୁସ୍ଥ ଓ ସ୍ୱଚ୍ଛ ମନକୁ ନେଇ ଦେଖନ୍ତୁ। ଆପଣଙ୍କ ଚେଷ୍ଟା ବ୍ୟର୍ଥ ଯିବ ନାହିଁ, ସାହସ ଭାଙ୍ଗିଯିବ ନାହିଁ। ଆପଣଙ୍କର ଏ ଦୁଃସ୍ଥିତି ରହିବ ନାହିଁ। ଆପଣ ଆଦୌ ହତାଶ ହୁଅନ୍ତୁ ନାହିଁ। ଆପଣଙ୍କର ଏ ଇଚ୍ଛାଶକ୍ତିର ଦୃଢ଼ତା ଅପ୍ରକାଶ୍ୟ। ଏଥିରେ ଅନେକ ରହସ୍ୟ ରହିଛି। ଏହା ନକାରକୁ ସକାର କରିଦେବ। ଆପଣଙ୍କ ମନ ଯେପରି କହୁଛି ଆପଣ ସେଠାରେ ନିଶ୍ଚୟ ପହଞ୍ଚିବେ।

ମନେପକାନ୍ତୁ ଆମେରିକାର ସର୍ବଶ୍ରେଷ୍ଠ ଉଦ୍ଭାବକ ଥୋମାସ ଏଡିଶନ୍‌ଙ୍କ କଥା। ତାଙ୍କର ଜୀବନ ପ୍ରତି ଏକ ଅସାଧାରଣ ଧାରଣା ଥିଲା। ଯାହା ତାଙ୍କ କାର୍ଯ୍ୟ କ୍ଷମତାକୁ ବହୁଗୁଣରେ ପରିବର୍ଦ୍ଧିତ କରୁଥିଲା। ସେଥିପାଇଁ ଯେତେବେଳେ ଅନ୍ୟମାନେ ବିଦ୍ୟୁତ୍ ଆଲୋକ ବିକାଶ କରିବା ପାଇଁ ହଜାର ହଜାର ଥର ବିଫଳ ହୋଇ, ଏ କ୍ଷେତ୍ରରୁ ଦୂରେଇ ଯାଉଥିଲେ, ସେତେବେଳେ ପ୍ରତ୍ୟେକ ଅସଫଳ ପରୀକ୍ଷଣକୁ ସଫଳତାର ଗୋଟିଏ ଗୋଟିଏ ପାହାଚ୍ ଭାବି ଏଡିଶନ୍ ଆଗେଇ ଚାଲିଥିଲେ। ଏହାଦ୍ୱାରା ସେ ସଫଳତାର ଖୁବ୍ ନିକଟତର ହେଉଥିଲେ। ସେଥିପାଇଁ ତାଙ୍କ ରେକର୍ଡ ଅନୁସାରେ ଏଡିଶନ୍ ୨୭୭୪ ଥର ବିଫଳ ହେବାପରେ ଫ୍ଲୋରେସେଣ୍ଟ ବିଦ୍ୟୁତ୍ ବଲ୍‌ବ ଉଦ୍ଭାବନ କରିବାକୁ ସଫଳ ହୋଇଥିଲେ।

ଏଡିଶନ୍ ପାରମ୍ପରିକ ବିଦ୍ୟାଳୟ ଶିକ୍ଷା ପାଇ ପାରି ନ ଥିଲେ। ଏହାର କାରଣ ଥିଲା ସେ ବିଦ୍ୟାଳୟରେ ଆବଶ୍ୟକତାଠାରୁ କମ୍ ନମ୍ବର ରଖୁଥିଲେ ଓ ଶ୍ରେଣୀରେ ଶିକ୍ଷକଙ୍କୁ ବାରମ୍ବାର ପ୍ରଶ୍ନ ପଚାରି ବ୍ୟତିବ୍ୟସ୍ତ କରିଦେଉଥିଲେ। ମାନକ ନମ୍ବରରୁ କମ୍ ନମ୍ବର ପାଇଁ ଏଡିଶନ୍‌ଙ୍କୁ ଶେଷରେ ସ୍କୁଲ୍‌ରୁ ବାହାର କରି ଦିଆଯାଇଥିଲା। ସେଥିପାଇଁ ତାଙ୍କ ମା' ତାଙ୍କୁ ପଢ଼ିବା ଓ ଲେଖିବା ଶିଖାଇଥିଲେ। ଏହାଛଡ଼ା ତାଙ୍କ ମା' ମଧ୍ୟ ତାଙ୍କୁ ଗଣିତ ଶିକ୍ଷାଦାନ କରିବା ସହ ପଢ଼ିବା ପାଇଁ ଉତ୍ସାହିତ କରୁଥିଲେ। ଏଡିଶନ୍ ଶ୍ରବଣ ବାଧିତ ଥିବାରୁ ଅନ୍ୟମାନଙ୍କ କଥାକୁ ଶୁଣି ପାରୁ ନ ଥିଲେ। ମାତ୍ର ଏହାକୁ ସେ ଈଶ୍ୱରଙ୍କ ବରଦାନ ବୋଲି ଭାବୁଥିଲେ। କାରଣ ସେ କାହା କଥାରେ ବିଭ୍ରାନ୍ତିରେ ପଡୁନାହାନ୍ତି ବୋଲି ଜାଣିଥିଲେ। ତେଣୁ ସେ ବିଭିନ୍ନ ବିଷୟ ବିଭିନ୍ନ ପୁସ୍ତକରୁ ପଢ଼ି ଜ୍ଞାନ ହାସଲ କରିବା ସହ ସବୁଥିରେ ନିଜର ଧ୍ୟାନକୁ କେନ୍ଦ୍ରୀଭୂତ କରିପାରୁଥିଲେ। କ୍ରମେ ତାଙ୍କର ପାଠପଢ଼ା ପ୍ରତି କୌତୂହଳ ବୃଦ୍ଧି ପାଇଲା ଓ ସେ ନିଜର ଆତ୍ମବିଶ୍ୱାସକୁ ସୁଦୃଢ଼ କରି ନିଜର



ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ପ୍ରୟାସ ଜାରି ରଖିଲେ। ଏଡିଶନ୍ ପରିବାରର ଭରଣପୋଷଣ ପାଇଁ ଖୁବ୍ କମ୍ ବୟସରୁ ଜଣେ ବ୍ୟବସାୟୀ ପାଲଟି ଯାଇଥିଲେ। ମାତ୍ର ଦଶବର୍ଷ ବୟସରୁ ସେ ମିଠା ଓ ଖବରକାଗଜ ବିକୁଥିଲେ। ତାଙ୍କୁ ଷୋହଳବର୍ଷ ହେବା ବେଳକୁ ସେ ଟେଲିଗ୍ରାଫ୍ ଚଳାଇବା ଶିଖି ଲୋକମାନଙ୍କୁ ଆବଶ୍ୟକ ସେବା ଯୋଗାଇ ଦେଉଥିଲେ। ସେହିପରି ରାଇଟ୍ ଭ୍ରାତୃଦ୍ୱୟ ଲୋକହସାକୁ ବେଖାତିର କରି ଆକାଶରେ ଉଡ଼ିବାର ଯେଉଁ ଚେଷ୍ଟା ଜାରି ରଖିଥିଲେ, ତାହାର ଫଳ ସ୍ୱରୂପ ମଣିଷ ଆଜି ଆକାଶ ଓ ମହାକାଶକୁ ଗମନ କରିପାରିଛି।

ଆତ୍ମବିଶ୍ୱାସ ଥିଲେ ଜଣେ ଶାରୀରିକ ଅସାମର୍ଥ୍ୟ ବ୍ୟକ୍ତି ବି ଗିରି ଲଘଂନ କରିପାରେ। ଗୋପବନ୍ଧୁଙ୍କ ଭାଷାରେ ସାହସୀ ମଣିଷ ନିଜ ବୀରପଣିଆ ମନଯୋଗୁ ଆଗକୁ ଯାଏ ସିନା, ପଛକୁ ଫେରେନାହିଁ। କୌଣସି ପ୍ରତିକୂଳ ପରିସ୍ଥିତିକୁ ସେ ଭ୍ରୂକ୍ଷେପ କରି ନ ଥାଏ।

ଏହି ଆତ୍ମବିଶ୍ୱାସର ତିନୋଟି ସ୍ତର ଅଛି, ଯେପରିକି ଭାବନା ଆଧାରିତ, ବିଶ୍ୱାସ ଆଧାରିତ ଏବଂ ଜ୍ଞାନ ଆଧାରିତ। ପ୍ରତ୍ୟେକ ମଣିଷ ତା'ର ଲକ୍ଷ୍ୟ ହାସଲ କରିବାକୁ ଏହି ତିନୋଟି ସ୍ତରର ମିଶ୍ରଣରେ ଆଗକୁ ଚାଲିଥାଏ। ଏହା ଜୀବନର ସଫଳତାକୁ ସହଜ କରି ଦେଇଥାଏ। ବିଦ୍ୟାଳୟ ସ୍ତରରେ ହେଉ କିମ୍ବା ନିଜର କର୍ମ କ୍ଷେତ୍ରରେ ବା ବିପଦ ସମୟରେ କୌଣସି ସିଦ୍ଧାନ୍ତ ନେବା ସମୟରେ ହେଉ, ମନୁଷ୍ୟ ଯେତେବେଳେ ସ୍ୱେଚ୍ଛାକୃତ ଭାବରେ ପଦକ୍ଷେପ ନିଏ, ସେତେବେଳେ ସେ ସକ୍ରିୟ ଭାବେ ଜୀବନରେ ଆଗକୁ ଯାଇଥାଏ । କାରଣ ସେମାନେ ସ୍ୱନିଷ୍ପତ୍ତି ନେବାରେ ଦୃଢ଼ଚେତା ଥାଆନ୍ତି ଏବଂ ଏହି ପ୍ରକ୍ରିୟାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥାନ୍ତି। ଏହାର ମୂଳ ହେତୁ ହେଉଛି ସେମାନେ ନିଜ ଉପରେ ପୂର୍ଣ୍ଣ ବିଶ୍ୱାସ ରଖି ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସୀ ସାଜି ସାରିଥାନ୍ତି। ବାସ୍ତବରେ ସେଥିପାଇଁ କୁହାଯାଏ ଜଣେ ବ୍ୟକ୍ତି ଯଦି ନିଜ ବିଷୟରେ ଆତ୍ମବିଶ୍ୱାସୀ, ସେ ଅଧା ଯୁଦ୍ଧ ଜିତି ଯାଇଛି ବୋଲି ଜାଣିବାକୁ ହେବ।

ଭାରତର ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ୍ କଲାମ୍‌ଙ୍କର ବୈଜ୍ଞାନିକ ସଫଳତା ଓ ଲୋକପ୍ରିୟତା ତାଙ୍କୁ ଆଜି 'କ୍ଷେପଣାସ୍ତ୍ର ପୁରୁଷ' ଏବଂ 'ଜନତା ରାଷ୍ଟ୍ରପତି' ଭାବରେ ସର୍ବତ୍ର ବିଦିତ କରିପାରିଛି। କଲାମ୍ ଏକ ଦରିଦ୍ର ପରିବାରରୁ ଆସିଥିଲେ ମଧ୍ୟ ତାଙ୍କର ଦୃଢ଼ ମନୋବଳ ଓ ବଳିଷ୍ଠ ଆତ୍ମବିଶ୍ୱାସ ଯୋଗୁ ସେ ତାଙ୍କର ଶିକ୍ଷାକୁ ଜାରିରଖିଥିଲେ। ଶେଷରେ ନିଜର ନିଷ୍ଠା, ଆତ୍ମବିଶ୍ୱାସ ଓ ଗଭୀର ଅଧ୍ୟବସାୟ ବଳରେ ସେ ମାଡ୍ରାସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ଏରୋନଟିକାଲ୍ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରି ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନରେ ଯୋଗ ଦେବାକୁ ସକ୍ଷମ ହୋଇଥିଲେ।

ଯେଉଁମାନେ ଶାନ୍ତ, ସରଳ ଓ ସ୍ଥିର ହୋଇ ସଂଯମତା ରକ୍ଷା କରନ୍ତି, ସେମାନଙ୍କ ପାଇଁ ସବୁକିଛି ସହଜ ଓ ସରଳ ମନେହୁଏ। ସେମାନେ ଜୀବନରେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ନିଜର କ୍ଷମତା ଉପରେ ବିଶ୍ୱାସ କରି କାର୍ଯ୍ୟଟି ସମ୍ପାଦନ କରିବାକୁ ଯଥେଷ୍ଟ ଆତ୍ମବିଶ୍ୱାସୀ ହୋଇଥାନ୍ତି। ସେମାନଙ୍କର ସକାରାତ୍ମକ ଚିନ୍ତା ସେମାନଙ୍କଠାରେ ଓ ସେମାନଙ୍କ ମନରେ ନିରନ୍ତର ଆତ୍ମବିଶ୍ୱାସ ସୃଷ୍ଟି କରି ଚାଲିଥାଏ।

**ଓଡ଼ିଆ ଭାଷା ପ୍ରଶିକ୍ଷଣ ବିଶେଷଜ୍ଞ, ଶିକ୍ଷକ-ଶିକ୍ଷା ବିଭାଗ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ମୋ: ୯୩୪୮୯୪୮୫୪୭**

## ଏଇ ଭାରତରେ

ପରିବେଶ ସ୍ୱଚ୍ଛ ରଖିବା ପାଇଁ ଜୈବ ଇନ୍ଧନ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରି କେବଳ ସୌର ଶକ୍ତିରେ ରୋଷେଇ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି ରାଜସ୍ଥାନସ୍ଥିତ ବ୍ରହ୍ମାକୁମାରୀର ଶାନ୍ତିବନ କମ୍ପ୍ଲେକ୍ସ। ଏଠାରେ ବିନା ଜୈବ ଇନ୍ଧନ ଓ ଜାଳେଣି କାଠରେ ଏବଂ ବିନା ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନରେ ଦିନକୁ ପାଖାପାଖି ୫୦,୦୦୦ ମିଲ୍ ପ୍ରସ୍ତୁତ କରାଯାଉଛି। ସ୍ୱଚ୍ଛଶକ୍ତିର ଏହା ଏକ ବଡ଼ ଦୃଷ୍ଟାନ୍ତ। ଶାନ୍ତିବନ କମ୍ପ୍ଲେକ୍ସରେ ୮୪ଟି ବୃହତ୍ ରିଫ୍ଲେକ୍ଟର ଲଗାଯାଇଛି। ପ୍ରତ୍ୟେକଟି ରିଫ୍ଲେକ୍ଟରର ସର୍ଫେସ ଏରିଆ ହେଉଛି ୯.୨ ମିଟର। ସୂର୍ଯ୍ୟଙ୍କ ଗତି ଅନୁସାରେ ଏହା ମଧ୍ୟ ବିଭିନ୍ନ ଦିଗରୁ ଘୂରି ପାରୁଛି। ସୂର୍ଯ୍ୟାଲୋକ ରିଫ୍ଲେକ୍ଟରର ଫୋକାଲ କେନ୍ଦ୍ରରେ ପଡ଼ିବା ପରେ ତାପମାତ୍ରା ୮୦୦ ଡିଗ୍ରୀ ସେଣ୍ଟିଗ୍ରେଡକୁ ଛୁଇଁଥାଏ। ଏଠାରେ କୌଣସି ସୋଲାର ପ୍ୟାନେଲ ବ୍ୟବହାର ହେଉନାହିଁ। କେବଳ ସୋଲାର ତାପଜ ଶକ୍ତିରେ ରୋଷେଇ ହେଉଛି। ଏହି ସୌର ରୋଷଶାଳାରେ ଶାକାହାରୀ ପୌଷ୍ଟିକ ଖାଦ୍ୟ ରନ୍ଧାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୯ ଜୁଲାଇ ୧୯୭୬**

- ରାଜ୍ୟରେ ହସ୍ତତନ୍ତ ଶିଳ୍ପର ବିକାଶ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ୨ଟି ନୂଆ ଯୋଜନାକୁ ଅନୁମୋଦନ କରିଛନ୍ତି।
- ବ୍ରିଟେନରେ ରହୁଥିବା ଭାରତୀୟ ଶିଖ୍‌ମାନେ ମଟରସାଇକେଲରେ ଯିବାଆସିବା ବେଳେ ବାଧ୍ୟତାମୂଳକ ଭାବେ ହେଲ୍‌ମେଟ ପିନ୍ଧିବା ବଦଳରେ ପଗଡ଼ି ପିନ୍ଧିପାରିବେ ବୋଲି ଏକ ବିଲ୍ କମନ୍ସ ସଭାରେ ଗୃହୀତ ହୋଇଯାଇଛି।

## ଚିରନ୍ତନୀ

ଗାଇ ବିଦାୟର ଡାକ
ନୀଡ଼େ ଚଳେ ଶୁକ କାକ
ସନ୍ଧ୍ୟା ଆସେ ଗଭୀର ବିଷାଦେ,
ଦୂରଗ୍ରାମେ ଜଳେ ଦୀପ
ଦୂର ବନଗିରି ନୀପ
ମଉଳଇ କିବା ଅବସାଦେ !
–(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | 1 | | | | | 5 | | |
| | 6 | 7 | | 2 | 3 | | | |
| | 3 | | | | | | 9 | |
| | | 5 | 6 | 4 | | | | 1 |
| 7 | | | | | | 6 | | |
| 1 | | | | 8 | | | | 9 |
| | | | | | | | 3 | |
| | | | | | | | 1 | |
| | 5 | 9 | 4 | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 9 | 3 | 4 | 8 | 2 | 1 | 7 |
| 3 | 7 | 8 | 2 | 6 | 1 | 5 | 4 | 9 |
| 1 | 4 | 2 | 7 | 9 | 5 | 6 | 8 | 3 |
| 5 | 3 | 4 | 8 | 1 | 6 | 9 | 7 | 2 |
| 8 | 6 | 7 | 9 | 2 | 4 | 3 | 5 | 1 |
| 2 | 9 | 1 | 5 | 3 | 7 | 8 | 6 | 4 |
| 7 | 2 | 5 | 1 | 8 | 9 | 4 | 3 | 6 |
| 4 | 8 | 3 | 6 | 7 | 2 | 1 | 9 | 5 |
| 9 | 1 | 6 | 4 | 5 | 3 | 7 | 2 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ତୁଳସୀ କ୍ଷେତ୍ରର ଉନ୍ନତି କେବେ

ମହାଶୟ,

ଓଡ଼ିଶାର ଦ୍ୱିତୀୟ ତୀର୍ଥ ଧାମ ହେଉଛି ତୁଳସୀ କ୍ଷେତ୍ର। କାହିଁ କେଉଁ କେତେ ଯୁଗ ଧରି ସିଦ୍ଧ ବଳଦେବଜୀଉ ବିଦ୍ୟମାନ। ରାଜ୍ୟର ଐତିହ୍ୟ, ସଂସ୍କୃତି, ଭକ୍ତଙ୍କ ଆବେଗ ଓ ମହାନ୍ ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନଲୋଭା, ଶୋଭନୀୟ ଏବଂ ମୋହିତ ବିଦ୍ୟମାନ ତୁଳସୀ କ୍ଷେତ୍ର। ସୂଚନାଯୋଗ୍ୟ ଉକ୍ତ ଭକ୍ତି ତୀର୍ଥ ଆଜି ସମ୍ପୂର୍ଣ୍ଣ ଅବହେଳିତ । ଏଭଳି ଏକ କ୍ଷେତ୍ର ତୀର୍ଥ ଧାମ ଯେଉଁଠାରେ ଭକ୍ତ, ଭକ୍ତି ଓ ଭଗବାନ ସିଦ୍ଧ ବଳଦେବଜୀ ଏକାକାର ହୋଇଯାନ୍ତି। ପ୍ରତ୍ୟେକ ସୁପ୍ରଭାତରେ କାହିଁ ଲକ୍ଷ ଲକ୍ଷ ଯୋଜନରୁ ପରିଦର୍ଶକ, ଆବାଳ ବୃଦ୍ଧବନିତା, ଭକ୍ତଗଣ, ତଥା ପରିବ୍ରାଜକଙ୍କ ଦ୍ୱାରା ପରିବେଷିଣ ହୋଇଥାଏ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ। ଏହା ସହ ବହୁଳ ମାତ୍ରାରେ ଭକ୍ତି ସଙ୍ଗୀତ, ଜଣାଣ, ଚଉପଦି, ଛାନ୍ଦ, ଓଡ଼ିଶୀ କଳାର ନୃତ୍ୟ ସହିତ ଭକ୍ତି ସଙ୍ଗୀତ ପରିବେଷଣ କରାଯାଏ। ପ୍ରତ୍ୟେକଦିନ ସାଂସ୍କୃତିକ କାର୍ଯ୍ୟକ୍ରମ କ୍ରମାନ୍ୱୟରେ ଗଢ଼ି ପ୍ରଗତିରେ ଚଳଚଞ୍ଚଳ ହୁଏ। ଅତୀବ ଦୁଃଖଦ ବିଷୟ ଆଜି ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସର୍ବାଙ୍ଗ ଉନ୍ନତି ସ୍ୱପ୍ନ। ରାଜ୍ୟ ସରକାର ଏ ଦିଗରେ ବିଶେଷ ନଜର ଦେଇ ତୁଳସୀ କ୍ଷେତ୍ରର ଉନ୍ନତି କରିବା ଲାଗି ପଦକ୍ଷେପ ନିଅନ୍ତୁ।

**–ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପରିବାର ନିୟୋଜନ ଅପରେଶନ ବେଳେ ଖାଦ୍ୟନଳୀ କଟିଲା

ଟିଟିଲାଗଡ,(ଶରତ ମିଶ୍ର): ବଲାଙ୍ଗୀର ଜିଲା ଟିଟିଲାଗଡସ୍ଥିତ ମାତୃ ଓ ଶିଶୁ ହସ୍ପିଟାଲରେ ପରିବାର ନିୟୋଜନ ଅସ୍ତ୍ରୋପଚାର ଚାଲିଥିବା ବେଳେ ଜଣେ ମହିଳାଙ୍କ ଖାଦ୍ୟନଳୀ କଟି ଯାଇଥିଲା। ପରେ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ସଇଁତଲା ବ୍ଲକ ତୁକେର୍ଚେରା ଗାଁର ଅନିତା ତାଣ୍ଡିଙ୍କୁ ଶୁକ୍ରବାର ହସ୍ପିଟାଲ ରେ ଭର୍ତ୍ତି କରାଯାଇଥିଲା। ଅସ୍ତ୍ରୋପଚାର ସମୟରେ ଖାଦ୍ୟ ନଳୀ କଟି ଯାଇଥିବା ନେଇ ପରିବାର ଲୋକଙ୍କୁ ଡାକ୍ତର ସୂଚନା ଦେଇଥିଲେ। ଏ ସମ୍ପର୍କରେ ଡାକ୍ତରଙ୍କୁ ପଚାରିବାରେ ଅସ୍ତ୍ରୋପଚାର ସମୟରେ ରୋଗୀ କାଶି ଦେବାରୁ ବ୍ଲେଡ ସାମାନ୍ୟ ବାଜିଛି। ଅବଜରଭେସନ ପାଇଁ ଭୀମ ଭୋଇ ମେଡିକାଲ ପଠାଯାଇଛି।

# ସୁକ୍‌ତେଲ ଜଳଭଣ୍ଡାର ପଥରକ୍ୱାରିରେ ବିପଜ୍ଜନକ ଜଳକ୍ରୀଡ଼ା

**ବଲାଙ୍ଗୀର,୧୮।୭(ବୀରେନ୍ଦ୍ର କୁମାର ଝାଙ୍କର)**

■ଅଘଟଣ ଘଟିବା ଆଶଙ୍କା
■ପୋଲିସ ସୁରକ୍ଷା ବ୍ୟବସ୍ଥା ନାହିଁ

ବଲାଙ୍ଗୀର ଲୋୟର ସୁକ୍‌ତେଲ ଜଳଭଣ୍ଡାର ଭିତରେ ଜଳମଗ୍ନ କୋଇଣ୍ଡାପାଲି-ପରଧିଆପାଲି ରାସ୍ତା ଓ ଜଙ୍ଗଲ କଡରେ ଥିବା ପଥରକ୍ୱାରିରେ ଏବେ ବିପଜ୍ଜନକ ଜଳକ୍ରୀଡା ଏବଂ ସ୍ନାନ କାର୍ଯ୍ୟ ଚାଲିଥିବା ଦେଖାଯାଉଛି। ପ୍ରତିଦିନ ଶତାଧିକ ପିଲା ସେଠାକୁ ସ୍ନାନ କରିବା ସହ ମଉଜ ମଜଲିସ କରିବା ପାଇଁ ଯାଉଥିବା ଦେଖାଯାଉଛି। ତେବେ ପାହାଡ ଉପରୁ ପଥରକ୍ୱାରି ଜଳଭଣ୍ଡାର ଭିତରକୁ ପିଲାମାନେ ଲମ୍ଫ ପ୍ରଦାନ କରୁଥିବାରୁ କୌଣସି ସମୟରେ ଏଠାରେ ଅଘଟଣ ଘଟିବାର ଆଶଙ୍କା ରହିଛି। ଲୋୟର ସୁକ୍‌ତେଲ ଜଳଭଣ୍ଡାର କାମ ସମ୍ପୂର୍ଣ୍ଣ ହୋଇନାହିଁ। ଏଭଳି ସମୟରେ ଡ୍ୟାମ ଜଳଭଣ୍ଡାରରେ ପୂର୍ଣ୍ଣମାତ୍ରାରେ ପାଣି ସଂରକ୍ଷଣ ହୋଇନାହିଁ। ଡ୍ୟାମ ତିଆରି ସମୟରେ ପରଧିଆପାଲି-କୋଇଣ୍ଡାପାଲି ଛକ ନିକଟ ପାହାଡ ତଳେ ପଥରକ୍ୱାରି ଖୋଳାଯାଇଥିଲା।ଏଠାରୁ ଡ୍ୟାମ୍‌ରେ ବ୍ୟବହାର ପାଇଁ ପଥର ନିଆଯାଇଥିବାରୁ ଏକ ବହୁତ ବଡ ଗର୍ତ୍ତ ସୃଷ୍ଟି ହୋଇଥିଲା।




ଲୋୟର ସୁକ୍‌ତେଲ ଡ୍ୟାମ ଭିତର ପଥରକ୍ୱାରି ଜଳାଶୟରେ ବିପଜ୍ଜନକ ଜଳକ୍ରୀଡ଼ା।

ଏହି ଗର୍ତ୍ତରେ ୨୫ ମିଟର ଗଭୀର ପାଣି ରହିଥିବା କୁହାଯାଉଛି। ଏହି ବିରାଟ ଗର୍ତ୍ତରେ ପାଣି ଭରିଯିବା ପରେ ଏଠାକୁ ଲୋକେ ଗାଧୋଇବା ପାଇଁ ଆସିବା ଆରମ୍ଭ କରିଥିଲେ। ତେବେ ଏହି ଗର୍ତ୍ତ ଡ୍ୟାମ ନିଷିଦ୍ଧାଞ୍ଚଳ ଭିତରେ ରହିଛି। ଏଠାକୁ ପଶିବା ବାରଣ କରାଯାଇଥିଲେ ମଧ୍ୟ ପ୍ରତିଦିନ ଲୋକେ ବାଇକ୍, ଗାଡି ମୋଟର ଧରି ଗାଧୋଇବାକୁ ଆସୁଥିବା ଦେଖାଯାଉଛି। ବିରାଟ ଗର୍ତ୍ତରେ ରହିଥିବା ପାଣିରେ ଏକ ବଡ କାଠ ଗଣ୍ଡି ପଡିରହିଥିବାରୁ ସେଥିରେ ଚଢ଼ି ପିଲାମାନେ ଜଳକ୍ରୀଡା ସହ ମଉଜ ମଜଲିସ କରୁଥିବା ଦେଖାଯାଉଛି। ୨୦-୨୫ ଫୁଟ୍ ଉଚ୍ଚ ପାହାଡ ଉପରୁ ଗର୍ତ୍ତ ଭିତର ପାଣିକୁ ପିଲାମାନେ ଡେଉଁଛନ୍ତି। ଏହାସହିତ ଅନେକ ପିଲା ସେଠାରେ ମୋବାଇଲରେ ରିଲସ୍, ସେଲ୍‌ଫି ନେଉଥିବାରୁ ସେଠାରେ ଦୁର୍ଘଟଣା ବା ଅଘଟଣ ଆଶଙ୍କା ଲାଗିରହିଛି। ଅନେକ ପିଲା ସାମାଜିକ ଗଣମାଧ୍ୟମରେ ଏହି ସ୍ଥାନର ଭିଡିଓ ଓ ରିଲସ୍ ଛାଡିବା ପରେ ଏଠାକୁ ପ୍ରତ୍ୟହ ଲୋକେ ଆସୁଥିବା ଦେଖାଯାଉଛି। ଏହାଛଡା ଅସାମାଜିକ ଲୋକ ଉକ୍ତ ସ୍ଥାନକୁ ମାଦକଦ୍ରବ୍ୟ ସେବନ କରିବାକୁ ଆସୁଥିବା ଅଭିଯୋଗ ହୋଇଛି। ଅନେକ ସମୟରେ ସେଠାକୁ ଯୁବତୀ ଓ ମହିଳାମାନେ ମଧ୍ୟ ଯାଉଛନ୍ତି। ଏହି ସ୍ଥାନ ପାଖରେ ଜନବସତି ନାହିଁ କି ପୋଲିସ ସୁରକ୍ଷା ବ୍ୟବସ୍ଥା ନାହିଁ। ଫଳରେ ଉକ୍ତ ସ୍ଥାନ ସମ୍ବେଦନଶୀଳ ସ୍ଥାନ ଭାବେ ପରିଗଣିତ ହୋଇଛି। ବଲାଙ୍ଗୀର ପୋଲିସ ଏବଂ ଲୋୟର ସୁକ୍‌ତେଲ ଡ୍ୟାମ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

# ନିଶାସକ୍ତ ହୋଇ ନାଗସାପ ଚୋବାଇ ଦେଲେ

**ବଲାଙ୍ଗୀର,୧୮।୭(ବୀରେନ୍ଦ୍ର କୁମାର ଝାଙ୍କର)**

ନିଶାସକ୍ତ ହେଲେ ମଣିଷ କିପରି ଅଭାବନୀୟ କାଣ୍ଡ ଘଟାଏ ତା'ର ନିଚ୍ଛକ ଚିତ୍ର ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲା ତୁଷରା ଥାନା ଅନ୍ତର୍ଗତ ତେନ୍ତୁଳିଖୁଣ୍ଟି ଗାଁରେ। ଏହି ଗାଁରେ ଜଣେ ବ୍ୟକ୍ତି ଏକ ଜିଅନ୍ତା ନାଗସାପକୁ ଚୋବାଇ ଦେବାରୁ ଗୁରୁତର ଅସୁସ୍ଥ ହୋଇ ପଡିଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଗୁରୁବାର ରାତିରେ ସେ ମଦ ପିଇଥିବାରୁ ନିଶାରେ ଏପରି କରିଥିବା ନିକଟତମ ସୂତ୍ରରୁ ଜଣାଯାଇଛି। ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ହସ୍ପିଟାଲ ଅଧୀକ୍ଷିକା ଡା. ମାନସୀ ପଣ୍ଡାଙ୍କୁ ପଚାରିବାରେ ଘଟଣା କ'ଣ ହୋଇଛି ପଚାରି ବୁଝିବେ ବୋଲି କହିଛନ୍ତି।

BADRIPRASAD Institute of Technology
Approved by AICTE ESTD - 2009
Approved by Govt. Of Odisha
Admission Open 2025
B.Tech
COURSES OFFERED
COMPUTER SCIENCE & ENGINEERING
CIVIL ENGINEERING | ELECTRICAL ENGINEERING
MECHANICAL ENGINEERING
Candidates Interested to take Admission can lock their choice through ongoing OJEE Counselling 2025
Book Your Seat Now 7008920803, 9238400140, 7008757504
AT- DEBAIPALI, PO - SASON, DIST - SAMBALPUR, PIN-768200 | Email:badriprasad.sbp@gmail.com

# ବୟୋଜ୍ୟେଷ୍ଠ ନାଗରିକ ଆବାସକୁ କର୍ଣ୍ଣେଲଙ୍କ ପରିଦର୍ଶନ

**ଦେଓଗାଁ,୧୮।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସାଲେପାଲିସ୍ଥିତ ଗ୍ରାମମଙ୍ଗଳ ପାଠାଗାର ଦ୍ୱାରା ବୟୋଜ୍ୟେଷ୍ଠ ନାଗରିକ ଆବାସ ପରିଚାଳିତ ହେଉଛି। ଶୁକ୍ରବାର ସଇଁନ୍ତଲା ନିକଟସ୍ଥ ବଡମାଳ ଗୋଳାବାରୁଦ କାରଖାନାର ଏଲଟି କର୍ଣ୍ଣେଲ ଅକ୍ଷୟ ପାଣିଗ୍ରାହୀ, ସାଇଣ୍ଟିଫିକ ଅଧିକାରୀ ଏନ.କେ. ବିଶ୍ୱାଳ, ଜୁନିୟର ଟେକ୍ନିକାଲ ଅଧିକାରୀ ଜନକ ମେହେର ପ୍ରମୁଖ ଏହି ଆବାସ ପରିଦର୍ଶନରେ ଆସି ଅନ୍ତେବାସୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ସହ ଅନ୍ତେବାସୀଙ୍କ ପାଇଁ ଉପହାର ପ୍ରଦାନ କରିଥିଲେ। ଏହି ଅବସରରେ ବୟୋଜ୍ୟେଷ୍ଠ ନାଗରିକ ଆବାସର ପରିଚାଳକ ଶିବପ୍ରସାଦ ସାହୁ, ଅଧୀକ୍ଷକ ରମାକାନ୍ତ ସାହୁ, ଅନୁଷ୍ଠାନର ସମ୍ପାଦକ ଭୁବନେଶ୍ୱର ସାମଲ, ଚତୁର୍ଭୁଜ ଭୋଇ , ସୁରେଶ ମହାକୁଡ, ସଞ୍ଜୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।




ବଡ଼ମାଲ ଗୋଳାବାରୁଦ କାରଖାନାର କର୍ଣ୍ଣେଲ ଓ ଅନ୍ୟମାନେ।

# ଶିକ୍ଷାର ବିକାଶ ଲାଗି ସମସ୍ତଙ୍କ ଉଦ୍ୟମ ଜରୁରୀ



ପ୍ରତିଷ୍ଠା ଦିବସ ପାଳନ ଅବସରରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ଦେଓଗାଁ,୧୮।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

**ଜରାସିଂହା ନେତ୍ରଭାନୁ ହାଇସ୍କୁଲର ୭୬ତମ ପ୍ରତିଷ୍ଠା ଦିବସ ପାଳିତ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହାସ୍ଥିତ ନେତ୍ରଭାନୁ ହାଇସ୍କୁଲର ୭୬ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଉତ୍ସବ ପାଳନ କମିଟି ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ଯୋଗଦେଇ ଶିକ୍ଷାର ବିକାଶ ଦିଗରେ ସମସ୍ତେ ଚେଷ୍ଟା କରିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଶିକ୍ଷକ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଯୋଗଦେଇ ନିଷ୍ଠା ଓ ଆତ୍ମବିଶ୍ୱାସର ସହ କାର୍ଯ୍ୟ କଲେ ଅସମ୍ଭବ କାର୍ଯ୍ୟ ବି ସମ୍ଭବପର ହୋଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଉମା ଶଙ୍କର ସିଂ, ସ୍ଥାନୀୟ ସରପଞ୍ଚ କୁଶମଣି ମେହେର, ପୂର୍ବତନ ଶିକ୍ଷକ ସନାତନ ଠାକୁର, ନରସିଂହ ଦଣ୍ଡସେନା ଓ ସତ୍ୟ ନାରାୟଣ ପାଣି ମଞ୍ଚାସୀନ ଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ଶେଷରେ ପୁରାତନ ଛାତ୍ର ମଧୁସୂଦନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର, ସ୍କୁଲ ପରିଚାଳନା କମିଟିର ସଦସ୍ୟ ଉପସ୍ଥିତ ଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

V.N. (AUTO) COLLEGE, JAJPUR ROAD
A WALK IN INTERVIEW will be held at 10 A.M. on 27.07.2025 for different posts, details in website :
www.vnautocollege.in.
Principal

WANTED
Sales Executive - 2 Nos
Qualification : 12th Pass
Computer Knowledge
MAHALAXMI MOBILE
Shop No.-59, Bharatia Tower
Ground Floor, Badambadi, Cuttack
Mobile - 7684862464

REQUIREMENT
MARKETING EXECUTIVE with Motor Cycle. Any Graduate in Bhubaneswar. One OFFICE ASSISTANT with Computer Knowledge BCA, PGDCA in Bhubaneswar.
Mob.: 9338205137, 9861404151

REQUIRED
We need for our Real Estate Company
1. RECEPTIONIST : +3 above + Comp. (Ladies)
2. TELECALLER : +2 above + Comp. (Ladies)
3. MARKETING EXECUTIVE : +2 above + Experience
4. PEON-CUM-COOK : 10th above.
Office: Sundarpada, Bhubaneswar - 02
Send your Bio-data @ 9777969014, 9861433014

JAWAHARLAL NEHRU HIGHER SECONDARY SCHOOL, BALIANTA, KHORDHA
E-mail: jawaharlal93384@gmail.com, Ph. No.: 7008726788
WALK-IN-INTERVIEW
Candidates having minimum 55% marks in P.G. can Walk-in-Interview for Lecturer in Odia and History (One Post for each subject) on Dt.30.07.2025, Wednesday from 10.30 A.M. onwards.
Sd./- Principal-cum-Secretary

# ରେଲୱେ ପ୍ଲାଟ୍‌ଫର୍ମରେ ଜଳୁନି ଲାଇଟ

**ଲାଠୋର,୧୮।୭(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ହରିଶଙ୍କରରୋଡ ରେଳ ଷ୍ଟେଶନ ପ୍ଲାଟଫର୍ମରେ ଦୀର୍ଘ ୧୦ ଦିନରୁ ଊର୍ଦ୍ଧ୍ୱ ହେବ ଲାଇଟ ଜଳୁନାହିଁ। ଏ ନେଇ ଅଞ୍ଚଳବାସୀ ଜଣାଇଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। ହରିଶଙ୍କରରୋଡ ଷ୍ଟେଶନ ଦେଇ ରାଜ୍ୟର ବିଭିନ୍ନ ସ୍ଥାନ ତଥା ରାଜ୍ୟ ବାହାରକୁ ରେଳ ଚଳାଚଳ କରୁଛି। ଏହି ଷ୍ଟେଶନ ଉପରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଏବଂ ନୂଆପଡ଼ା ଜିଲା କୋମନା ବ୍ଲକର ଜନସାଧାରଣ ନିର୍ଭର କରି ଆସୁଛନ୍ତି। ପ୍ରତ୍ୟହ ଏହି ଷ୍ଟେଶନରୁ ବିଭିନ୍ନ ସ୍ଥାନକୁ ଶତାଧିକ ଲୋକ ରେଳରେ ଯିବା ଆସିବା କରୁଛନ୍ତି। ଲୋକଙ୍କ ସୁବିଧା ଦୃଷ୍ଟିରୁ ପ୍ଲାଟଫର୍ମରେ ସେଡ୍ ନିର୍ମାଣ କରି ଲାଇଟର ବ୍ୟବସ୍ଥା କରାଯାଇଛି। ହେଲେ ଏହି ଷ୍ଟେଶନର ୧-ନଂ ପ୍ଲାଟଫର୍ମର ସେଡ୍‌ରେ ଲାଗିଥିବା ଲାଇଟଗୁଡ଼ିକ କୌଣସି କାରଣରୁ ଜଳୁନାହିଁ। ରାତି ସମୟରେ ଯାତ୍ରୀମାନେ ରେଳରେ ଯିବା ଆସିବା କଲା ବେଳେ ଅନ୍ଧାରରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଟ୍ରେନରେ ଚଢ଼ିବା ଓ ଓହ୍ଲାଇବା ବେଳେ ଖସି ପଡିବା ଆଶଙ୍କା ରହିଛି। ସେହିପରି ଦୂର ଦୂରାନ୍ତରୁ ଆସି ଟ୍ରେନକୁ ଅପେକ୍ଷା କରୁଥିବା ଯାତ୍ରୀମାନେ ଅନ୍ଧାର ଯୋଗୁ ହଇରାଣ ହେଉଛନ୍ତି। ବିଶେଷ କରି ମହିଳା ଯାତ୍ରୀମାନେ ପ୍ଲାଟଫର୍ମରେ ନିଜକୁ ସୁରକ୍ଷିତ ମନେ କରୁ ନାହାନ୍ତି। ଅନ୍ଧାରର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତିମାନେ ପ୍ଲାଟଫର୍ମରେ ସକ୍ରିୟ ରହୁଥିବାରୁ ଯାତ୍ରୀମାନଙ୍କ ପ୍ରତି ବିପଦ ରହୁଛି। ଏନେଇ ଷ୍ଟେଶନ ମ୍ୟାନେଜର କେ.ସି. ମୁଣ୍ଡାଙ୍କୁ ପଚାରିବାରେ ଆମେ ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷଙ୍କ ଅବଗତ କରିଛୁ। ହେଲେ ଅଦ୍ୟାବଧି କୌଣସି ପଦକ୍ଷେପ ନିଆ ନ ଯିବା ହେତୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେଇ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।



ଅନ୍ଧାରରେ ଥିବା ହରିଶଙ୍କରରୋଡ଼ ରେଳ ଷ୍ଟେଶନର ୧-ନଂ ପ୍ଲାଟଫର୍ମ।

ଧରିତ୍ରୀ DHARITRI Oriya daily
WANTED

| POSITION | ELIGIBILITY | LOCATION |
| --- | --- | --- |
| CTP OPERATOR | ▸ Should have experience in CTP plate processing machines operating in print media<br>▸ Familiarity with plate making equipment and software<br>▸ Should have expertise in using Altizen, Postrip Express, D Compose, Q Server<br>▸ Should have basic Computer skills & ability to learn new software techniques. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.
ପଞ୍ଜିକୃତ ନଂ.: ବିଏଲ୍/୪୪, ସ୍ଥାପିତ-୧୯୪୫, ଆର୍.ବି.ଆଇ.
ଏଲ୍‌ଆଇସି ନଂ.: ୟୁବିଡି. (ଓଆର୍‌ଆଇ) ୦୦୦୪ପି/୦୯-୧୦,
ସା: ବିବେକାନନ୍ଦ ମାର୍ଗ, ପୋ/ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୦୧,
ଫୋନ୍: ୦୬୭୮୨-୨୬୩୦୪୪, ଇମେଲ: contact@blscub.com, www.blscub.com
ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.ର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କୁ ସୂଚିତ କରାଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀ ଋଣଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

ଇ-ନିଲାମର ତାରିଖ ଏବଂ ସମୟ: ୨୦.୦୮.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ, ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣକର୍ତ୍ତା / ଗ୍ୟାରେଣ୍ଟରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ / ସାଙ୍କେତିକ ଦଖଲ ତାରିଖ / ଭୌତିକ ଦଖଲ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି/ ବିଡ୍ ବୃଦ୍ଧି ପରିମାଣ / ଅମାନତ ରାଶି ଜମାର ଅନ୍ତିମ ତାରିଖ |
| --- | --- | --- | --- | --- |
| ୧. | ଋଣଗ୍ରହୀତା: ଶ୍ରୀମତୀ ସୌଦାମିନୀ ନାୟକ, ସ୍ୱାମୀ: ଘନଶ୍ୟାମ ନାୟକ, ସା: ମେଘଡମ୍ବରୁ, ପୋ: କୁରୁଡ଼ା, ଥାନା: ବାଲେଶ୍ୱର ସଦର, ଓଡ଼ିଶା, ପିନ୍-୭୫୬୦୫୬ / ଗ୍ୟାରେଣ୍ଟରମାନେ: ୧) ଶ୍ରୀ ଘନଶ୍ୟାମ ନାୟକ, ପିତା: ଶ୍ରୀ ନରେନ୍ଦ୍ର ନାୟକ, ୨) ମୋନାଲିସା ନାୟକ, ପିତା: ଶ୍ରୀ ଘନଶ୍ୟାମ ନାୟକ, ଉଭୟଙ୍କ ଠିକଣା- ସା: ମେଘଡମ୍ବରୁ, ପୋ: କୁରୁଡ଼ା, ଥାନା: ବାଲେଶ୍ୱର ସଦର, ଓଡ଼ିଶା, ପିନ୍-୭୫୬୦୫୬ | ଶ୍ରୀମତୀ ସୌଦାମିନୀ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମେଘଡମ୍ବରୁ, ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଖାତା ନଂ.: ୧୮୦/୧୨୦୪, ୟୁନିଟ୍ ନଂ. ୧୭୨, ପ୍ଲଟ୍ ନଂ.: ୧୬୬/୧୭୬୩, କ୍ଷେତ୍ର: ଏକର୦.୦୬୫ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଖାଲି ଜମି, ଦକ୍ଷିଣ: ରାସ୍ତା, ପୂର୍ବ: ଖାଲି ଜମି, ପଶ୍ଚିମ: ଆଜେବେଷ୍ଟ ଗୃହ, ବ୍ୟାଙ୍କକୁ ଜଣାଥିବା ଏନକମ୍ବ୍ରାନ୍ସେସ୍‌ର ସବିଶେଷ ତଥ୍ୟ: ନାହିଁ | ୦୭.୦୭.୨୦୨୫ ସୁଦ୍ଧା ସୁଧ ସହିତ ଟ.୧୮,୮୧,୬୪୬/- + ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ, ଦେୟ ଇତ୍ୟାଦି / ଡିମାଣ୍ଡ ନୋଟିସ୍ ତାରିଖ: ୦୨.୦୯.୨୦୨୧ / ସାଙ୍କେତିକ ଦଖଲ ତାରିଖ: ୨୨.୦୮.୨୦୨୨ / ଭୌତିକ ଦଖଲ ତାରିଖ: ୧୯.୦୬.୨୦୨୫ | ସଂରକ୍ଷିତ ମୂଲ୍ୟ: ଟ.୨୩,୫୨,୦୦୦/- / ଅମାନତ ଜମା ରାଶି: ଟ.୨,୩୫,୨୦୦/- / ବିଡ୍ ବୃଦ୍ଧି ପରିମାଣ: ଟ.୧୦,୦୦୦/- / ଅମାନତ ରାଶି ଜମାର ଅନ୍ତିମ ତାରିଖ ୧୯.୦୮.୨୦୨୫ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ କିମ୍ବା ତା'ପୂର୍ବରୁ |

ସମ୍ପତ୍ତି ତନଖି ତାରିଖ ଏବଂ ସମୟ: ୧୨.୦୮.୨୦୨୫ ରୁ ୧୩.୦୮.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୦୦ଘଟିକା
ଉପରୋକ୍ତ ସମସ୍ତ ସମ୍ପତ୍ତି ବ୍ୟାଙ୍କର ଭୌତିକ ଦଖଲରେ ଅଛି
ସଂଶୋଧିତ ସରଫେଶୀ ଆକ୍ଟ ୨୦୦୨ର ରୁଲ ୮(୬) ଏବଂ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।
ବିକ୍ରୟ ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ, ଦୟାକରି ସେବା ପ୍ରଦାନକାରୀ M/s e-Procurement echnologies Limited-Auction Tiger ଦ୍ୱାରା ପ୍ରଦାନ କରାଯାଇଥିବା ଲିଙ୍କ୍ https://sarfaesi.auctiontiger.net/EPROC/viewauction/338828/3/0 ସହିତ Auction ID: 338828 ଦେଖନ୍ତୁ। ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ପ୍ରବୀଣ କୁମାର ଥେଭର: ୯୭୨୨୭୭୮୮୨୮-୦୭୯-୩୫୨୬୭୫୧୫/୧୬, ବିଡ୍‌ର ସହାୟତା ନିମନ୍ତେ- ୯୨୬୫୫୬୨୮୨୧/୮୧୮-୦୭୯୬୮୧୩୬୮୪୨/୩୭, ଇମେଲ ଆଇଡ଼ି: praveen.thevar@auctiontiger.net କିମ୍ବା soni@auctiontiger.net ଏବଂ support@auctiontiger.net
ତାରିଖ: ୦୭.୦୭.୨୦୨୫, ସ୍ଥାନ: ବାଲେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.

इंडियन बैंक Indian Bank
इलाहाबाद ALLAHABAD
ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର-୬, ସିଡ଼ିଏ,
ପୋ: ମର୍କତ ନଗର, କଟକ-୭୫୩୦୧୪
zocuttack@indianbank.co.in
ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
(ସମ୍ପତ୍ତିଗୁଡ଼ିକ ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍)

ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସମ୍ପତ୍ତିଗୁଡ଼ିକର ବିକ୍ରୟ

ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକକରଣ ପାଇଁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗକରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ https://www.ebkray.in (https://baanknet.com)

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ / ସମ୍ପତ୍ତି ଆଇଡ଼ି ନଂ. | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ / ବକେୟା ପରିମାଣ/ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
| --- | --- | --- | --- | --- |
| ୧. | କଟକ କ୍ୟାଣ୍ଟନମେଣ୍ଟ୍ ରୋଡ୍ ଶାଖା / ଋଣଗ୍ରହୀତା ଏବଂ ବନ୍ଧକଦାତାମାନେ: ୧) ମମତା ଦାସ, ସ୍ୱାମୀ: ୰ ଶରତ କୁମାର ଦାସ, ୨) ସୁବ୍ରତ କୁମାର ଦାସ, ପିତା: ୰ ଶରତ କୁମାର ଦାସ, ୩) ପ୍ରିୟବ୍ରତ ଦାସ, ପିତା: ୰ ଶରତ କୁମାର ଦାସ, ସମସ୍ତଙ୍କ ଠିକଣା- ସା: ସୁବେଦାର ଲେନ୍, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, କଟକ-୭୫୩୦୦୧ | ମମତା ଦାସ, ସ୍ୱାମୀ: ୰ ଶରତ କୁମାର ଦାସ, ସୁବ୍ରତ କୁମାର ଦାସ, ପିତା: ୰ ଶରତ କୁମାର ଦାସ, ପ୍ରିୟବ୍ରତ ଦାସ, ପିତା: ୰ ଶରତ କୁମାର ଦାସଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୨୦-ଡ଼ି୧, ପ୍ଲଟ୍ ନଂ.: ୨୯୩/୯୩୦, କ୍ଷେତ୍ର: ଏକର୦.୦୦୬ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୩୨୧ ଡ଼ି-୧, ପ୍ଲଟ୍ ନଂ.: ୨୯୨/୯୨୯, କ୍ଷେତ୍ର: ଏକର୦.୦୦୯ଡିସିମିଲି ୧/୨ କଡି, ସମୁଦାୟ କ୍ଷେତ୍ର: ଏକର୦.୦୧୫ଡିସିମିଲି ଏବଂ ୧/୨ କଡି, କିସମ: ଘରବାରି, ମୌଜା: କଟକ ସହର ୟୁନିଟ୍ ନଂ. ୧୭, ମାଛୁଆବଜାର, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, ଡିଏସ୍‌ଆରଓ: କଟକ, ଜିଲ୍ଲା: କଟକ, ଏହାର ଚରିପାର୍ଶ୍ୱରେ- ଉତ୍ତର: ସରୋଜ କୁମାର ଦାସ, ଦକ୍ଷିଣ: ରବିନ୍ଦ୍ର ସାହୁ, ପୂର୍ବ: ଅଲେଖ ସାହୁ, ପଶ୍ଚିମ: ରାସ୍ତା / ସମ୍ପତ୍ତି ଆଇଡ଼ି ନଂ.: IDIB30230155641M | ୨୩.୧୨.୨୦୨୪ / ୦୧.୦୩.୨୦୨୫ / ୦୮.୦୭.୨୦୨୫ ସୁଦ୍ଧା ଟ.୧୨,୧୪,୩୫୫.୫୪ + ଆଦାୟକରଣ ତାରିଖ ପର୍ଯ୍ୟନ୍ତ ପ୍ରର୍ଯ୍ୟୁଜ୍ୟ ହାରରେ ପରବର୍ତ୍ତି ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୨୧,୨୬,୦୦୦/- / ଟ.୨,୧୩,୦୦୦/- / ଟ.୫୦,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା.୨୦.୦୮.୨୦୨୫ରିଖ (ବୁଧବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା
ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୧୯.୦୮.୨୦୨୫ରିଖ, ରାତ୍ର ୧୧.୦୦ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ)
ସମ୍ପତ୍ତିଗୁଡ଼ିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୦୧.୦୮.୨୦୨୫ରିଖ ଠାରୁ ତା.୧୬.୦୮.୨୦୨୫ରିଖ, ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ
ବିଡ଼ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମ୍ଭର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ https://www.ebkray.in (https://baanknet.com) ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ support.ebkray@psballiance.com କୁ ଇମେଲ କରନ୍ତୁ। ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: https://www.ebkray.in (https://baanknet.com) ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd., ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ। https://www.ebkray.in (https://baanknet.com) ୱେବସାଇଟ୍‌ରେ ସମ୍ପତ୍ତି ଖୋଜିବାବେଳେ ଉପରୋକ୍ତ ସମ୍ପତ୍ତି ଆଇଡ଼ି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।
Mamata Das
ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।
ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।
ତାରିଖ: ୧୮.୦୭.୨୦୨୫, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ୯.୩୪ କୁଇଣ୍ଟାଲ ଗଞ୍ଜେଇ ଜବତ

**ସୋନପୁର/ତରଭା,୧୮।୭ (ମୃତ୍ୟୁଞ୍ଜୟ ଶତପଥୀ/ ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ଥାନା ରାଣୀସର୍ଡା ଛକରେ ଶୁକ୍ରବାର ପୋଲିସ ଚଢାଉକରି ୯କୁଇଣ୍ଟାଲ ୩୪କିଲୋ ଗଞ୍ଜେଇ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୯କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୋଲିସ କହିଛି। ଏହି ଘଟଣାରେ ତରଭା ଥାନା ଝାରତରଭା ଅଞ୍ଚଳର ରମାକାନ୍ତ ନାଏକ(୨୫), ସୁଜିତ ନାଏକ(୨୩) ଓ ଜୟଦ୍ରଥ ଦଳବେହେରା(୨୭)ଙ୍କୁ ଗିରଫ କରାଯାଇଛି। ତେବେ ଅନ୍ୟ ୩ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ପୋଲିସ ବ୍ୟବହୃତ ପିକ୍‌ଅପ ଭ୍ୟାନ ଓଡି ୦୩ ଏବି-୯୨୮୧କୁ ଜବତ କରିଛି।

ସୂଚନା ଅନୁଯାୟୀ ବୌଦ୍ଧ ଜିଲା କନ୍ଧମାଳ ଅଞ୍ଚଳରୁ ବିପୁଳ ପରିମାଣର ଗଞ୍ଜେଇ ଏକ ପିକ୍‌ଅପ ଭ୍ୟାନ୍‌ରେ ଅର୍ଜ୍ଜୁନପୁର-ବୁର୍ଡା ରାସ୍ତାରେ ବଲାଙ୍ଗୀର ଚାଲାଣ ହେଉଥିବା ଏସ୍‌ପିଙ୍କୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଏସ୍‌ପି ନାରାୟଣ ନାୟକ ଗଞ୍ଜେଇ ଚୋରାଚାଲାଣକାରୀଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ମେଣ୍ଡା ଫାଣ୍ଡି ଅଧିକାରୀ ଟଙ୍କଧର ଛତ୍ରିଆଙ୍କ ନେତୃତ୍ୱରେ ଏକ ଟିମ୍ ରାଣୀସର୍ଡା ଛକରେ ଜଗି ରହିଥିଲେ। ଉକ୍ତ ଭ୍ୟାନ୍ ଆସିବା ଦେଖି ପୋଲିସ ମାଡି ବସିଥିଲା। ତେବେ ଗଞ୍ଜେଇ ଚାଲାଣ କରୁଥିବା ଭ୍ୟାନ୍‌କୁ ସୁରକ୍ଷା ଦେଉଥିବା ୩ଜଣ ଖସିଯିବାରେ ସକ୍ଷମ ହୋଇଛନ୍ତି। ତରଭା ତହସିଲଦାର ତଥା ମାଜିଷ୍ଟ୍ରେଟ୍ ଶ୍ୱେତାଲିନା ମାହାନାଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା। ଗଞ୍ଜେଇ ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲା ରାସ୍ତା ଦେଇ ଛତିଶଗଡକୁ ଚୋରାଚାଲାଣ କରାଯାଉଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ଏସ୍‌ପି କହିଛନ୍ତି। ତରଭା ଥାନା ଏସ୍‌ଆଇ ରବୀନ୍ଦ୍ର ସାହୁ ମାମଲାର ତଦନ୍ତ କରୁଛନ୍ତି। ତଦନ୍ତ ଜାରି ରହିଛି ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ସେହିପରି ଶୁକ୍ରବାର ସୋନପୁର ଥାନାର ହରଡଖୋଲ ଓ ବୀରମହାରାଜପୁର ଥାନା ଅଞ୍ଚଳରୁ ପୋଲିସ ଚଢାଉ କରି ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡିଛି। ଏସ୍‌ପି ନାରାୟଣ ନାୟକଙ୍କ ମିଶନ ଗଞ୍ଜେଇ ଧରପଗଡ ଅଭିଯାନରେ ତରଭା, ସୋନପୁର ଓ ବୀରମହାରାଜପୁର ପୋଲିସ ବିପୁଳ ପରିମାଣର ଗଞ୍ଜେଇ ଜବତ କରିବାରେ ସକ୍ଷମ ହୋଇଛନ୍ତି।


ତରଭା ଥାନା ରାଣୀସର୍ଡା ଛକରୁ ପୋଲିସ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି।

■ ଗଞ୍ଜେଇର ମୂଲ୍ୟ ୯କୋଟିରୁ ଊର୍ଦ୍ଧ୍ୱ ଟଙ୍କା
■ ୩ ଅଭିଯୁକ୍ତ ଗିରଫ, ୩ ଫେରାର

## ନିଶାସକ୍ତ ହୋଇ ନାଗସାପ ଚୋବାଇ ଦେଲେ

**ବଲାଙ୍ଗୀର,୧୮।୭(ବୀରେନ୍ଦ୍ର କୁମାର ଝାଙ୍କର)**

ନିଶାସକ୍ତ ହେଲେ ମଣିଷ କିପରି ଅଭାବନୀୟ କାଣ୍ଡ ଘଟାଏ ତା'ର ନିଚ୍ଛକ ଚିତ୍ର ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲା ତୁଷରା ଥାନା ଅନ୍ତର୍ଗତ ତେନ୍ତୁଳିଖୁଣ୍ଟି ଗାଁରେ। ଏହି ଗାଁରେ ଜଣେ ବ୍ୟକ୍ତି ଏକ ଜିଅନ୍ତା ନାଗସାପକୁ ଚୋବାଇ ଦେବାରୁ ଗୁରୁତର ଅସୁସ୍ଥ ହୋଇ ପଡିଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଗୁରୁବାର ରାତିରେ ସେ ମଦ ପିଇଥିବାରୁ ନିଶାରେ ଏପରି କରିଥିବା ନିକଟତମ ସୂତ୍ରରୁ ଜଣାଯାଇଛି। ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ହସ୍ପିଟାଲ ଅଧୀକ୍ଷିକା ଡା. ମାନସୀ ପଣ୍ଡାଙ୍କୁ ପଚାରିବାରେ ଘଟଣା କ'ଣ ହୋଇଛି ପଚାରି ବୁଝିବେ ବୋଲି କହିଛନ୍ତି।

BADRIPRASAD Institute of Technology
Approved by AICTE ESTD - 2009
Approved by Govt. Of Odisha
Admission Open 2025
B.Tech
COURSES OFFERED
COMPUTER SCIENCE & ENGINEERING
CIVIL ENGINEERING | ELECTRICAL ENGINEERING
MECHANICAL ENGINEERING
Candidates Interested to take Admission can lock their choice through ongoing OJEE Counselling 2025
Book Your Seat Now 7008920803, 9238400140, 7008757504
AT- DEBAIPALI, PO - SASON, DIST - SAMBALPUR, PIN-768200 | Email:badriprasad.sbp@gmail.com

## ଖୁଣ୍ଟୁଲାପାଲିରେ ଦ୍ୱିତୀୟ ମହଲ୍ଲା ସଭା

# ନାରୀ ସଶକ୍ତ ହେଲେ ଦେଶ ସମୃଦ୍ଧ ହେବ


ମହଲ୍ଲା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ଛାତ୍ରୀଛାତ୍ର।

**ଅମରପାଲି,୧୮।୭(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲାର ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଖୁଣ୍ଟୁଲାପାଲି ଠାରେ ଗ୍ରାମଉତ୍‌ଥାନ ଅନୁଷ୍ଠାନ ଦ୍ୱାରା ଯୁବ ବିକାଶ କାର୍ଯ୍ୟକ୍ରମର ଦ୍ୱିତୀୟ ମହଲ୍ଲା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାକୁ ଯୁବ ବିକାଶ କାର୍ଯ୍ୟକ୍ରମର ପରିଚାଳକ କ୍ଷିରେନ୍ଦ୍ର ରଣା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କାଦୋଦର ମା' ଉମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଭାପତି ଉତ୍ତର କୁମାର ପାତ୍ର, କଲେଜର ଅଧ୍ୟକ୍ଷ ବଲ୍ଲଭ ପୁରୋହିତ, ଗ୍ରାମଉତ୍‌ଥାନର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରତାପ କୁମାର ପଧାନ, ଅଧ୍ୟାପକ ସୁଶାନ୍ତ ଦେହୁରୀ, ଖୁଣ୍ଟୁଲାପାଲି ୟୁପି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ସମର୍ଥା, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଢୀ, ୱାର୍ଡ ସଭ୍ୟ ଦୁଷ୍ମନ୍ତ ପଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସ୍ଥାନୀୟ ସିଆରପି, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ଯୁବତୀ,ଯୁବକ, ଛାତ୍ରୀଛାତ୍ର ଗ୍ରାମ୍ୟ ପରିକ୍ରମା କରି ନାରୀ ସଶକ୍ତିକରଣ ଉପରେ ଲୋକଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଝିଅମାନଙ୍କୁ ପାଠ ପଢାଇବା, ନାରୀ ସଶକ୍ତ ହେଲେ ଦେଶ ସମୃଦ୍ଧ ହେବ ଓ ନାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ବିଷୟରେ ଏହି କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ସୁରୁନନୀ ପଧାନ, ସୌମ୍ୟାରାଣୀ ମହାକୁର, ସସ୍ମିତା ଜଗଦଲା ଓ ବର୍ଷା ବେହେରାମାଳୀ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ମତବ୍ୟକ୍ତ କରିଥିଲେ। ଶେଷରେ ସୀମାରାଣୀ ପର୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱଦେଶୀ ସେବାକେନ୍ଦ୍ର ଉଦ୍‌ଘାଟିତ

**ସୋନପୁର,୧୮।୭(ମୃତ୍ୟୁଞ୍ଜୟ ଶତପଥୀ):** ସୁବର୍ଣ୍ଣପୁର ସହରର ଜିଲାପାଳଙ୍କ କାର୍ଯ୍ୟାଳୟ ରାସ୍ତାରେ ସ୍ୱଦେଶୀ ସେବାକେନ୍ଦ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସ୍ୱଦେଶୀ ବସ୍ତୁ ଉପଲବ୍ଧ କରେଇବା ଓ ପଞ୍ଚଗବ୍ୟ ତଥା ବୈକଳ୍ପିକ ଥେରାପି ଦ୍ୱାରା ବିଭିନ୍ନ ରୋଗ ନିରାକରଣ କରିବା ଉଦ୍ଦେଶ୍ୟ ନେଇ ଏହି ସୁରଭି ସ୍ୱଦେଶୀ ସେବାକେନ୍ଦ୍ରର ଶୁଭାରମ୍ଭ ହୋଇଛି। ବର୍ତ୍ତମାନ ସମୟରେ ଜୈବିକ ତଥା ଶୁଦ୍ଧ ଦେଶୀ ଜିନିଷର ଚାହିଦା ବୃଦ୍ଧି ପାଇଛି। କିନ୍ତୁ ଆମ ନିଜ ଅଞ୍ଚଳରେ ପ୍ରସ୍ତୁତ ହେଉଥିବା ଜିନିଷମାନ ଗୋଟିଏ ସ୍ଥାନରେ ଲୋକେ ପାଇପାରୁ ନାହାନ୍ତି। ଏଠାରେ ଘଣାରେ ପେଡା ଯାଉଥିବା ରାଶି, ସୋରିଷ, ବାଦାମ, ନଡ଼ିଆ ତେଲ ସହ ଶୁଦ୍ଧ ଦେଶୀ ଗାଈ ଘିଅ, ଚିନି ବଦଳରେ ଶୁଦ୍ଧ ଖାଣ୍ଡ, ସନ୍ଧବ ଲୁଣ, ପଞ୍ଚଗବ୍ୟ ବିନା କେମିକାଲର ସାବୁନ, ବାସ୍ତୁ ଶୋଧକ ଫିନାଇଲ, ଗୋ ଅର୍କ ସମେତ ବିଭିନ୍ନ ରୋଗ ସମ୍ବନ୍ଧିତ ପଞ୍ଚଗବ୍ୟ ଔଷଧ ଉପଲବ୍ଧ ହେଉଛି। ଜୈବିକ ରାଶନ ଓ ଅନ୍ୟ ସବୁ ବିନା କେମିକାଲ ଯୁକ୍ତ ଦୈନନ୍ଦିନ ବ୍ୟବହାର୍ଯ୍ୟ ଜିନିଷ ମିଳିବ ବୋଲି କେନ୍ଦ୍ରର ମୁଖ୍ୟ ଦିବାକର ମଲ୍ଲିକ କହିଛନ୍ତି। ଗ୍ରାମାଞ୍ଚଳରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମା' ଓ ଯୁବକମାନଙ୍କୁ ପ୍ରଶିକ୍ଷଣ ଦେଇ ଭାରତୀୟ ଦେଶୀ ବେଦଲକ୍ଷଣା ଗୋମାତାଙ୍କ ଗୋବର, ଗୋମୂତ୍ର ସମେତ ପଞ୍ଚଗବ୍ୟରୁ ବିଭିନ୍ନ ଔଷଧ, କସ୍ମେଟିକ ଓ ଦୈନନ୍ଦିନର ବିଭିନ୍ନ ସାମଗ୍ରୀ ନିର୍ମାଣ କରିବା ଓ ଗାଁଗାଁରେ ସ୍ୱଦେଶୀ, ସ୍ୱାବଲମ୍ବୀ ବ୍ୟବସ୍ଥା ସହ ସ୍ୱରୋଜଗାର ଆଣି ଦାଦନମୁକ୍ତ ଅଞ୍ଚଳ କରିବାର ସଂକଳ୍ପ ରହିଛି ବୋଲି ମଞ୍ଚର ପ୍ରଦ୍ୟୁମ୍ନ କୁମାର ପାଢ଼ୀ କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

V.N. (AUTO) COLLEGE, JAJPUR ROAD
A WALK IN INTERVIEW will be held at 10 A.M. on 27.07.2025 for different posts, details in website : www.vnautocollege.in.
Principal

WANTED
Sales Executive - 2 Nos
Qualification : 12th Pass
Computer Knowledge
MAHALAXMI MOBILE
Shop No.-59, Bharatia Tower
Ground Floor, Badambadi, Cuttack
Mobile - 7684862464

REQUIREMENT
MARKETING EXECUTIVE with Motor Cycle. Any Graduate in Bhubaneswar. One OFFICE ASSISTANT with Computer Knowledge BCA, PGDCA in Bhubaneswar.
Mob.: 9338205137, 9861404151

REQUIRED
We need for our Real Estate Company
1. RECEPTIONIST : +3 above + Comp. (Ladies)
2. TELECALLER : +2 above + Comp. (Ladies)
3. MARKETING EXECUTIVE : +2 above + Experience
4. PEON-CUM-COOK : 10th above.
Office: Sundarpada, Bhubaneswar - 02
Send your Bio-data @ 9777969014, 9861433014

JAWAHARLAL NEHRU HIGHER SECONDARY SCHOOL, BALIANTA, KHORDHA
E-mail: jawaharlal93384@gmail.com, Ph. No.: 7008726788
WALK-IN-INTERVIEW
Candidates having minimum 55% marks in P.G. can Walk-in-Interview for Lecturer in Odia and History (One Post for each subject) on Dt.30.07.2025, Wednesday from 10.30 A.M. onwards.
Sd./- Principal-cum-Secretary

# ସଂସ୍କାର ସ୍କୁଲରେ ସନ୍ତରଣ ପ୍ରତିଯୋଗିତା ଉଦ୍‌ଘାଟିତ



ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ସନ୍ତରଣ ପ୍ରତିଯୋଗିତା ଚାଲିଛି।

**ବରଗଡ଼,୧୮।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ଶୁକ୍ରବାର ସନ୍ତରଣ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାୱଡ଼ିଆ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି, ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ, ସମସ୍ତ ପ୍ରତିଯୋଗୀ, ଅଭିଭାବକ ଏବଂ ଛାତ୍ରୀଛାତ୍ର ଉପସ୍ଥିତଥିଲେ। ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ରମାନେ ସାମୂହିକ ସ୍ୱାଗତ ସଙ୍ଗୀତ ଓ ଆସାମ, ଛତିଶଗଡ଼, ପଶ୍ଚିମବଙ୍ଗ ଓ ଓଡ଼ିଶାର ପାରମ୍ପରିକ ନୃତ୍ୟ ପ୍ରସ୍ତୁତ କରି ସମାରୋହକୁ ଆକର୍ଷଣୀୟ କରିଥିଲେ। ମୁଖ୍ୟ ଅତିଥିଙ୍କୁ ଶାଲ ଓ ଗଛ ଦେଇ ସମ୍ମାନିତ କରାଯାଇଥିଲା। ଏହାପରେ ସେ ବେଲୁନ ଉଡ଼ାଇ ସ୍ୱିମିଂ କ୍ଲଷ୍ଟରର ଆରମ୍ଭ ଘୋଷଣା କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାୱଡ଼ିଆ ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରି କହିଥିଲେ। ପ୍ରତିଯୋଗିତାରେ ଓଡ଼ିଶା, ଛତିଶଗଡ଼, ପଶ୍ଚିମବଙ୍ଗ, ଆସାମ ଓ ମଣିପୁରରୁ ପ୍ରାୟ ୯୫୦ ପ୍ରତିଯୋଗୀ ତାଙ୍କ ପ୍ରଶିକ୍ଷକ ଓ ପ୍ରବନ୍ଧକଙ୍କ ସହିତ ଯୋଗ ଦେଇଛନ୍ତି।

ଧରିତ୍ରୀ DHARITRI Oriya daily
WANTED

| POSITION | ELIGIBILITY | LOCATION |
| --- | --- | --- |
| CTP OPERATOR | • Should have experience in CTP plate processing machines operating in print media<br>• Familiarity with plate making equipment and software<br>• Should have expertise in using Altizen, Postrip Express, D Compose, Q Server<br>• Should have basic Computer skills & ability to learn new software techniques. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

**ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.**
ପଞ୍ଜିକୃତ ନଂ.: ବିଏଲ/୪୪, ସ୍ଥାପିତ-୧୯୪୫, ଆର୍.ବି.ଆଇ.
ଏଲ୍‌ଆଇସି ନଂ.: ୟୁବିଡି. (ଓଆର୍‌ଆଇ) ୦୦୦୪ପି/୦୯-୧୦,
ସା: ବିବେକାନନ୍ଦ ମାର୍ଗ, ପୋ/ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୦୧,
ଫୋନ୍: ୦୬୭୮୨-୨୬୩୦୪୪, ଇମେଲ: contact@blscub.com, www.blscub.com

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.ର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍ୱାରା ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କୁ ସୂଚିତ କରାଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀ ଋଣଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

ଇ-ନିଲାମର ତାରିଖ ଏବଂ ସମୟ: ୨୦.୦୮.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ, ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣକର୍ତ୍ତା / ଗ୍ୟାରେଣ୍ଟରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ / ସାଙ୍କେତିକ ଦଖଲ ତାରିଖ / ଭୌତିକ ଦଖଲ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି/ ବିଡ୍ ବୃଦ୍ଧି ପରିମାଣ / ଅମାନତ ରାଶି ଜମାର ଅନ୍ତିମ ତାରିଖ |
| --- | --- | --- | --- | --- |
| ୧. | ଋଣଗ୍ରହୀତା: ଶ୍ରୀମତୀ ସୌଦାମିନୀ ନାୟକ, ସ୍ୱାମୀ: ଘନଶ୍ୟାମ ନାୟକ, ସା: ମେଘଡମ୍ବରୁ, ପୋ: କୁରୁଡ଼ା, ଥାନା: ବାଲେଶ୍ୱର ସଦର, ଓଡ଼ିଶା, ପିନ୍-୭୫୬୦୫୬ / ଗ୍ୟାରେଣ୍ଟରମାନେ: ୧) ଶ୍ରୀ ଘନଶ୍ୟାମ ନାୟକ, ପିତା: ଶ୍ରୀ ନରେନ୍ଦ୍ର ନାୟକ, ୨) ମୋନାଲିସା ନାୟକ, ପିତା: ଶ୍ରୀ ଘନଶ୍ୟାମ ନାୟକ, ଉଭୟଙ୍କ ଠିକଣା- ସା: ମେଘଡମ୍ବରୁ, ପୋ: କୁରୁଡ଼ା, ଥାନା: ବାଲେଶ୍ୱର ସଦର, ଓଡ଼ିଶା, ପିନ୍-୭୫୬୦୫୬ | ଶ୍ରୀମତୀ ସୌଦାମିନୀ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମେଘଡମ୍ବରୁ, ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଖାତା ନଂ.: ୧୮୦/୧୨୦୪, ୟୁନିଟ୍ ନଂ. ୧୭୨, ପ୍ଲଟ୍ ନଂ.: ୧୬୬/୧୭୬୩, କ୍ଷେତ୍ର: ଏକର୦.୦୬୫ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଖାଲି ଜମି, ଦକ୍ଷିଣ: ରାସ୍ତା, ପୂର୍ବ: ଖାଲି ଜମି, ପଶ୍ଚିମ: ଆଜେବେଷ୍ଟ ଗୃହ, ବ୍ୟାଙ୍କକୁ ଜଣାଥିବା ଏନକମ୍ବ୍ରାନ୍ସେସ୍‌ର ସବିଶେଷ ତଥ୍ୟ: ନାହିଁ | ୦୭.୦୭.୨୦୨୫ ସୁଦ୍ଧା ସୁଧ ସହିତ ଟ.୧୮,୮୧,୬୪୬/- + ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ, ଦେୟ ଇତ୍ୟାଦି / ଡିମାଣ୍ଡ ନୋଟିସ୍ ତାରିଖ: ୦୨.୦୯.୨୦୨୧ / ସାଙ୍କେତିକ ଦଖଲ ତାରିଖ: ୨୨.୦୮.୨୦୨୨ / ଭୌତିକ ଦଖଲ ତାରିଖ: ୧୯.୦୬.୨୦୨୫ | ସଂରକ୍ଷିତ ମୂଲ୍ୟ: ଟ.୨୩,୫୨,୦୦୦/- / ଅମାନତ ଜମା ରାଶି: ଟ.୨,୩୫,୨୦୦/- / ବିଡ୍ ବୃଦ୍ଧି ପରିମାଣ: ଟ.୧୦,୦୦୦/- / ଅମାନତ ରାଶି ଜମାର ଅନ୍ତିମ ତାରିଖ ୧୯.୦୮.୨୦୨୫ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ କିମ୍ବା ତା'ପୂର୍ବରୁ |

ସମ୍ପତ୍ତି ତନଖି ତାରିଖ ଏବଂ ସମୟ: ୧୨.୦୮.୨୦୨୫ ରୁ ୧୩.୦୮.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୦୦ଘଟିକା
ଉପରୋକ୍ତ ସମସ୍ତ ସମ୍ପତ୍ତି ବ୍ୟାଙ୍କର ଭୌତିକ ଦଖଲରେ ଅଛି
ସଂଶୋଧିତ ସରଫେଶୀ ଆକ୍ଟ ୨୦୦୨ର ରୁଲ ୮(୬) ଏବଂ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।
ବିକ୍ରୟ ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ, ଦୟାକରି ସେବା ପ୍ରଦାନକାରୀ M/s e-Procurement echnologies Limited-Auction Tiger ଦ୍ୱାରା ପ୍ରଦାନ କରାଯାଇଥିବା ଲିଙ୍କ୍ https://sarfaesi.auctiontiger.net/EPROC/viewauction/338828/3/0 ସହିତ Auction ID: 338828 ଦେଖନ୍ତୁ। ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ପ୍ରବୀଣ କୁମାର ଥେଭର: ୯୭୨୨୭୭୮୮୨୮-୦୭୯-୩୫୨୬୬୫୧୫/୧୬, ବିଡ୍‌ର ସହାୟତା ନିମନ୍ତେ- ୯୨୬୫୫୬୨୮୨୧/ ୮୧୮-୦୭୯୬୮୧୩୬୮୪୨/୩୭, ଇମେଲ ଆଇଡ଼ି: praveen.thevar@auctiontiger.net କିମ୍ବା soni@auctiontiger.net ଏବଂ support@auctiontiger.net
ତାରିଖ: ୦୭.୦୭.୨୦୨୫, ସ୍ଥାନ: ବାଲେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.

इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର-୬, ସିଡ଼ିଏ,
ପୋ: ମର୍କତ ନଗର, କଟକ-୭୫୩୦୧୪
zocuttack@indianbank.co.in

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
(ସମ୍ପତ୍ତିଗୁଡ଼ିକ ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍)

ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସମ୍ପତ୍ତିଗୁଡ଼ିକର ବିକ୍ରୟ

ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକରଣ ପାଇଁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗକରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ https://www.ebkray.in (https://baanknet.com)

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ / ସମ୍ପତ୍ତି ଆଇଡ଼ି ନଂ. | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ / ବକେୟା ପରିମାଣ/ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
| --- | --- | --- | --- | --- |
| ୧. | କଟକ କ୍ୟାଣ୍ଟନମେଣ୍ଟ୍ ରୋଡ୍ ଶାଖା / ଋଣଗ୍ରହୀତା ଏବଂ ବନ୍ଧକଦାତାମାନେ: ୧) ମମତା ଦାସ, ସ୍ୱାମୀ: ✓ ଶରତ କୁମାର ଦାସ, ୨) ସୁବ୍ରତ କୁମାର ଦାସ, ପିତା: ✓ ଶରତ କୁମାର ଦାସ, ୩) ପ୍ରିୟବ୍ରତ ଦାସ, ପିତା: ✓ ଶରତ କୁମାର ଦାସ, ସମସ୍ତଙ୍କ ଠିକଣା- ସା: ସୁବେଦାର ଲେନ୍, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, କଟକ-୭୫୩୦୦୧ | ମମତା ଦାସ, ସ୍ୱାମୀ: ✓ ଶରତ କୁମାର ଦାସ, ସୁବ୍ରତ କୁମାର ଦାସ, ପିତା: ✓ ଶରତ କୁମାର ଦାସ, ପ୍ରିୟବ୍ରତ ଦାସ, ପିତା: ✓ ଶରତ କୁମାର ଦାସଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୨୦-ଡ଼ି୧, ପ୍ଲଟ୍ ନଂ.: ୨୯୩/୯୩୦, କ୍ଷେତ୍ର: ଏକର୦.୦୦୬ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୩୨୧ ଡ଼ି-୧, ପ୍ଲଟ୍ ନଂ.: ୨୯୨/୯୨୯, କ୍ଷେତ୍ର: ଏକର୦.୦୦୯ଡିସିମିଲି ୧/୨ କଡି, ସମୁଦାୟ କ୍ଷେତ୍ର: ଏକର୦.୦୧୫ଡିସିମିଲି ଏବଂ ୧/୨ କଡି, କିସମ: ଘରବାରି, ମୌଜା: କଟକ ସହର ୟୁନିଟ୍ ନଂ. ୧୭, ମାଛୁଆବଜାର, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, ଡିଏସ୍‌ଆରଓ: କଟକ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସରୋଜ କୁମାର ଦାସ, ଦକ୍ଷିଣ: ରବିନ୍ଦ୍ର ସାହୁ, ପୂର୍ବ: ଅଲେଖ ସାହୁ, ପଶ୍ଚିମ: ରାସ୍ତା / ସମ୍ପତ୍ତି ଆଇଡ଼ି ନଂ.: IDIB30230155641M | ୨୩.୧୨.୨୦୨୪ / ୦୧.୦୩.୨୦୨୫ / ୦୮.୦୭.୨୦୨୫ ସୁଦ୍ଧା ଟ.୧୨,୧୪,୩୫୫.୫୪ + ଆଦାୟକରଣ ତାରିଖ ପର୍ଯ୍ୟନ୍ତ ପ୍ରର୍ଯ୍ୟୁଜ୍ୟ ହାରରେ ପରବର୍ତ୍ତି ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୨୧,୨୬,୦୦୦/- / ଟ.୨,୧୩,୦୦୦/- / ଟ.୫୦,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା.୨୦.୦୮.୨୦୨୫ରିଖ (ବୁଧବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା
ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୧୯.୦୮.୨୦୨୫ରିଖ, ରାତ୍ର ୧୧.୦୦ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ)
ସମ୍ପତ୍ତିଗୁଡ଼ିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୦୧.୦୮.୨୦୨୫ରିଖ ଠାରୁ ତା.୧୬.୦୮.୨୦୨୫ରିଖ, ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ
ବିଡ୍‌ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମ୍ଭର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ https://www.ebkray.in (https://baanknet.com) ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ support.ebkray@psballiance.com କୁ ଇମେଲ କରନ୍ତୁ। ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: https://www.ebkray.in (https://baanknet.com) ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd., ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ। https://www.ebkray.in (https://baanknet.com) ୱେବସାଇଟ୍‌ରେ ସମ୍ପତ୍ତି ଖୋଜିବାବେଳେ ଉପରୋକ୍ତ ସମ୍ପତ୍ତି ଆଇଡ଼ି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।
Mamata Das
ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।
ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।
ତାରିଖ: ୧୮.୦୭.୨୦୨୫, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ଚେତିଲା ପ୍ରଶାସନ, ନ୍ୟାୟକୁ ଅପେକ୍ଷା

## ଜେପି ହସ୍ପିଟାଲ୍ ଏମ୍‌ଡିଙ୍କ ନାଁରେ ନିର୍ଯାତନା ମାମଲା

ରାଉରକେଲା,୧୮।୭(ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲାର ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଜେପି ହସ୍ପିଟାଲରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କୁ ଡାକ୍ତରଖାନା ଏମ୍‌ଡ଼ି ଡା. ଚନ୍ଦନ ବଂଶଲ ନିର୍ଯାତନା ଦେବା ଘଟଣାରେ ବିଳମ୍ବରେ ହେଲେ ମଧ୍ୟ ପ୍ରଶାସନ ଚେତିଛି। ଏ ନେଇ ପୀଡ଼ିତା ମହିଳା ଜଣଙ୍କ ଗତ ୫ ତାରିଖରେ ଉଦିତନଗର ଥାନାରେ ଏକ ଏତଲା (ନଂ.୨୧୬/୨୫) ଦେଇଥିଲେ। କ୍ରମାଗତ ୧୧ ଦିନ ପର୍ଯ୍ୟନ୍ତ ଏ ସଂକ୍ରାନ୍ତରେ ଠୋସ୍ ପଦକ୍ଷେପ୍ ଗ୍ରହଣ କରାଯାଇ ନ ଥିଲା। ତେବେ ବାଲେଶ୍ୱର ଏଫ୍‌ଏମ୍ କଲେଜ ତାତି ପରେ ଗତ ୧୬ ତାରିଖରେ ପୀଡ଼ିତାଙ୍କୁ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ସମସ୍ତ ଘଟଣା ବର୍ଣ୍ଣନା କରିବାକୁ କୁହାଯାଇଥିଲା। ଏ ନେଇ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳଙ୍କ ସମେତ ୬ ଜଣିଆ ସ୍ୱତନ୍ତ୍ର କମିଟି ସଦସ୍ୟଙ୍କ ଉପସ୍ଥିତିରେ ମହିଳାଙ୍କ ଅଭିଯୋଗ ଶୁଣାଯାଇଥିଲା। ଏହାପରେ ଉଦିତନଗର ବିରଜାପାଲୀ କୋର୍ଟରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତା ମହିଳାଙ୍କ ବୟାନ ରେକର୍ଡ ହୋଇଥିଲା। ସେହିପରି ଏହି ମାମଲା ଉଦିତନଗର ଥାନାରୁ ସେକ୍ଟର-୪ ମହିଳା ଥାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

ଅପରପକ୍ଷେ ପୀଡ଼ିତା ମହିଳା ଶୁକ୍ରବାର କହିଛନ୍ତି, ଗତ ୫ ତାରିଖରେ ଅଭିଯୋଗ ହୋଇଥିଲେ ମଧ୍ୟ ୧୫ ତାରିଖ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ନ୍ୟାୟ ଆଶା ମଉଳି ଯାଇଥିଲା। ରାଜ୍ୟରେ ମହିଳାମାନେ ନିର୍ଯାତିତ ହେଉଛନ୍ତି। ନ୍ୟାୟ ପାଇଁ ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଭଳି ପଦକ୍ଷେପ ଗ୍ରହଣ କରାଗଲେ ବୋଧହୁଏ ନ୍ୟାୟ ମିଳିବ ବୋଲି ସେ କହିଛନ୍ତି। ତେବେ ୨ ଦିନ ତଳେ ଜିଲା ପ୍ରଶାସନର ପଦକ୍ଷେପ ପରେ ନ୍ୟାୟ ମିଳିବା ଆଶା ଦେଖାଯାଇଛି। ଉକ୍ତ ଜେପି ହସ୍ପିଟାଲରେ ଅନେକ ମହିଳା କର୍ମଚାରୀ ନିର୍ଯାତିତ ହୋଇ ଚାକିରି ଛାଡିଛନ୍ତି। ଅନେକ ଥାନାରେ ଅଭିଯୋଗ ମଧ୍ୟ କରିଛନ୍ତି। ହେଲେ ଫଳ ଶୁନ୍ ଥିବା ଯୋଗୁ ଏଥିରୁ ସେମାନେ ଓହରିଯାଇଛନ୍ତି। ତେବେ ମହିଳା ସମ୍ମାନ ପାଇଁ ଏହି ସଂଘର୍ଷ ଜାରି ରହିବ ବୋଲି ପୀଡ଼ିତା କହିଥିଲେ। ଏ ସମ୍ପର୍କରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କୁ ପଚରାଯିବାରୁ ସେ କହିଲେ, ଆଇୟୁସିଏଡବ୍ଲ୍ୟୁ ଅତିରିକ୍ତ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ମହିଳା ଥାନା ଅଧିକାରୀ ମାମଲାର ଯାଞ୍ଚ କରୁଛନ୍ତି। ହସ୍ପିଟାଲ କର୍ମଚାରୀମାନଙ୍କ ବୟାନ ରେକର୍ଡ କରାଯିବ ବୋଲି ଏସ୍‌ପି ୱାଧୱାନୀ କହିଥିଲେ।

ସୂଚନାଯୋଗ୍ୟ, ୨୦୧୯ ମସିହାରେ ପୀଡ଼ିତା ଜଣଙ୍କ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଦାଣ୍ଡିଆପାଲୀ ଅଞ୍ଚଳରେ ଥିବା ଜେପି ହସ୍ପିଟାଲରେ ମହିଳା ଜୁନିୟର ଏକ୍‌ଜିକ୍ୟୁଟିଭ ଭାବେ କାମ ଆରମ୍ଭ କରିଥିଲେ। ସେହି ସମୟରେ ତାଙ୍କୁ ବ୍ଲାଙ୍କ ଚେକ୍ ମଗାଯାଇଥିଲା। ସେ ୨୦୨୪ ଫେବୃଆରୀ ପର୍ଯ୍ୟନ୍ତ କାମ କରିଥିଲେ। ଏହି ସମୟରେ ହସ୍ପିଟାଲର ଏମ୍‌ଡି ଡା. ବଂଶଲ ପୀଡ଼ିତା ମହିଳା କର୍ମୀଙ୍କ ସହ ଯୌନ ସମ୍ବନ୍ଧ ପାଇଁ ନିବେଦନ କରିଥିଲେ। ଏହାକୁ ପୀଡ଼ିତା ପ୍ରତ୍ୟାଖାନ କରିଦେବାରୁ ତାଙ୍କୁ ଉଦିତନଗର ସ୍ଥିତ ଜେପି ହସ୍ପିଟାଲର ଅନ୍ୟ ଏକ ଶାଖା ଜେପି କେୟାର ହସ୍ପିଟାଲକୁ ବଦଳି କରିଦିଆଗଲା। ଗତ ୪ ତାରିଖରେ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ ୱାର୍ନିଂ ଲେଟର ଦେଇଥିଲେ। ଉକ୍ତ ସମୟରେ ପୀଡ଼ିତା ଛୁଟିରେ ଥିବାରୁ ତାଙ୍କୁ ଦାଣ୍ଡିଆପାଲୀ ଜେପି ହସ୍ପିଟାଲରୁ ଏହି ଲେଟର ଆଣିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ସେ ଗ୍ରହଣ କରିଥିଲେ। ଗତ ୫ ତାରିଖରେ ଏମ୍‌ଡ଼ି ଡା. ବଂଶଲ ଉଦିତନଗର ସ୍ଥିତ ହସ୍ପିଟାଲକୁ ଆସି ଲ୍ୟାଣ୍ଡଲାଇନ୍ ଫୋନ୍ ଯାଞ୍ଚ କରିବାକୁ ପୀଡ଼ିତାଙ୍କୁ କହିଥିଲେ। ଏଥିରେ ସାମାନ୍ୟ ତ୍ରୁଟି ହେବାରୁ ସେ ପୀଡ଼ିତାଙ୍କ ହାତରୁ ମୋବାଇଲ ଛଡାଇ ନେଇଥିଲେ। ପରେ ପୀଡ଼ିତାଙ୍କୁ କାର୍ଯ୍ୟାଳୟକୁ ନେଇ ଗାଳିଗୁଲଜ କରି ମାଡ ମାରିଥିବା ଅଭିଯୋଗ ହୋଇଥିଲା। ଏଥିରେ ପୀଡ଼ିତା ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଘଟଣା ଦିନ ସନ୍ଧ୍ୟାରେ ପୀଡ଼ିତା ଥାନାରେ ଅଭିଯୋଗ କରିଥିଲେ।

# ଘରେ କେହି ନ ଥିବାବେଳେ ଚୋରି, ୨ ଗିରଫ

ରାଉରକେଲା, ୧୮।୭(ସଙ୍ଗୀତା ଜେନା)

ସିଭିଲଟାଉନଶିପ୍ ଅଞ୍ଚଳରେ ଗୁରୁବାର ଜଣେ ବ୍ୟକ୍ତିଙ୍କ ଘରେ କେହି ନ ଥିବା ସମୟରେ ୨ଜଣ ଦୁର୍ବୃତ୍ତ ପଶି କମ୍ପ୍ୟୁଟର, ମୋବାଇଲ ଚୋରି କରିନେଇଥିଲେ। ଏହି ମାମଲାରେ ରଘୁନାଥପାଲୀ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସିଭିଲଟାଉନଶିପ୍‌ର ଅସଗର ଅଲ୍ଲୀ ଖାନ୍(୩୫) ଓ ରାଜୀବ ବସ୍ତିର କାହ୍ନା ଛତ୍ରିଆ(୨୭)। ପୋଲିସ ଏକ ମାମଲା (ନଂ.୩୯୦/୨୫) ରୁଜୁ କରି ଶୁକ୍ରବାର ଅପରାହ୍ନ ୪ଟାରେ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରିଛି। ଅସଗରଙ୍କ ବିରୋଧରେ ବିଭିନ୍ନ ଥାନାରେ ୧୧ଟି ମାମଲା ରହିଥିବାବେଳେ କାହ୍ନାଙ୍କ ନାଁରେ ୭ଟି ମାମଲା ରହିଛି। ଅଭିଯୋଗକାରୀ ପ୍ରଫୁଲ ସ୍ୱାଇଁଙ୍କ କହିବା ଅନୁସାରେ, ସେ ସିଭିଲଟାଉନଶିପ୍‌ରେ ଦୀର୍ଘ ୨୫ ବର୍ଷ ହେଲା ପୂଜାଷ୍ଟୋର ଚଳାଇ ଆସୁଛନ୍ତି। ଗତ ୧୫ ତାରିଖରେ ସେ ତାଙ୍କ ପୁଅ ସହ କଟକ ଚିକିତ୍ସା ପାଇଁ ଯାଇଥିଲେ। ୧୭ ତାରିଖରେ ଫେରିବା ପରେ ଘର ତାଲାଭାଙ୍ଗି ଚୋରି ହୋଇଥିବା ଦେଖିବାକୁ ମିଳିଥିଲା।

BADRIPRASAD
Institute of Technology
Approved by AICTE ESTD - 2009
Approved by Govt. Of Odisha
Admission Open 2025
B.Tech
COURSES OFFERED
COMPUTER SCIENCE & ENGINEERING
CIVIL ENGINEERING | ELECTRICAL ENGINEERING
MECHANICAL ENGINEERING
Candidates Interested to take Admission can lock their choice through ongoing OJEE Counselling 2025
Book Your Seat Now 7008920803, 9238400140, 7008757504
AT- DEBAIPALI, PO - SASON, DIST - SAMBALPUR, PIN-768200 | Email:badriprasad.sbp@gmail.com

# ସୁନାଚେନ୍ ଲୁଟେରା ଗ୍ୟାଙ୍ଗ୍ ଠାବ, ୨ ଗିରଫ

ରାଉରକେଲା, ୧୮।୭(ସଙ୍ଗୀତା ଜେନା)



ଖବରଦାତା ସମ୍ମିଳନୀରେ ଡିଏସ୍‌ପି ସୂଚନା ଦେଉଛନ୍ତି।

ଗତ ମେ ଏବଂ ଜୁନ୍ ମାସରେ ସିରିଜ ସୁନାଚେନ୍ ଛିନ୍‌ତାଇ ମାମଲାରେ ଝିରପାଣି ଥାନା ପୋଲିସ ୨ଜଣଙ୍କୁ ଶୁକ୍ରବାର ଗିରଫ କରିଛି। ଅନ୍ୟ ଜଣେ ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ମାଲଗୋଦାମ ନିବାସୀ ରାଜେଶ ସାହୁ(୩୩) ଓ ତାଙ୍କଠାରୁ ଚୋରି ସୁନା କିଣିଥିବା ଅକ୍ଷୟ ବର୍ମା(୩୫)। ସେମାନଙ୍କଠାରୁ ୨ଟି ସୁନାଚେନ୍, ୨ଟି ମୋବାଇଲ ଫୋନ୍, ଅଟୋ ଏବଂ କଳା ପଲସର ବାଇକ୍ ଜବତ ହୋଇଛି। ପୋଲିସ ପୃଥକ୍ ୩ଟି ମାମଲା (ନଂ.୬୭/୨୫, ନଂ.୭୭/୨୫ ଓ ନଂ.୧୬୧/୨୪) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରିଛି। ଏ ନେଇ ଝିରପାଣି ଥାନା ପରିସରରେ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ଜୋନ୍-୧ ଡିଏସ୍‌ପି ଯୋଗେଶ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଥାନା ଅଧିକାରୀ ପ୍ରଦୀପ ନାୟକ ଏବଂ ଏସ୍.କେ. ଆଜାରୁଦ୍ଦିନ୍ ପ୍ରମୁଖ ଉପସ୍ଥିତ ଥିଲେ। ଡିଏସ୍‌ପି ପଣ୍ଡା ସୂଚନା ଦେଇ କହିଥିଲେ, ରଥଯାତ୍ରା ବେଳେ କୋଏଲନଗର ସି' ବ୍ଲକ ଗୁଣ୍ଡିଚା ମନ୍ଦିର ନିକଟରେ ମନୋରମା ମଲ୍ଲିକ(୭୫) ସନ୍ଧ୍ୟାରେ ଦର୍ଶନ କରି ଫେରୁଥିବା ବେଳେ ୨ ଜଣ ଦୁର୍ବୃତ୍ତ ତାଙ୍କର ୧୭ ଗ୍ରାମର ସୁନାଚେନ୍ ଛିନ୍‌ତାଇ କରି ଫେରାର ହୋଇଯାଇଥିଲେ। ସେହିପରି ମେ ୨ ତାରିଖରେ ଜଗଦା ନିବାସୀ ବିବିନା କାନ୍ଦିର ଝିରପାଣି ଚର୍ଚ୍ଚରୁ ପ୍ରାର୍ଥନା ଶେଷ କରି ଫେରୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ସୁନାଚେନ୍ ଛିନତାଇ କରି ନେଇଥିଲେ। ଅନୁରୂପ ଭାବେ କୋଏଲ ବି' ବ୍ଲକ ନିବାସୀ ଆଶାଲତା ମର୍ନିଂ ୱାକ୍‌ରେ ଯାଇଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କର ୧୦ଗ୍ରାମ ସୁନାଚେନ୍ ଛିନତାଇ କରିଥିଲେ। ଏସବୁ ଅଭିଯୋଗ ଆଧାରରେ ସେମାନଙ୍କୁ ଗିରଫ କରାଯାଇଥିଲା। ସୁନାବିକ୍ରି ସମ୍ପର୍କରେ ରାଜେଶ ସ୍ୱୀକାର କରିଥିବା ପୋଲିସ କହିଛି। ରାଜେଶଙ୍କ ବିରୋଧରେ ବିଭିନ୍ନ ଥାନାରେ ୧୬ଟି ଛିନ୍‌ତାଇ ଏବଂ ଡକାୟତି ମାମଲା ରହିଛି। ସେହିପରି ଅକ୍ଷୟଙ୍କ ବିରୋଧରେ ୩ଟି ମାମଲା ରହିଛି। ଉକ୍ତ ଗ୍ୟାଙ୍ଗ୍‌କୁ ଚିହ୍ନଟ କରାଯାଉଛି। ଫେରାର ଅଭିଯୁକ୍ତଙ୍କୁ ଶୀଘ୍ର ଧରାଯିବ ବୋଲି ଡିଏସ୍‌ପି ପଣ୍ଡା କହିଥିଲେ।

# ବୈଦ୍ୟୁତିକ ସୁରକ୍ଷା ସଚେତନତା, କୁଇଜ ପ୍ରତିଯୋଗିତା

ରାଉରକେଲା,୧୮।୭(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ବିଦ୍ୟୁତ୍ ବିତରଣ ବିଭାଗରେ ମାସିକ ସୁରକ୍ଷା ସନ୍ଦର୍ଭ ପର୍ଯ୍ୟବେକ୍ଷଣର ଏକ ଅଂଶ ଭାବେ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଓ ବୈଦ୍ୟୁତିକ ସୁରକ୍ଷା ଉପରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୁରକ୍ଷା ଓ ଅଗ୍ନିଶମ ସେବା ବିଭାଗ ସିଜିଏମ୍ ସୁଶ୍ରୀ ଆଶା ଏସ୍. କାର୍ଥା, ବିଦ୍ୟୁତ୍ ବିତରଣ ବିଭାଗର ମୁଖ୍ୟ ସିଜିଏମ୍ ଶୁଭେନ୍ଦୁ କୁମାର ବେହେରା ଏବଂ ବିଦ୍ୟୁତ୍ ବିତରଣ ବିଭାଗ ଜିଏମ୍ ଜି. ବି. ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଦୈନନ୍ଦିନ କାର୍ଯ୍ୟରେ ବୈଦ୍ୟୁତିକ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସେମାନେ ଅତୀତର ଘଟଣାଗୁଡିକର ଦୃଷ୍ଟାନ୍ତ ଦେବା ସହ ଉପସ୍ଥିତ ସମସ୍ତଙ୍କୁ ନିରାପଦ ଅଭ୍ୟାସ ଗ୍ରହଣ କରିବା ତଥା ସର୍ବଦା ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟୁତ୍ ବିତରଣ ବିଭାଗର ଡେପୁଟି ମ୍ୟାନେଜର ଟି. ଏନ୍. ମିଶ୍ର ବୈଦ୍ୟୁତିକ ସୁରକ୍ଷା ଉପରେ ସ୍ୱରଚିତ କବିତା ଉପସ୍ଥାପନ କରିଥିଲେ। ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଡେପୁଟି ମ୍ୟାନେଜର ନୀଳକଣ୍ଠ ସେଠୀଙ୍କ ଦ୍ୱାରା ଏକ ସଂକ୍ଷିପ୍ତ ସଚେତନତା ଅଧିବେଶନ ପରିଚାଳନା କରାଯାଇଥିଲା। କୁଇଜ ପ୍ରତିଯୋଗିତାରେ ବିଦ୍ୟୁତ୍ ବିତରଣ, ଏସି, ଏଚ୍‌ଏମ୍(ଇ) ଏବଂ ରିପେୟାର ଶପ୍ ଇଲେକ୍ଟ୍ରିକାଲ ବିଭାଗରୁ ମୋଟ ୪୪ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟୁତ୍ ବିତରଣ ବିଭାଗର ଜିଏମ୍ ସୁଶ୍ରୀ ଶାନ୍ତି କୁମାରୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟୁତ୍ ବିତରଣ ବିଭାଗ ସିଜିଏମ ଆର୍. କେ. ମୁଦୁଲିଙ୍କ ମାର୍ଗଦର୍ଶନରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପି.ଡି ବିଭାଗର ସିନିୟର ମ୍ୟାନେଜର ଦୋଳଗୋବିନ୍ଦ ସେଠୀ ଓ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ରିତେଶ କୁମାର ପଟେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

V.N. (AUTO) COLLEGE, JAJPUR ROAD
A WALK IN INTERVIEW will be held at 10 A.M. on 27.07.2025 for different posts, details in website : www.vnautocollege.in.
Principal

WANTED
Sales Executive - 2 Nos
Qualification : 12th Pass
Computer Knowledge
MAHALAXMI MOBILE
Shop No.-59, Bharatia Tower
Ground Floor, Badambadi, Cuttack
Mobile - 7684862464

REQUIREMENT
MARKETING EXECUTIVE with Motor Cycle. Any Graduate in Bhubaneswar. One OFFICE ASSISTANT with Computer Knowledge BCA, PGDCA in Bhubaneswar.
Mob.: 9338205137, 9861404151

REQUIRED
We need for our Real Estate Company
1. RECEPTIONIST : +3 above + Comp. (Ladies)
2. TELECALLER : +2 above + Comp. (Ladies)
3. MARKETING EXECUTIVE : +2 above + Experience
4. PEON-CUM-COOK : 10th above.
Office: Sundarpada, Bhubaneswar - 02
Send your Bio-data @ 9777969014, 9861433014

JAWAHARLAL NEHRU HIGHER SECONDARY SCHOOL, BALIANTA, KHORDHA
E-mail: jawaharlal93384@gmail.com, Ph. No.: 7008726788
WALK-IN-INTERVIEW
Candidates having minimum 55% marks in P.G. can Walk-in-Interview for Lecturer in Odia and History (One Post for each subject) on Dt.30.07.2025, Wednesday from 10.30 A.M. onwards.
Sd./- Principal-cum-Secretary

# ଆଦର୍ଶ ପାଠାଗାରର ମାସିକ ସାହିତ୍ୟ ଆସର

ରାଉରକେଲା, ୧୮।୭(ବିପ୍ଳବ ରଞ୍ଜନ ଦାଶ)




ସାହିତ୍ୟ ଆସରରେ ମଞ୍ଚାସୀନ ଆଲୋଚକଗଣ।

ରାଉରକେଲା ସହରର ସାହିତ୍ୟ ଅନୁଷ୍ଠାନ ଆଦର୍ଶ ପାଠାଗାରର ମାସିକ ସାହିତ୍ୟ ଆସର ଆଦର୍ଶ ସାହିତ୍ୟ ଘରଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଠାଗାର ସଭାପତି ଚନ୍ଦ୍ରଶେଖର ଶତପଥୀ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆଙ୍କ ଆବାହକତ୍ୱ ଏବଂ ଉପସଭାପତି ଡ. ସନାତନ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଷୟ ବିଶେଷଜ୍ଞ ଭାବେ ଗାଳ୍ପିକ କାଶୀନାଥ ନନ୍ଦୀ ଯୋଗଦେଇ ଆଲୋଚ୍ୟ ବିଷୟ 'ଭାରତୀୟ ଜ୍ଞାନ ପରମ୍ପରାକୁ ବେଦବ୍ୟାସଙ୍କ ଅବଦାନ' ସମ୍ପର୍କରେ ଆଲୋଚନା କରିଥିଲେ। ନନ୍ଦୀ ତାଙ୍କ ବକ୍ତବ୍ୟରେ କହିଲେ, ବେଦର ପ୍ରକାର ଭେଦ ବର୍ଣ୍ଣନା କରିବା ସହ ବେଦକୁ ଧରିଲେ ଜଣେ ପରିବର୍ତ୍ତିତ ମଣିଷ ହୋଇଯିବ। ସମାଜ ଶୃଙ୍ଖଳିତ ହେବା ପାଇଁ ଅଥର୍ବ ବେଦରେ ତଥ୍ୟ ରହିଛି। ସେହିପରି ବିଭିନ୍ନ ବେଦରେ ମାନବ ସମାଜକୁ ଏକ ସୁନ୍ଦର ସମାଜ ଗଠନ ପାଇଁ ବାର୍ତ୍ତା ରହିଛି। ମହାଭାରତର ପ୍ରତ୍ୟେକ ଶ୍ଳୋକ ମାନବ ବଞ୍ଚିବାର ସୂତ୍ର ଦେଖାଏ ବୋଲି ନନ୍ଦୀ ମତ ରଖିଥିଲେ। ଡ. ପ୍ରଧାନ ତାଙ୍କ ବକ୍ତବ୍ୟରେ ଗୀତା କ'ଣ ଅଧ୍ୟୟନ କରି ତା'ର ମର୍ମକୁ ବୁଝିବା ଓ ସଂସ୍କୃତ ଭାଷାକୁ ବଞ୍ଚାଇ ରଖିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପକ ଡ. ଜ୍ଞାନରଞ୍ଜନ ତ୍ରିପାଠୀ ଠାକୁର ବାହା ଶୀର୍ଷକ ଗଳ୍ପ ପାଠ କରିଥିଲେ। ସଭାପତି ଶତପଥୀ ସଭାପତିତ୍ୱ ଅଭିଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସଞ୍ଜୀବ କୁମାର ଭୋଇଙ୍କ ସଭାପତିତ୍ୱ, ଗୀତାରାଣୀ ବେହେରା ଓ ମୋନାଲିସା ବେହେରାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। କବି ବ୍ରଜେନ୍ଦ୍ର ଦାଶ, ସସ୍ମିତା ପ୍ରଧାନ, ଉପେନ୍ଦ୍ର କୁମାର ବସ୍ତିଆ, ଉର୍ବଶୀ ଦାଶ ପତି, ଦିବାକର ଦାସ, ସୁଶାନ୍ତ କୁମାର ନାୟକ, ବବିତା ମହାଳିକ, ଶ୍ରୀଧର ସୁନା, ଆଶୁତୋଷ ଜ୍ୟୋତିଷି, ସତ୍ୟ ନାରାୟଣ ଦାଶ, ଗୀତାରାଣୀ ଓ ମୋନାଲିସା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭୟ କୁମାର ଦାସ, ବାଉରୀବନ୍ଧୁ ସାହୁ, ଜୟଶ୍ରୀ ଦାସ, ଟୁକୁଲା ପାଢ଼ୀ, ସୁରେନ୍ଦ୍ର ପାଢ଼ୀ, ଗୌତମ ଦାସ, ବିଜୟ କୁମାର ପାତ୍ର, ଲୀନା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ନଈରେ ଭାସୁଛି ଅଜଣା ଯୁବକଙ୍କ ମୃତଦେହ

ରାଜଗାଙ୍ଗପୁର,୧୮।୭(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ କୁନୁମୁରୁ ପଞ୍ଚାୟତ ରୁମାବାହାଲ ଦେଇ ଯାଇଥିବା ନାକଟି ନଈ କୂଳରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ଅଜଣା ଯୁବକଙ୍କ ମୃତଦେହ ଭାସୁଥିଲା। ବୟସ ପ୍ରାୟ ୪୦ ହେବ ବୋଲି ଅନୁମାନ କରାଯାଉଛି। ଗ୍ରାମବାସୀମାନେ ଦେଖି ଲାଞ୍ଜିବେର୍ଣ୍ଣା ଫାଣ୍ଡି ଅଧିକାରୀଙ୍କୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ମୃତ ଯୁବକଙ୍କୁ ନଈରୁ ଉଦ୍ଧାର କରାଯାଇ ନାହିଁ ଏବଂ ତାଙ୍କ ପରିଚୟ ମଧ୍ୟ ମିଳି ପାରି ନାହିଁ।

ଧରିତ୍ରୀ DHARITRI Oriya daily
WANTED

| POSITION | ELIGIBILITY | LOCATION |
|---|---|---|
| CTP OPERATOR | • Should have experience in CTP plate processing machines operating in print media<br>• Familiarity with plate making equipment and software<br>• Should have expertise in using Altizen, Postrip Express, D Compose, Q Server<br>• Should have basic Computer skills & ability to learn new software techniques. | BHUBANESWAR |

Interested candidates can send their resume to recruitment@dharitri.com / recruitment.dharitri52@gmail.com

ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.
ପଞ୍ଜିକୃତ ନଂ.: ବିଏଲ/୪୪, ସ୍ଥାପିତ-୧୯୪୫, ଆର୍.ବି.ଆଇ.
ଏଲ୍‌ଆଇସି ନଂ.: ୟୁବିଡି. (ଓଆର୍‌ଆଇ) ୦୦୦୪ପି/୦୯-୧୦,
ସା: ବିବେକାନନ୍ଦ ମାର୍ଗ, ପୋ/ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୦୧,
ଫୋନ୍: ୦୬୭୮୨-୨୬୩୦୪୪, ଇମେଲ: contact@blscub.com, www.blscub.com
ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.ର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କୁ ସୂଚିତ କରାଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀ ଋଣଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

ଇ-ନିଲାମର ତାରିଖ ଏବଂ ସମୟ: ୨୦.୦୮.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ, ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣକର୍ତ୍ତା / ଗ୍ୟାରେଣ୍ଟରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ / ସାଙ୍କେତିକ ଦଖଲ ତାରିଖ / ଭୌତିକ ଦଖଲ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି/ ବିଡ୍ ବୃଦ୍ଧି ପରିମାଣ / ଅମାନତ ରାଶି ଜମାର ଅନ୍ତିମ ତାରିଖ |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀମତୀ ସୌଦାମିନୀ ନାୟକ, ସ୍ୱାମୀ: ଘନଶ୍ୟାମ ନାୟକ, ସା: ମେଘଡମ୍ବରୁ, ପୋ: କୁରୁଡ଼ା, ଥାନା: ବାଲେଶ୍ୱର ସଦର, ଓଡ଼ିଶା, ପିନ୍-୭୫୬୦୫୬ / ଗ୍ୟାରେଣ୍ଟରମାନେ: ୧) ଶ୍ରୀ ଘନଶ୍ୟାମ ନାୟକ, ପିତା: ଶ୍ରୀ ନରେନ୍ଦ୍ର ନାୟକ, ୨) ମୋନାଲିସା ନାୟକ, ପିତା: ଶ୍ରୀ ଘନଶ୍ୟାମ ନାୟକ, ଉଭୟଙ୍କ ଠିକଣା- ସା: ମେଘଡମ୍ବରୁ, ପୋ: କୁରୁଡ଼ା, ଥାନା: ବାଲେଶ୍ୱର ସଦର, ଓଡ଼ିଶା, ପିନ୍-୭୫୬୦୫୬ | ଶ୍ରୀମତୀ ସୌଦାମିନୀ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମେଘଡମ୍ବରୁ, ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଖାତା ନଂ.: ୧୮୦/୧୨୦୪, ୟୁନିଟ୍ ନଂ. ୧୭୨, ପ୍ଲଟ୍ ନଂ.: ୧୬୬/୧୭୬୩, କ୍ଷେତ୍ର: ଏକର୦.୦୬୫ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଖାଲି ଜମି, ଦକ୍ଷିଣ: ରାସ୍ତା, ପୂର୍ବ: ଖାଲି ଜମି, ପଶ୍ଚିମ: ଆଲେକେଷ୍ଟ ଗୃହ, ବ୍ୟାଙ୍କକୁ ଜଣାଥିବା ଏନକମ୍ବ୍ରାନ୍ସେସ୍‌ର ସବିଶେଷ ତଥ୍ୟ: ନାହିଁ | ୦୭.୦୭.୨୦୨୫ ସୁଦ୍ଧା ସୁଧ ସହିତ ଟ.୧୮,୮୧,୬୪୬/- + ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ, ଦେୟ ଇତ୍ୟାଦି / ଡିମାଣ୍ଡ ନୋଟିସ୍ ତାରିଖ: ୦୨.୦୯.୨୦୨୧ / ସାଙ୍କେତିକ ଦଖଲ ତାରିଖ: ୨୨.୦୮.୨୦୨୨ / ଭୌତିକ ଦଖଲ ତାରିଖ: ୧୯.୦୬.୨୦୨୫ | ସଂରକ୍ଷିତ ମୂଲ୍ୟ: ଟ.୨୩,୫୨,୦୦୦/- / ଅମାନତ ଜମା ରାଶି: ଟ.୨,୩୫,୨୦୦/- / ବିଡ୍ ବୃଦ୍ଧି ପରିମାଣ: ଟ.୧୦,୦୦୦/- / ଅମାନତ ରାଶି ଜମାର ଅନ୍ତିମ ତାରିଖ ୧୯.୦୮.୨୦୨୫ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ କିମ୍ବା ତା'ପୂର୍ବରୁ |

ସମ୍ପତ୍ତି ତନଖି ତାରିଖ ଏବଂ ସମୟ: ୧୨.୦୮.୨୦୨୫ ରୁ ୧୩.୦୮.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୦୦ଘଟିକା
ଉପରୋକ୍ତ ସମସ୍ତ ସମ୍ପତ୍ତି ବ୍ୟାଙ୍କର ଭୌତିକ ଦଖଲରେ ଅଛି
ସଂଶୋଧିତ ସରଫେଶୀ ଆକ୍ଟ ୨୦୦୨ର ରୁଲ ୮(୬) ଏବଂ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।
ବିକ୍ରୟ ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ, ଦୟାକରି ସେବା ପ୍ରଦାନକାରୀ M/s e-Procurement echnologies Limited-Auction Tiger ଦ୍ୱାରା ପ୍ରଦାନ କରାଯାଇଥିବା ଲିଙ୍କ୍ https://sarfaesi.auctiontiger.net/EPROC/viewauction/338828/3/0 ସହିତ Auction ID: 338828 ଦେଖନ୍ତୁ। ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ପ୍ରବୀଣ କୁମାର ଥେଭର: ୯୭୨୨୭୭୮୮୨୮-୦୭୯-୩୫୨୬୭୫୧୫/୧୬, ବିଡ଼ର ସହାୟତା ନିମନ୍ତେ- ୯୨୬୫୫୬୨୮୨୧/୮୧୮-୦୭୯୬୮୧୩୬୮୪୨/୩୭, ଇମେଲ ଆଇଡ଼ି: praveen.thevar@auctiontiger.net କିମ୍ବା soni@auctiontiger.net ଏବଂ support@auctiontiger.net
ତାରିଖ: ୦୭.୦୭.୨୦୨୫, ସ୍ଥାନ: ବାଲେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.

इंडियन बैंक Indian Bank
इलाहाबाद ALLAHABAD
ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର-୬, ସିଡ଼ିଏ,
ପୋ: ମର୍କତ ନଗର, କଟକ-୭୫୩୦୧୪
zocuttack@indianbank.co.in
ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
(ସମ୍ପତ୍ତିଗୁଡ଼ିକ ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍)

ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସମ୍ପତ୍ତିଗୁଡ଼ିକର ବିକ୍ରୟ

ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକରଣ ପାଇଁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗକରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ https://www.ebkray.in (https://baanknet.com)

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ / ସମ୍ପତ୍ତି ଆଇଡ଼ି ନଂ. | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ / ବକେୟା ପରିମାଣ/ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | କଟକ କ୍ୟାଣ୍ଟନମେଣ୍ଟ୍ ରୋଡ୍ ଶାଖା / ଋଣଗ୍ରହୀତା ଏବଂ ବନ୍ଧକଦାତାମାନେ: ୧) ମମତା ଦାସ, ସ୍ୱାମୀ: ୰ ଶରତ କୁମାର ଦାସ, ୨) ସୁବ୍ରତ କୁମାର ଦାସ, ପିତା: ୰ ଶରତ କୁମାର ଦାସ, ୩) ପ୍ରିୟବ୍ରତ ଦାସ, ପିତା: ୰ ଶରତ କୁମାର ଦାସ, ସମସ୍ତଙ୍କ ଠିକଣା- ସା: ସୁବେଦାର ଲେନ୍, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, କଟକ-୭୫୩୦୦୧ | ମମତା ଦାସ, ସ୍ୱାମୀ: ୰ ଶରତ କୁମାର ଦାସ, ସୁବ୍ରତ କୁମାର ଦାସ, ପିତା: ୰ ଶରତ କୁମାର ଦାସ, ପ୍ରିୟବ୍ରତ ଦାସ, ପିତା: ୰ ଶରତ କୁମାର ଦାସଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୨୦-ଡ୍ରି୧, ପ୍ଲଟ୍ ନଂ.: ୨୯୩/୯୩୦, କ୍ଷେତ୍ର: ଏକର୦.୦୦୬ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୩୨୧ ଡ୍ରି-୧, ପ୍ଲଟ୍ ନଂ.: ୨୯୨/୯୨୯, କ୍ଷେତ୍ର: ଏକର୦.୦୦୯ଡିସିମିଲି ୧/୨ କଡି, ସମୁଦାୟ କ୍ଷେତ୍ର: ଏକର୦.୦୧୫ଡିସିମିଲି ଏବଂ ୧/୨ କଡି, କିସମ: ଘରବାରି, ମୌଜା: କଟକ ସହର ୟୁନିଟ୍ ନଂ. ୧୭, ମାଛୁଆବଜାର, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, ଡିଏସ୍‌ଆରଓ: କଟକ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସରୋଜ କୁମାର ଦାସ, ଦକ୍ଷିଣ: ରବିନ୍ଦ୍ର ସାହୁ, ପୂର୍ବ: ଅଲେଖ ସାହୁ, ପଶ୍ଚିମ: ରାସ୍ତା / ସମ୍ପତ୍ତି ଆଇଡ଼ି ନଂ.: IDIB30230155641M | ୨୩.୧୨.୨୦୨୪ / ୦୧.୦୩.୨୦୨୫ / ୦୮.୦୭.୨୦୨୫ ସୁଦ୍ଧା ଟ.୧୨,୧୪,୩୫୫.୫୪ + ଆଦାୟକରଣ ତାରିଖ ପର୍ଯ୍ୟନ୍ତ ପ୍ରର୍ଯ୍ୟୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୨୧,୨୬,୦୦୦/- / ଟ.୨,୧୩,୦୦୦/- / ଟ.୫୦,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା.୨୦.୦୮.୨୦୨୫ରିଖ (ବୁଧବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା
ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୧୯.୦୮.୨୦୨୫ରିଖ, ରାତ୍ର ୧୧.୦୦ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ)
ସମ୍ପତ୍ତିଗୁଡ଼ିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୦୧.୦୮.୨୦୨୫ରିଖ ଠାରୁ ତା.୧୬.୦୮.୨୦୨୫ରିଖ, ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ
ବିଡ଼ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମ୍ଭର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ https://www.ebkray.in (https://baanknet.com) ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ support.ebkray@psballiance.com କୁ ଇମେଲ କରନ୍ତୁ। ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: https://www.ebkray.in (https://baanknet.com) ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd., ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ। https://www.ebkray.in (https://baanknet.com) ୱେବସାଇଟ୍‌ରେ ସମ୍ପତ୍ତି ଖୋଜିବାବେଳେ ଉପରୋକ୍ତ ସମ୍ପତ୍ତି ଆଇଡ଼ି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।
Mamata Das
ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।
ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।
ତାରିଖ: ୧୮.୦୭.୨୦୨୫, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ଶିବିରରେ ୯୩ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବ୍ରଜରାଜନଗର,୧୮।୭ (ବିଜୟ ବରାଡ଼)

ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ଲଜକୁରା ଗ୍ରାମରେ ଶୁକ୍ରବାର ମଣ୍ଡଳିଆସ୍ଥିତ ଏମ୍‌ସିଏଲ୍ ଇବ୍ ଭ୍ୟାଲି ଏରିଆ କେନ୍ଦ୍ରୀୟ ଚିକିତ୍ସାଳୟ ପକ୍ଷରୁ ନିଶୁଳ୍କ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୯୩ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୪ଜଣଙ୍କ ମଧୁମେହ, ୧୩ ଜଣଙ୍କ ରକ୍ତଚାପ ଓ ୨୯ଜଣଙ୍କ ଆଖି ସମସ୍ୟା ଚିହ୍ନଟ କରାଯାଇଥିଲା। ଏହି ଶିବିରରେ ମଣ୍ଡଳିଆ କେନ୍ଦ୍ରୀୟ ଚିକିତ୍ସାଳୟର ସିଏମ୍‌ଓ ମଦନ ଦାସ, ଡା. ଆଇ.ଏସ୍. ରେଡ୍ଡୀ, ଡା. ପଙ୍କଜ କୁମାର ସହି ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅଂଶୁମାନ ସାହୁ, ପୀତବାସ ପଟେଲ, ରାଜୁ ପ୍ରଧାନ, ରଜତରଶ୍ମି ଶତପଥି, ରୋଷନ୍ତ ପ୍ରଧାନ, ଅନିଲ ପଟେଲ ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ।

# ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ବିକ୍ଷୋଭ

## ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା

ଝାରସୁଗୁଡ଼ା,୧୮।୭(ଆଶିଷ ରଞ୍ଜନ ଦାଶ)

ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣାର ନ୍ୟାୟିକ ତଦନ୍ତ ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ଶୁକ୍ରବାର ଝାରସୁଗୁଡ଼ା ଜିଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ସ୍ଥାନୀୟ ଲକ୍ଷ୍ମୀ ନାରାୟଣ(ଏଲ୍.ଏନ୍.) କଲେଜ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ କଲେଜ ଅଧ୍ୟକ୍ଷ ଦିଲୀପ ଘୋଷ ଏବଂ ଅଧ୍ୟାପକ ସମୀର ସାହୁଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ବିକ୍ଷୋଭରେ ଏବିଭିପିର ବିଭାଗ ସଂଯୋଜକ ଗୋପାଳ ନାଇକ, ଜିଲା ସଂଯୋଜକ ଚିନ୍ମୟ ବେହେରା, ସହସଂଯୋଜକ ରାହୁଲ ବେହେରା, ଛାତ୍ରୀ ଦିଶା ଜୈନଙ୍କ ସମେତ ଏବିଭିପିର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଅପରପକ୍ଷରେ ସୌମ୍ୟାଶ୍ରୀଙ୍କ ପାଇଁ ସେଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏବିଭିପି ସଦସ୍ୟମାନେ ସୌମ୍ୟାଶ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରିଥିଲେ।


କଲେଜ ସମ୍ମୁଖରେ ଏବିଭିପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

# ହାତୀ ଉପଦ୍ରବ, ଗ୍ରାମବାସୀ ଭୟଭୀତ

## ପାଚେରି ଭାଙ୍ଗିଲେ, ଗଛ ନଷ୍ଟ କଲେ

ଦେବଗଡ଼,୧୮।୭(ଶଶାଙ୍କ ଶେଖର ଝାଙ୍କର)

ରିଆମାଳ ବନାଞ୍ଚଳ ନୂଆଡିହୀ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଫୁଲଝରୀ ଗ୍ରାମରେ ଗୁରୁବାର ରାତିରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଏହାକୁ ନେଇ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ୨ଟି ମାଇହାତୀ ଓ ୨ଟି ଶାବକ ଫୁଲଝରୀ ଗ୍ରାମର ଲୁଲୁ ପ୍ରଧାନଙ୍କ ଘରର ପାଚେରି ଭାଙ୍ଗି ବଗିଚା ଭିତରକୁ ପଶିଥିଲେ। ଏହାପରେ ନଡ଼ିଆ ଏବଂ ଏକାଧିକ ଆମ୍ବଗଛ ଭାଙ୍ଗି ନଷ୍ଟକରିଥିଲେ। ଖବରପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀମାନଙ୍କୁ ଜଙ୍ଗଲ ଭିତରକୁ ଘଉଡ଼ାଇ ଦେଇଥିଲେ। ଶୁକ୍ରବାର ସକାଳେ ବନ ବିଭାଗ କର୍ତ୍ତୃପକ୍ଷ ଲୁଲୁଙ୍କ ଘରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିବା ଜଣାପଡ଼ିଛି। ଶୁକ୍ରବାର ସନ୍ଧ୍ୟାରେ ହାତୀମାନେ ନିକଟସ୍ଥ ଜଙ୍ଗଲରେ ରହିଥିବା ଜଣାପଡ଼ିଛି।

**BADRIPRASAD Institute of Technology**
Approved by AICTE ESTD - 2009
Approved by Govt. Of Odisha
**Admission Open 2025**
**B.Tech**
COURSES OFFERED
COMPUTER SCIENCE & ENGINEERING
CIVIL ENGINEERING | ELECTRICAL ENGINEERING
MECHANICAL ENGINEERING
Candidates Interested to take Admission can lock their choice through ongoing OJEE Counselling 2025
Book Your Seat Now 7008920803, 9238400140, 7008757504
AT- DEBAIPALI, PO - SASON, DIST - SAMBALPUR, PIN-768200 | Email:badriprasad.sbp@gmail.com

# ସିଆଇଏସ୍‌ସିଇ ଜୋନାଲ କବାଡ଼ି ପ୍ରତିଯୋଗିତା

ବ୍ରଜରାଜନଗର, ୧୮।୭ (ବିଜୟ ବରାଡ଼)

ବ୍ରଜରାଜନଗରସ୍ଥିତ ଡାନିଏଲ୍ ପବ୍ଲିକ୍ ସ୍କୁଲରେ ଶୁକ୍ରବାର କାଉନ୍‌ସିଲ୍ ଫର୍ ଦି ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ ଏଗ୍‌ଜାମିନେଶନ (ସିଆଇଏସ୍‌ସିଇ) ଜୋନାଲ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ଜୋନ୍ ଅନ୍ତର୍ଗତ ୮ଟି ଆଇସିଏସି ବିଦ୍ୟାଳୟର ମୋଟ ୧୫୦ ଜଣ ଖେଳାଳି ଭାଗ ନେଇଥିଲେ। ୧୪, ୧୭ ଏବଂ ୧୯ ବର୍ଷରୁ କମ୍ ବର୍ଗର ବାଳିକା ଓ ବାଳକଙ୍କ କବାଡ଼ି ପ୍ରତିଯୋଗିତା ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରଜରାଜନଗର ପୌରପାଳିକାର ଚେୟାରମ୍ୟାନ୍ ଗୋପାଳ ସୀତାନୀ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଉପନ ଚରଣ ସାହୁ, ଶିକ୍ଷାବିତ୍ ସୁଶୀଲ ପୁରୋହିତ, ବିଦ୍ୟାଳୟର ଡାଇରେକ୍ଟର ଡ. ବିଜୟ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଭି. ପରମଜ୍ୟୋତି ସ୍ୱାଗତ ଭାଷଣ ଦେଇଥିଲେ। ୧୪ ବର୍ଷରୁ କମ୍ ବାଳକ ବର୍ଗରେ ଡାନିଏଲ୍ ପବ୍ଲିକ ସ୍କୁଲ ବ୍ରଜରାଜନଗର ଓ ବାଳିକା ବର୍ଗରେ ବିବେକାନନ୍ଦ ଇଣ୍ଟରନ୍ୟାଶନାଲ ସ୍କୁଲ ଚାମ୍ପିୟନ ହୋଇଛି। ସେହିପରି ୧୭ ବର୍ଷରୁ କମ୍ ବାଳକ ବର୍ଗରେ ବ୍ରଜରାଜନଗର ଶିକ୍ଷା ନିକେତନ ଓ ବାଳିକା ବର୍ଗରେ ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲ ଚାମ୍ପିୟନ ହୋଇଛି। ଏଥିସହ ୧୯ ବର୍ଷରୁ କମ୍ ବାଳକ ବର୍ଗରେ ଡାନିଏଲ ପବ୍ଲିକ ସ୍କୁଲ ଓ ବାଳିକା ବର୍ଗରେ ସମ୍ବଲପୁରର ସେଣ୍ଟ ଜୋଶେଫ୍ ସ୍କୁଲ ଚାମ୍ପିୟନ ହୋଇଛି। ଉତ୍କୃଷ୍ଟ କ୍ରୀଡ଼ା ପ୍ରଦର୍ଶନ କରିଥିବା ଖେଳାଳି ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଶାରୀରିକ ଶିକ୍ଷା ଶିକ୍ଷକ ଅକ୍ଷୟ କୁମାର ନାୟକଙ୍କ ନେତୃତ୍ୱରେ ଶିକ୍ଷକ ମାନସ ଆଚାର୍ଯ୍ୟ, ହେମନ୍ତ ପ୍ରଧାନ, ହମିଦ୍ କୁମାର ମହାପାତ୍ର, ଶାନ୍ତି ନାୟକ, ଅଭିଳାଶ ସାହୁ, ସଞ୍ଜୟ କୁମାର ପାଢୀ, ଜୟନ୍ତ ଲାକରା, ରଶ୍ମିତା ପାଣିଗ୍ରାହୀ, ବିଜୟ ନାୟକ କ୍ରୀଡ଼ା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଆଞ୍ଚଳ ପ୍ରସାଦ ମଞ୍ଚ ପରିଚାଳନା କରିଥିବାବେଳେ ଡ. ଅଙ୍କିତ ଯଶ ପଟ୍ଟନାୟକ, ମନୀଷ କୁମାର, ଶ୍ୟାମସୁନ୍ଦର ସେଠୀ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଶିକ୍ଷାଦାନରେ ଅବହେଳାକୁ ନେଇ ଜିଲାପାଳଙ୍କ ଛାଟ

ଲଖନପୁର,୧୮।୭(ଗୌତମ ସାହୁ)

ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ହେଲେ ଅନେକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ, ଶିକ୍ଷକ ଶିକ୍ଷାଦାନରେ ଅବହେଳା କରୁଥିବା ଅଭିଯୋଗ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ା ଜିଲାପାଳଙ୍କ ସମେତ ଜିଲା ଶିକ୍ଷା ବିଭାଗର ଅଧିକାରୀ କିଛିଦିନ ତଳେ ବିଭିନ୍ନ ବିଦ୍ୟାଳୟକୁ ଅଚାନକ ଗସ୍ତକରି ସ୍ଥିତି ଅନୁଧ୍ୟାନ କରିଥିଲେ। କାର୍ଯ୍ୟରେ ଅବହେଳା କରିଥିବା କେତେଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦରମା ବନ୍ଦ କରିଥିବାବେଳେ ଆଉ କେତେଜଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ତେବେ ଏଭଳି ପଦକ୍ଷେପକୁ ଲଖନପୁର ବ୍ଲକ୍ ଅଞ୍ଚଳର ଅଭିଭାବକ, ଶିକ୍ଷାବିତ୍ ବେଶ୍ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକଙ୍କ ଶିକ୍ଷାଦାନରେ ଛାତ୍ରୀଛାତ୍ର କେତେ ଉନ୍ନତି କରୁଛନ୍ତି ତାହାର ସ୍ଥିତି ଅନୁଧ୍ୟାନ କରାଯାଉ। ତଦନୁଯାୟୀ ଶିକ୍ଷକମାନେ ବାର୍ଷିକ ଦରମାରେ ଇନ୍‌କ୍ରିମେଣ୍ଟ ପାଇବାର ଅଧିକାରୀ ଅଛି କି ନାହିଁ ଜିଲା ପ୍ରଶାସନ ଏକ ମାପଦଣ୍ଡ ସ୍ଥିର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**V.N. (AUTO) COLLEGE, JAJPUR ROAD**
A WALK IN INTERVIEW will be held at 10 A.M. on 27.07.2025 for different posts, details in website :
www.vnautocollege.in.
Principal

**WANTED**
Sales Executive - 2 Nos
Qualification : 12th Pass
Computer Knowledge
MAHALAXMI MOBILE
Shop No.-59, Bharatia Tower
Ground Floor, Badambadi, Cuttack
Mobile - 7684862464

**REQUIREMENT**
MARKETING EXECUTIVE with Motor Cycle. Any Graduate in Bhubaneswar.
One OFFICE ASSISTANT with Computer Knowledge BCA, PGDCA in Bhubaneswar.
Mob.: 9338205137, 9861404151

**REQUIRED**
We need for our Real Estate Company
1. RECEPTIONIST : +3 above + Comp. (Ladies)
2. TELECALLER : +2 above + Comp. (Ladies)
3. MARKETING EXECUTIVE : +2 above + Experience
4. PEON-CUM-COOK : 10th above.
Office: Sundarpada, Bhubaneswar - 02
Send your Bio-data @ 9777969014, 9861433014

**JAWAHARLAL NEHRU HIGHER SECONDARY SCHOOL, BALIANTA, KHORDHA**
E-mail: jawaharlal93384@gmail.com, Ph. No.: 7008726788
WALK-IN-INTERVIEW
Candidates having minimum 55% marks in P.G. can Walk-in-Interview for Lecturer in Odia and History (One Post for each subject) on Dt.30.07.2025, Wednesday from 10.30 A.M. onwards.
Sd./- Principal-cum-Secretary

# ଗ୍ଲୋ ଗାର୍ଡେନ ପ୍ରବେଶ ପଥରେ ଜମିଛି ବର୍ଷାପାଣି


ପାର୍କ ସମ୍ମୁଖରେ ଜମି ରହିଥିବା ବର୍ଷାପାଣି।

ଝାରସୁଗୁଡ଼ା, ୧୮।୭(ଆଶିଷ ରଞ୍ଜନ ଦାଶ)

୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ପ୍ରସନ୍ନ ପଣ୍ଡା ଛକ ନିକଟରେ ଥିବା ଗ୍ଲୋ ଗାର୍ଡେନ ପାର୍କର ପ୍ରବେଶ ପଥରେ ୧ ଫୁଟରୁ ଊର୍ଦ୍ଧ୍ୱ ଉଚ୍ଚତାର ବର୍ଷାପାଣି ଜମି ରହିଛି। ଫଳରେ ପାର୍କକୁ ଆସୁଥିବା ପିଲାଙ୍କ ସମେତ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁଯାୟୀ, ଗତ ଜାନୁଆରୀ ୨୬ରେ ଜେଏସ୍‌ଡବ୍ଲ୍ୟୁ ଓ ବେଦାନ୍ତ ଆଲୁମିନିୟମର ସହଯୋଗରେ ଲକ୍ଷାଧିକ ଟଙ୍କା ବ୍ୟୟରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଗ୍ଲୋ ଗାର୍ଡେନ ନାମରେ ଏକ ପାର୍କ ନିର୍ମାଣ କରାଯାଇଥିଲା। ଏହାକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଉଦ୍‌ଘାଟନ କରିଥିଲେ। ଏହି ପାର୍କରେ ସନ୍ଧ୍ୟାରେ ସୁନ୍ଦର ଆଲୋକ ସଜ୍ଜା ଏବଂ ଛୋଟ ପିଲାଙ୍କ ଖେଳିବା ପାଇଁ ସୁବିଧା ଥିବାରୁ ପ୍ରବଳ ଭିଡ଼ ହେଉଛି। ହେଲେ ଦୁଃଖର କଥା ବର୍ଷାହେଲେ ଏହାର ପ୍ରବେଶ ପଥ ସମେତ ପାର୍ଶ୍ୱରେ ୪୦ ଫୁଟ୍ ଲମ୍ବ ପର୍ଯ୍ୟନ୍ତ ପାଣି ଜମି ରହୁଛି। ଫଳରେ ମହିଳା, ପିଲାଙ୍କ ସମେତ ଜନସାଧାରଣ ବାଧ୍ୟ ହୋଇ ଏହି ପାଣିରେ ପଶି ଯାତାୟାତ କରୁଛନ୍ତି। ଏହାକୁ ନେଇ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

ଧରିତ୍ରୀ DHARITRI Oriya daily
WANTED

| POSITION | ELIGIBILITY | LOCATION |
|---|---|---|
| CTP OPERATOR | • Should have experience in CTP plate processing machines operating in print media<br>• Familiarity with plate making equipment and software<br>• Should have expertise in using Altizen, Postrip Express, D Compose, Q Server<br>• Should have basic Computer skills & ability to learn new software techniques. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

**ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.**
ପଞ୍ଜିକୃତ ନଂ.: ବିଏଲ୍/୪୪, ସ୍ଥାପିତ-୧୯୪୫, ଆର୍.ବି.ଆଇ.
ଏଲ୍‌ଆଇସି ନଂ.: ୟୁବିଡି. (ଓଆର୍‌ଆଇ) ୦୦୦୪ପି/୦୯-୧୦,
ସା: ବିବେକାନନ୍ଦ ମାର୍ଗ, ପୋ/ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୦୧,
ଫୋନ୍: ୦୬୭୮୨-୨୬୩୦୪୪, ଇମେଲ: contact@blscub.com, www.blscub.com
**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.ର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କୁ ସୂଚିତ କରାଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀ ଋଣଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

ଇ-ନିଲାମର ତାରିଖ ଏବଂ ସମୟ: ୨୦.୦୮.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ, ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣକର୍ତ୍ତା / ଗ୍ୟାରେଣ୍ଟରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ / ସାଙ୍କେତିକ ଦଖଲ ତାରିଖ / ଭୌତିକ ଦଖଲ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି/ ବିଡ୍ ବୃଦ୍ଧି ପରିମାଣ / ଅମାନତ ରାଶି ଜମାର ଅନ୍ତିମ ତାରିଖ |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀମତୀ ସୌଦାମିନୀ ନାୟକ, ସ୍ୱାମୀ: ଘନଶ୍ୟାମ ନାୟକ, ସା: ମେଘଡମ୍ବରୁ, ପୋ: କୁରୁଡ଼ା, ଥାନା: ବାଲେଶ୍ୱର ସଦର, ଓଡ଼ିଶା, ପିନ୍-୭୫୬୦୫୬ / ଗ୍ୟାରେଣ୍ଟରମାନେ: ୧) ଶ୍ରୀ ଘନଶ୍ୟାମ ନାୟକ, ପିତା: ଶ୍ରୀ ନରେନ୍ଦ୍ର ନାୟକ, ୨) ମୋନାଲିସା ନାୟକ, ପିତା: ଶ୍ରୀ ଘନଶ୍ୟାମ ନାୟକ, ଉଭୟଙ୍କ ଠିକଣା- ସା: ମେଘଡମ୍ବରୁ, ପୋ: କୁରୁଡ଼ା, ଥାନା: ବାଲେଶ୍ୱର ସଦର, ଓଡ଼ିଶା, ପିନ୍-୭୫୬୦୫୬ | ଶ୍ରୀମତୀ ସୌଦାମିନୀ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମେଘଡମ୍ବରୁ, ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଖାତା ନଂ.: ୧୮୦/୧୨୦୪, ୟୁନିଟ୍ ନଂ. ୧୭୨, ପ୍ଲଟ୍ ନଂ.: ୧୬୬/୧୭୬୩, କ୍ଷେତ୍ର: ଏକର୦.୦୬୫ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଖାଲି ଜମି, ଦକ୍ଷିଣ: ରାସ୍ତା, ପୂର୍ବ: ଖାଲି ଜମି, ପଶ୍ଚିମ: ଆଜେବେଷ୍ଟ ଗୃହ, ବ୍ୟାଙ୍କକୁ ଜଣାଥିବା ଏନକମ୍ବ୍ରାନ୍ସେସ୍‌ର ସବିଶେଷ ତଥ୍ୟ: ନାହିଁ | ୦୭.୦୭.୨୦୨୫ ସୁଦ୍ଧା ସୁଧ ସହିତ ଟ.୧୮,୮୧,୬୪୬/- + ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ, ଦେୟ ଇତ୍ୟାଦି / ଡିମାଣ୍ଡ ନୋଟିସ୍ ତାରିଖ: ୦୨.୦୯.୨୦୨୧ / ସାଙ୍କେତିକ ଦଖଲ ତାରିଖ: ୨୨.୦୮.୨୦୨୨ / ଭୌତିକ ଦଖଲ ତାରିଖ: ୧୯.୦୬.୨୦୨୫ | ସଂରକ୍ଷିତ ମୂଲ୍ୟ: ଟ.୨୩,୫୨,୦୦୦/- / ଅମାନତ ଜମା ରାଶି: ଟ.୨,୩୫,୨୦୦/- / ବିଡ୍ ବୃଦ୍ଧି ପରିମାଣ: ଟ.୧୦,୦୦୦/- / ଅମାନତ ରାଶି ଜମାର ଅନ୍ତିମ ତାରିଖ ୧୯.୦୮.୨୦୨୫ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ କିମ୍ବା ତା'ପୂର୍ବରୁ |

ସମ୍ପତ୍ତି ତନଖି ତାରିଖ ଏବଂ ସମୟ: ୧୨.୦୮.୨୦୨୫ ରୁ ୧୩.୦୮.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୦୦ଘଟିକା
ଉପରୋକ୍ତ ସମସ୍ତ ସମ୍ପତ୍ତି ବ୍ୟାଙ୍କର ଭୌତିକ ଦଖଲରେ ଅଛି
ସଂଶୋଧିତ ସରଫେଶୀ ଆକ୍ଟ ୨୦୦୨ର ରୁଲ ୮(୬) ଏବଂ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।
ବିକ୍ରୟ ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ, ଦୟାକରି ସେବା ପ୍ରଦାନକାରୀ M/s e-Procurement echnologies Limited-Auction Tiger ଦ୍ୱାରା ପ୍ରଦାନ କରାଯାଇଥିବା ଲିଙ୍କ୍ https://sarfaesi.auctiontiger.net/EPROC/viewauction/338828/3/0 ସହିତ Auction ID: 338828 ଦେଖନ୍ତୁ। ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ପ୍ରବୀଣ କୁମାର ଥେଭର: ୯୭୨୨୭୭୮୮୨୮-୦୭୯-୩୫୨୬୭୫୧୫/୧୬, ବିଡ୍‌ର ସହାୟତା ନିମନ୍ତେ- ୯୨୬୫୫୬୨୮୨୧/ ୮୧୮-୦୭୯୬୮୧୩୬୮୪୨/୩୭, ଇମେଲ ଆଇଡ଼ି: praveen.thevar@auctiontiger.net କିମ୍ବା soni@auctiontiger.net ଏବଂ support@auctiontiger.net
ତାରିଖ: ୦୭.୦୭.୨୦୨୫, ସ୍ଥାନ: ବାଲେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.

इंडियन बैंक Indian Bank
इलाहाबाद ALLAHABAD
**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତ ନଗର, କଟକ-୭୫୩୦୧୪
zocuttack@indianbank.co.in
**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
(ସମ୍ପତ୍ତିଗୁଡ଼ିକ ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍)

ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସମ୍ପତ୍ତିଗୁଡ଼ିକର ବିକ୍ରୟ

ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକରଣ ପାଇଁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗକରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ https://www.ebkray.in (https://baanknet.com)

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ / ସମ୍ପତ୍ତି ଆଇଡ଼ି ନଂ. | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ / ବକେୟା ପରିମାଣ/ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | କଟକ କ୍ୟାଣ୍ଟନମେଣ୍ଟ୍ ରୋଡ୍ ଶାଖା / ଋଣଗ୍ରହୀତା ଏବଂ ବନ୍ଧକଦାତାମାନେ: ୧) ମମତା ଦାସ, ସ୍ୱାମୀ: ✓ ଶରତ କୁମାର ଦାସ, ୨) ସୁବ୍ରତ କୁମାର ଦାସ, ପିତା: ✓ ଶରତ କୁମାର ଦାସ, ୩) ପ୍ରିୟବ୍ରତ ଦାସ, ପିତା: ✓ ଶରତ କୁମାର ଦାସ, ସମସ୍ତଙ୍କ ଠିକଣା- ସା: ସୁବେଦାର ଲେନ୍, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, କଟକ-୭୫୩୦୦୧ | ମମତା ଦାସ, ସ୍ୱାମୀ: ✓ ଶରତ କୁମାର ଦାସ, ସୁବ୍ରତ କୁମାର ଦାସ, ପିତା: ✓ ଶରତ କୁମାର ଦାସ, ପ୍ରିୟବ୍ରତ ଦାସ, ପିତା: ✓ ଶରତ କୁମାର ଦାସଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୨୦-ଡ଼ି୧, ପ୍ଲଟ୍ ନଂ.: ୨୯୩/୯୩୦, କ୍ଷେତ୍ର: ଏକର୦.୦୦୬ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୩୨୧ ଡ଼ି-୧, ପ୍ଲଟ୍ ନଂ.: ୨୯୨/୯୨୯, କ୍ଷେତ୍ର: ଏକର୦.୦୦୯ଡିସିମିଲି ୧/୨ କଡ଼ି, ସମୁଦାୟ କ୍ଷେତ୍ର: ଏକର୦.୦୧୫ଡିସିମିଲି ଏବଂ ୧/୨ କଡ଼ି, କିସମ: ଘରବାରି, ମୌଜା: କଟକ ସହର ୟୁନିଟ୍ ନଂ. ୧୭, ମାଛୁଆବଜାର, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, ଡିଏସ୍‌ଆରଓ: କଟକ, ଜିଲ୍ଲା: କଟକ, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ସରୋଜ କୁମାର ଦାସ, ଦକ୍ଷିଣ: ରବିନ୍ଦ୍ର ସାହୁ, ପୂର୍ବ: ଅଲେଖ ସାହୁ, ପଶ୍ଚିମ: ରାସ୍ତା / ସମ୍ପତ୍ତି ଆଇଡ଼ି ନଂ.: IDIB30230155641M | ୨୩.୧୨.୨୦୨୪ / ୦୧.୦୩.୨୦୨୫ / ୦୮.୦୭.୨୦୨୫ ସୁଦ୍ଧା ଟ.୧୨,୧୪,୩୫୫.୫୪ + ଆଦାୟକରଣ ତାରିଖ ପର୍ଯ୍ୟନ୍ତ ପ୍ରର୍ଚ୍ଚ୍ୟ ହାରରେ ପରବର୍ତ୍ତି ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୨୧,୨୬,୦୦୦/- / ଟ.୨,୧୩,୦୦୦/- / ଟ.୫୦,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା.୨୦.୦୮.୨୦୨୫ରିଖ (ବୁଧବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା
ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୧୯.୦୮.୨୦୨୫ରିଖ, ରାତ୍ର ୧୧.୦୦ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ)
ସମ୍ପତ୍ତିଗୁଡ଼ିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୦୧.୦୮.୨୦୨୫ରିଖ ଠାରୁ ତା.୧୬.୦୮.୨୦୨୫ରିଖ, ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ
Mamata Das
ବିଡ୍‌ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମ୍ଭର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ https://www.ebkray.in (https://baanknet.com) ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ support.ebkray@psballiance.com କୁ ଇମେଲ କରନ୍ତୁ। ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: https://www.ebkray.in (https://baanknet.com) ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd., ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ। https://www.ebkray.in (https://baanknet.com) ୱେବସାଇଟ୍‌ରେ ସମ୍ପତ୍ତି ଖୋଜିବାବେଳେ ଉପରୋକ୍ତ ସମ୍ପତ୍ତି ଆଇଡ଼ି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।
ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।
ତାରିଖ: ୧୮.୦୭.୨୦୨୫, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

### ୭ ଫୁଟ୍‌ର ଅଜଗର ଉଦ୍ଧାର

**କୋକସରା (ଦୁଷ୍ମନ୍ତ କୁମାର ପାଟଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଲା ପଞ୍ଚାୟତ ଚାବୁପଡା ଗ୍ରାମର ଦୁର୍ଲଭ ନାଏକଙ୍କ କୁକୁଡ଼ା ଭାଡ଼ିରୁ ଏକ ୭ଫୁଟ୍ ଲମ୍ବର ଅଜଗର ସାପ ଉଦ୍ଧାର କରାଯାଇଛି। ସାପଟି କିଛି କୁକୁଡ଼ାକୁ ଗିଳିଦେଇ ଆଉ କୁଆଡେ ଯାଇ ନ ପାରି କୁକୁଡ଼ା ଭାଡ଼ିରେ ରହି ଯାଇଥିଲା। ପରିବାର ଲୋକେ ବନ ବିଭାଗ କର୍ମଚାରୀଙ୍କୁ ସୂଚନା ଦେବା ପରେ ଧର୍ମଗଡ ଜଙ୍ଗଲ ବିଭାଗ ସ୍ନେକ ଉଦ୍ଧାରକାରୀ ଦଳର ସ୍ୱାଧୀନ ଦଣ୍ଡସେନା ଆସି ସୁରକ୍ଷିତ ଭାବେ ଅଜଗରକୁ ଉଦ୍ଧାର କରି ନିକଟସ୍ଥ ସାହାଜଖୋଲ ଅଠରନାଲା ଜଙ୍ଗଲରେ ଛାଡଦିଆଯାଇଛି।

## ସଂକ୍ଷେପରେ

### କର୍ମୀ ସମ୍ମିଳନୀରେ ଯୋଗଦେଲେ ପଞ୍ଚାୟତିରାଜ ମନ୍ତ୍ରୀ

**ଖଡ଼ିଆଳ, ୧୮।୭ (ସୁଜିତ କୁମାର ପ୍ରଧାନ):** ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ନୂଆପଡ଼ା ଜିଲା ସଦର ମହକୁମାରେ ବୈଠକ ପରେ ଖଡ଼ିଆଳ ଅଗ୍ରସେନ ଭବନ ପରିସରରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଯୋଗଦେଇଥିଲେ। ଏଥିରେ ମନ୍ତ୍ରୀ ନାଏକଙ୍କ ସମେତ ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା, ପୂର୍ବତନ ଖଡ଼ିଆଳ ବିଧାୟକ ହିତେଶ କୁମାର ବଗର୍ତ୍ତି, ନୂଆପଡ଼ା ଜିଲା ସଭାପତି କମଳେଶ ଦୀକ୍ଷିତ, ନୂଆପଡା ଭାଜପା ବିଧାୟକ ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା, ପୂର୍ବତନ ଜିଲା ସଭାପତି ସୁବ୍ରତ ଠାକୁର, ପୂର୍ବତନ ସଭାପତି ଶିବ ପ୍ରସାଦ ମୁଣ୍ଡ, ପୂର୍ବତନ ସଭାପତି ଅତିନ୍ଦ୍ର ସିଂ ମଲ୍ଲିକ, ଜିଲା ପରିଷଦ ସଦସ୍ୟ ଆଶା ଜୈନ ମଞ୍ଚାସୀନ ଥିଲେ। ମନ୍ତ୍ରୀ ନାଏକ ଖଡ଼ିଆଳ ମାଟିରେ ଯାହା ପ୍ରତିଶ୍ରୁତି ଦେଇଛି ତାହା ପୂରଣ କରିବି ବୋଲି କହିଥିଲେ। ଲିଆଡ଼ଠାରୁ ମାନଜେର ରାସ୍ତାର ଉଦନ୍ତି ନଦୀରେ ବ୍ରିଜ ନିର୍ମାଣ ପାଇଁ ମନ୍ତ୍ରୀ ପଦକ୍ଷେପ ନିଅନ୍ତୁ ବୋଲି ଭାଜପା କାର୍ଯ୍ୟକର୍ତ୍ତା ହରେକୃଷ୍ଣ ପଣ୍ଡା ପ୍ରସ୍ତାବ ଦେଇଥିଲେ। ମନ୍ତ୍ରୀ ଏହି ଦାବି ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓବିସି ମୋର୍ଚ୍ଚା ଜିଲା ସଭାପତି ଅଜିତ କିଶୋର ଚଳାନ, ସଞ୍ଜୟ ତିୱାରୀ,ସୁଶାନ୍ତ କୁମାର ବିଶି ପ୍ରମୁଖ ଉପସ୍ଥିତ ଥିଲେ।

### ବୈବାହିକ ବିବାଦର ଆପୋସ ସମାଧାନ

ନୂଆପଡ଼ା,୧୮।୭ (ମକାରୁ ବେମାଲ)– ଜିଲା ଆଇନ ସେବା ପ୍ରାଧିକରଣ ନୂଆପଡ଼ା କାର୍ଯ୍ୟାଳୟରେ ଶୁକ୍ରବାର ବୈବାହିକ ବିବାଦର ଆପୋସ ମିଳାମିଶା ମାଧ୍ୟମରେ ସମାଧାନ ହୋଇଛି। ଖରିଆରର ଜନୈକ ମହିଳା ଦାମ୍ପତ୍ୟ କଳହ ଯୋଗୁ ଶାଶୁଘର ଛାଡ଼ି ବାପଘରେ ରହୁଥିବାରୁ ନିଜ ସ୍ୱାମୀଙ୍କ ବିରୋଧରେ ମାମଲା ଆଗତ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ନବନୀତା ଦାଶଙ୍କ ଇଜିଲାସରେ ଆପୋସ ମିଳାମିଶା ପାଇଁ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ସମନ କରାଯାଇଥିଲା। ତଦନୁଯାୟୀ ଉଭୟ ଲୋକ ଅଦାଲତରେ ଉପସ୍ଥିତ ହୋଇଥିଲେ। ପରିବାର ବର୍ଗ ଓ ଖରିଆରସ୍ଥିତ ବେସରକାରୀ ଅନୁଷ୍ଠାନ ମିରର୍‌ର ପାରିବାରିକ କାଉନସେଲର୍ ଯଶୋବନ୍ତୀ ବାଗଙ୍କ ଉପସ୍ଥିତିରେ ବିଚାରପତିଙ୍କ ଦ୍ୱାରା ବିବାଦର ସମାଧାନ କରାଯାଇଥିଲା। ସ୍ୱାମୀ ଓ ସ୍ତ୍ରୀ ସୁଖରେ ଘର ସଂସାର କରିବେ ବୋଲି ସହମତି ପ୍ରକାଶ କରି ଖୁସିରେ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପ୍ରାଧିକରଣ ତରଫରୁ ଜନସାଧାରଣଙ୍କୁ ୯୦ ଦିନିଆ 'ଦେଶ ପାଇଁ ମଧ୍ୟସ୍ଥତା' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନ୍ୟାୟାଳୟରେ ନିଜର ବିଚାର ଅପେକ୍ଷାରେ ଥିବା ମାମଲାରେ ମଧ୍ୟସ୍ଥତା ପାଇଁ ଆବେଦନ କରିବାକୁ ଅନୁରୋଧ କରାଯାଇଛି ।

### ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ସଚେତନତା

**ଥୁଆମୂଳ ରାମପୁର,୧୮।୭ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ ସଦର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ଥୁଆମୂଳ ରାମପୁର ଜେଏମ୍ଏଫ୍‌ସି କୋର୍ଟ, ତାଲୁକ ଆଇନସେବା ପ୍ରାଧିକରଣ କମିଟି ତରଫରୁ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜେଏମ୍ଏଫ୍‌ସି କୋର୍ଟ ନ୍ୟାୟାଧୀଶ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଡ. ତାରିଣୀ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏପିପି ଦେବଦତ୍ତ ଜୋଷୀ, ଓକିଲ ଦିଲୀପ କୁମାର ନାଏକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃତ୍ତିବାସ ନାଏକ, ଏମ୍ଏମ୍‌ପିଏସ୍ କଲେଜ ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ଉପରେ ବୁଝାଇଥିଲେ। ପ୍ରାଧିକରଣ ଅଧ୍ୟକ୍ଷ ସାହୁ କିଶୋର ନ୍ୟାୟ ଆଇନ ୨୦୦୯ ଅନୁଯାୟୀ ବିଭିନ୍ନ ମାମଲା ସହ ଜଡ଼ିତ ଥିବା ୧୮ ବର୍ଷରୁ କମ୍ ପିଲାଙ୍କୁ ସୁରକ୍ଷା ପ୍ରଦାନ କରିବା ହେଉଛି ଏହି ଆଇନର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଶିକ୍ଷକ ହରିନାରାୟଣ ବାଗ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ କାଶୀନାଥ ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।



ସଭାରେ ଉପସ୍ଥିତ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ସହ ଅଧିକାରୀ ଓ ଜନ ପ୍ରତିନିଧି।

# ନୂଆପଡ଼ା ଜିଲାକୁ ଦାଦନମୁକ୍ତ କରାଯିବ: ମନ୍ତ୍ରୀ ରବିନାରାୟଣ

ନୂଆପଡ଼ା,୧୮।୭ (ମକାରୁ ବେମାଲ)

ରାଜ୍ୟ ସରକାରଙ୍କ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ ଶୁକ୍ରବାର ଦିନିକିଆ ନୂଆପଡ଼ା ଜିଲା ଗସ୍ତରେ ଆସି ୨୬୪ କୋଟି ଟଙ୍କାର ଭେଟି ଦେବା ସହ ଜିଲାକୁ ଦାଦନମୁକ୍ତ କରାଯିବ ବୋଲି ଘୋଷଣା କରିଛନ୍ତି। ମଧ୍ୟାହ୍ନରେ ମନ୍ତ୍ରୀ ନାୟକ ଭୁବନେଶ୍ୱରରୁ ରେଳ ଯୋଗେ ଆସି ନୂଆପଡ଼ାରେ ପହଞ୍ଚିଥିଲେ। ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଆୟୋଜିତ ସଭାରେ ମନ୍ତ୍ରୀ ଯୋଗଦେଇ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ୧୩ କୋଟି ୯୯ ଲକ୍ଷ ଟଙ୍କାର ୩୪୬ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୫ଟି ମେଗା ପାନୀୟ ଜଳ ପ୍ରକଳ୍ପରେ ୪ ବ୍ଲକର ୨୨୧ ଗାଁକୁ ହରଘର ଜଳ ଗାଁ ଭାବରେ ଘୋଷଣା କରିଥିଲେ। ଏହାପରେ ମନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ବିଭାଗର ୧୧୫.୩୪ କୋଟି ଟଙ୍କାର ୯ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୫.୨୩ କୋଟି ଟଙ୍କା ବ୍ୟୟ ଅଟକଳରେ କାମପୁର– କନକପୁର ରାସ୍ତାର ସାହାଜନାଳା ଉପରେ ନିର୍ମିତ ସେତୁର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ନୂଆପଡାବାସୀଙ୍କୁ ସମ୍ବୋଧିତ କରି ଜିଲାର ଉନ୍ନତି କଲ୍ପେ ପାଣ୍ଠିର ଅଭାବ ରହିବ ନାହିଁ। ଜିଲାକୁ ଦାଦନମୁକ୍ତ କରିବା ପାଇଁ ପ୍ରସ୍ତାବ ରହିଛି। ଏଥିପାଇଁ ଡିପିଆର ପ୍ରସ୍ତୁତ କରାଯାଉଛି । ବହୁତ ଶୀଘ୍ର ଜିଲାକୁ ଦାଦନମୁକ୍ତ କରାଯିବ ବୋଲି କହିଥିଲେ। ଏହି ସମୟରେ ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ନୂଆପଡ଼ା ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ସିନାପାଲି ବ୍ଲକ ଅଧ୍ୟକ୍ଷା ମାଧୁରି ମାଝି, ବୋଡେନ ବ୍ଲକ ଅଧ୍ୟକ୍ଷା ପ୍ରେମଶିଳା ନାଗ, ଖରିଆର ରୋଡ ଏନ୍ଏସି ଅଧ୍ୟକ୍ଷା ସୋନିଆ ଜୈନ, କଳାହାଣ୍ଡି ଏମପି ପ୍ରତିନିଧି ପ୍ରେମ ଅଗ୍ରୱାଲ, ଜିଲାପାଳ ମଧୁସୂଦନ ଦାଶ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ। ନୂଆପଡ଼ା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୁରୁକ୍ଷେତ୍ର ନାଏକ ସଭା ସଂଯୋଜନା କରିଥିଲେ।

## ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଯୌନ ଉତ୍ପୀଡ଼ନ ଉପରେ କର୍ମଶାଳା




କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

ଭବାନୀପାଟଣା,୧୮।୭(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଆନ୍ତଃ ଅଭିଯୋଗ କମିଟି ଓ ଆଇକ୍ୟୁଏସିର ମିଳିତ ଉଦ୍ୟମରେ ଶୁକ୍ରବାର ପ୍ରିଭେନସନ, ପ୍ରୋହିବିସନ ଆଣ୍ଡ ରିଡ୍ରେସାଲ ଅଫ ସେକ୍ସୁଆଲ ହାରାସମେଣ୍ଟ ଅଫ ୱିମେନ ଏମ୍ପ୍ଲୟିଜ ଆଣ୍ଡ ଷ୍ଟୁଡେଣ୍ଟସ ଇନ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁଶନ' (ଯୌନ ଉତ୍ପୀଡନ) ଶୀର୍ଷକ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ଯୌନ ଉତ୍ପୀଡନ ରୋକିବା ପାଇଁ ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ସହିତ ପ୍ରଶ୍ନୋତ୍ତର ମାଧ୍ୟମରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ ଦରୱାନ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଆଇଏଏସ୍ ପ୍ରୋବେସନ ଅନିମେଶ ପ୍ରଧାନ, ଆଇନଜୀବୀ ନିବେଦିତା ମିଶ୍ର ପ୍ରମୁଖ ଯୋଗଦେଇ ପ୍ରସଙ୍ଗଭିତ୍ତିକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। କୁଳସଚିବ ଡ. ଗୁଣନିଧି ନାଏକ ଯୌନ ଉତ୍ପୀଡନର ମୂଳୋତ୍ପାଟନ ପାଇଁ ଶିକ୍ଷକ ଓ ଛାତ୍ରୀଛାତ୍ର ସଚେତନ ରହିବା ଜରୁରୀ ବୋଲି କହିଥିଲେ। ଉପକୁଳସଚିବ ମେଜର ଡ. ଜୟଦେବ ସାହୁ ଛାତ୍ରୀଛାତ୍ରଙ୍କ ଭିତରେ ସଚେତନତା ସୃଷ୍ଟି ତଥା ଆନୁଷ୍ଠାନିକ ଦାୟିତ୍ୱ ଉପରେ ନିଜର ଅଭିମତ ରଖିଥିଲେ। ଆନ୍ତଃ ଅଭିଯୋଗ କମିଟିର ପିଜାଇଡିଂ ଅଫିସର ଡ. ସୁମନା ରାୟ ଯୌନ ଉତ୍ପୀଡନର ନିୟମ ଶୃଙ୍ଖଳା ଉପରେ ପାୱାର ପଏଣ୍ଟ ମାଧ୍ୟମରେ ବୁଝାଇଥିଲେ। ଛାତ୍ର ମଙ୍ଗଳ ନିର୍ଦ୍ଦେଶିକା ଡ. ମଧୁଳିକା ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଆନ୍ତଃ ଅଭିଯୋଗ କମିଟି ସଦସ୍ୟା ରୋଜମେରୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଛାତ୍ର ଆତ୍ମହତ୍ୟା ଘଟଣାରେ ପ୍ରଧାନ ଶିକ୍ଷକ ନିଲମ୍ବିତ

ନୂଆପଡ଼ା,୧୮।୭(ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ୍ ଅନ୍ତର୍ଗତ ଜଟଗଡ ପଞ୍ଚାୟତ ସାହାଜଟ ସେବାଶ୍ରମ ସ୍କୁଲର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା ଘଟଣାରେ ଜିଲାପାଳ ଶୁକ୍ରବାର ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି। କାର୍ଯ୍ୟରେ ଅବହେଳା ଅଭିଯୋଗରେ ଜିଲାପାଳ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଅନ୍ୟପକ୍ଷେ ପ୍ରଧାନ ଶିକ୍ଷକଙ୍କୁ ଗିରଫକରିବା ପାଇଁ ଆଦିବାସୀ କଲ୍ୟାଣ ସଂଘ, ଜିଲା କଂଗ୍ରେସ, ଯୁବ କଂଗ୍ରେସ ପକ୍ଷରୁ ଦାବି ହୋଇଛି। ସୂଚନା ମୁତାବକ ବୁଧବାର ରାତିରେ ଆଶ୍ରମର ସବୁ ଛାତ୍ରୀଛାତ୍ର ଖାଇ ହଷ୍ଟେଲରେ ଶୋଇଥିଲେ। ରାତି ପ୍ରାୟ ୧୦ଟା ସମୟରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଖଡ଼ିଆଳ ବ୍ଲକ ବଡମହେଶ୍ୱର ଗାଁର ଅଶ୍ୱିନୀ ବାଗ (୧୪) ବିଦ୍ୟାଳୟ ସମ୍ମୁଖରେ ଥିବା ଏକ ମହୁଲ ଗଛରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଖବର ପାଇ ଶିକ୍ଷକ ଓ ଛାତ୍ରମାନେ ଅଶ୍ୱିନୀଙ୍କୁ ଗଛରୁ ଉଦ୍ଧାର କରି ତରବୋଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତରବୋଡ ଫାଣ୍ଡି ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ କେଉଁ ପରିସ୍ଥିତିରେ ଛାତ୍ର ଜଣକ ଆତ୍ମହତ୍ୟା କଲେ ତାହା ଜଣାପଡିନାହିଁ।

### ମୁଖ୍ୟମନ୍ତ୍ରୀ ରୋଡ୍ ପାଇଁ ଦାବିପତ୍ର

**ଖଡ଼ିଆଳ,୧୮।୭ (ସୁଜିତ କୁମାର ପ୍ରଧାନ):** ଖଡ଼ିଆଳର କେତେକ ସ୍ଥାନରେ ମୁଖ୍ୟମନ୍ତ୍ରୀ ରୋଡ୍ ଓ ସେତୁ ପାଇଁ ଓବିସି ମୋର୍ଚ୍ଚା ସଭାପତି ଅଜିତ କିଶୋର ଚଲାନ ନୂଆପଡ଼ା ଜିଲା ଗସ୍ତରେ ଆସିଥିବା ପଞ୍ଚାୟତିରାଜ, ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଖଡ଼ିଆଳ ବ୍ଲକ୍ ବଡ଼ପୋଲଠାରୁ ଖୁଦପେଜ ଭାୟା କନକୁଟା ଛକ ୫ କି.ମି., ବଡ଼ପୋଲଠାରୁ ଅରେଡା ଭାୟା ଚନାବେଡା ୧୦ କି.ମି., ସୁନାରୀ ସିକୁଆଁଠାରୁ ଗମ୍ଭାରୀଗୁଡା ୩ କି.ମି. ରାସ୍ତା ନିର୍ମାଣ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଭାଜପା ଜିଲା ସଭାପତି କମଲେଶ ଦୀକ୍ଷିତ, ପୂର୍ବତନ ସଭାପତି ସୁବ୍ରତ ଠାକୁର ଉପସ୍ଥିତ ଥିଲେ।

## ଅଭିଯୁକ୍ତ ଗିରଫ, କଟୁରି ଜବତ

**ପହିଳାଙ୍କୁ ଗଳାକାଟି ହତ୍ୟା ଘଟଣା**

ଲାଞ୍ଜିଗଡ଼, ୧୮।୭(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ସୀମାନ୍ତ ଭବାନୀପାଟଣା ସଦର ଥାନା ମୃଷିଗୁଡା ଗାଁରେ ରାତିରେ ଶୋଇଥିବା ଅବସ୍ଥାରେ ବୃଦ୍ଧା ଜନନୀ ହରିଜନ (୬୧)ଙ୍କୁ ଗଳାକାଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ସେହି ଗାଁର ଅଭିଯୁକ୍ତ ସଞ୍ଜୀତ ନାଏକ (୨୦)ଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ହତ୍ୟାରେ ବ୍ୟବହୃତ କଟୁରୀ ଜବତ ହୋଇଛି। ସୂଚନାନୁସାରେ ଲାଞ୍ଜିଗଡ ବ୍ଲକ ଲାଖବାହଲି ପଞ୍ଚାୟତ ତାଳବର ଗାଁର ଜନନୀଙ୍କ ପରିବାର ଲୋକେ ଦୀର୍ଘ ୧୦ ବର୍ଷ ହେବ ଭବାନୀପାଟଣା ବ୍ଲକ ଯୁଗସାଇ ପାଟଣା ପଞ୍ଚାୟତ ମୃଷିଗୁଡା ଗାଁରେ ରହିଆସୁଥିଲେ। ଜନନୀଙ୍କ ସ୍ୱାମୀ ମଙ୍ଗଲୀ ହରିଜନ ୫ ବର୍ଷ ପୂର୍ବେ ମୃତ୍ୟୁବରଣ କରିଥିବାବେଳେ ତାଙ୍କର



ଗିରଫ ସଞ୍ଜୀତ ନାଏକ।

ଗୋଟିଏ ପୁଅ ଓ ୩ ଝିଅ ବାହା ହୋଇ ନିଜ ଗାଁ ତାଳବରଠାରେ ରହୁଛନ୍ତି। ଜନନୀଙ୍କ ସହିତ ତାଙ୍କ ସମ୍ପର୍କୀୟ ସୁଦାମା ହରିଜନ (୪୦)ମଧ୍ୟ ମୃଷିଗୁଡାରେ ରହୁଥିଲେ। ଗତ ୧୧ ତାରିଖ ରାତିରେ ୨ ମହିଳା ଘରେ ଶୋଇଥିବା ବେଳେ ସଞ୍ଜୀତ ଜନନୀଙ୍କ ଗଳା କାଟି ହତ୍ୟା କରିଥିବା ପରିବାର ପକ୍ଷରୁ ସୂଚନା ମିଳିଥିଲା। ପରିବାର ଲୋକେ ଦୋଷୀଙ୍କୁ ଗିରଫ କରି ଫାଶୀଦଣ୍ଡ ଦିଆଯାଉ ବୋଲି ଦାବି କରିଥିଲେ। ଅଭିଯୋଗ ପରେ ଭବାନୀପାଟଣା ସଦର ଥାନାରେ ପୋଲିସ ବିଏନ୍ଏସ୍ ଧାରା ୧୦୩ (୧)ରେ ହତ୍ୟା ମାମଲା (ନଂ ୩୨୪/୨୫) ରୁଜୁ କରି ତଦନ୍ତ ଚଳାଇଥିଲା। କୌଣସି ସୂତ୍ରରୁ ଖବର ପାଇ ଯୁଗସାଇପାଟଣା ପଞ୍ଚାୟତ ରୁପାଙ୍ଗପଦର ନିକଟରୁ ପୋଲିସ ଟିମ୍ ଅଭିଯୁକ୍ତ ସଞ୍ଜୀତଙ୍କୁ ଗିରଫ କରିଥିଲା। ପଚରାଉଚରା ବେଳେ ଗୁଣିଗାରେଡି ସନ୍ଦେହରେ ହତ୍ୟା କରିଥିବା ଅଭିଯୁକ୍ତ ସ୍ୱୀକାର କରିଥିବା ଭବାନୀପାଟଣା ସଦର ଥାନା ଭାରପ୍ରାପ୍ତ ଅଧିକାରୀ ସୋମ୍ୟରଞ୍ଜନ ପଧାନଠାରୁ ସୂଚନା ମିଳିଛି ।

## ଓଡ଼ିଶା ବନ୍ଦ ନାଁରେ ଚାନ୍ଦା ଆଦାୟ ଭିଡିଓ ଭାଇରାଲ

ଗୋଲାମୁଣ୍ଡା, ୧୮।୭(ବଟକୃଷ୍ଣ ପଣ୍ଡା)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାକୁ ନେଇ ଗୁରୁବାର କଂଗ୍ରେସ ପକ୍ଷରୁ ରାଜ୍ୟ ବ୍ୟାପୀ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଏହାର ପ୍ରଭାବ ଗୋଲାମୁଣ୍ଡା ବ୍ଲକରେ ମଧ୍ୟ ଦେଖିବାକୁ ମିଳିଥିଲା। ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା। ବ୍ଲକ କଂଗ୍ରେସର ବହୁ କର୍ମୀ ଗୋଲାମୁଣ୍ଡାଠାରେ ରାସ୍ତା ଅବରୋଧ କରିଥିଲେ। ଏହି ବନ୍ଦ ପାଳନ କରିବା ପାଇଁ ଜଣେ କର୍ମୀ ବ୍ଲକର କନିଷ୍ଠ ଯନ୍ତ୍ରୀମାନଙ୍କଠାରୁ ଜଣ ପିଛା ୨୦ହଜାର ଟଙ୍କା ଲେଖାଏ ଚାନ୍ଦା ଅସୁଲି କରୁଥିବା ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏ ନେଇ ଜଣେ କନିଷ୍ଠଯନ୍ତ୍ରୀ ନିଜ ନାମ ଗୋପନ ରଖି କହିଛନ୍ତି, ଏହି ଘଟଣା ଗୋଲାମୁଣ୍ଡା ବ୍ଲକରେ ନୂଆ ନୁହଁ, ଯେ କୌଣସି ଆନ୍ଦୋଳନରେ ଆମଠୁ ଚାନ୍ଦା ଆକାରରେ ଜୋର ଜବରଦସ୍ତ ଅସୁଲି କରାଯାଉଛି। ଏ ସମ୍ପର୍କରେ ଗୋଲାମୁଣ୍ଡା ବ୍ଲକ କଂଗ୍ରେସ ସଭାପତି ନୌକେଶ୍ୱର ପୁଟେଲଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଅସ୍ୱୀକାର କରିବା ସହ ଯିଏ ଟଙ୍କା ମାଗିଛି ତା'ର ନିର୍ଦ୍ଦିଷ୍ଟ ପ୍ରମାଣ ସହିତ ସେମାନେ ଅଭିଯୋଗ କରିବା କଥା ବୋଲି କହିଛନ୍ତି।

## ଗିନିଜ୍ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଥିବା କଳାକାରଙ୍କୁ ସମ୍ବର୍ଦ୍ଧନା



କଳାକାରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଜିଲାପାଳ।

କେସିଙ୍ଗା,୧୮।୭ (ତୁମେଶ୍ୱର ସାହୁ)

ଗିନିଜ୍ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଥିବା କଳାହାଣ୍ଡି ଜିଲା ଅଗ୍ରଣୀ ବିଏସ୍ଏ ଅନୁଷ୍ଠାନର କଳାକାରଙ୍କୁ କଳାହାଣ୍ଡି ଜିଲାପାଳ ସଚିନ ପାୱାର ପ୍ରକାଶ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଶୁକ୍ରବାର ବିଏସ୍ଏର ନୂତନ ସଭାଗୃହରେ ଅନୁଷ୍ଠାନର ସଭାପତି ସୁଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ପ୍ରକାଶ ମୁଖ୍ୟ ଅତିଥି ଓ ସାମାଜିକ କର୍ମୀ ସିଟିଜେନ ଫୋରମ ଅଧ୍ୟକ୍ଷ ଡା. ହେମସାଗର ସାହା, ଆଇଏଏସ୍ ପ୍ରୋବେଶନର ଅନିମେଶ ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ତହସିଲଦାର ପ୍ରଶାନ୍ତି ପ୍ରଧାନ, ବିଡିଓ ଜନ୍ମେଜୟ ସ୍ୱାଇଁ ଉପସ୍ଥିତ ରହି କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଉପଲକ୍ଷେ ନିକଟରେ ମସ୍କୋଠାରେ ନୃତ୍ୟ ପରିବେଷଣ କରିଥିବା ପ୍ରତିଭା ଅନୁଷ୍ଠାନର ସଭାପତି ଧ୍ୟାନାନନ୍ଦ ପଣ୍ଡା ଓ ସମ୍ପାଦକ ବିଷ୍ଣୁ ପ୍ରସାଦ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡ. ଅଜୟ ମିଶ୍ର, ପୂର୍ବତନ ନଗରପାଳ ରାମ କୁମାର ଜୈନ, ସରିତା ସିନ୍ଧୂର, ସାମାଜିକ କର୍ମୀ ଜଗଦୀଶ ମଣ୍ଡଳ, ସାହିତ୍ୟିକ ଜୟନ୍ତ ବେହେରା, ବିଶିଷ୍ଟ କଳାକାର କୁମାର ସିଂ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ଅକ୍ଷୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ, ରାସ୍ତାରୋକୋ



ମୃତଦେହ ରଖି ରାଜପଥ ଅବରୋଧ କରାଯାଇଛି।

କୋକସରା,୧୮।୭ (ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ରେଙ୍ଗାଲପାଲି ପଞ୍ଚାୟତ ଝରିଆଗୁଡ଼ା ଗ୍ରାମ ନିକଟରେ ଶୁକ୍ରବାର ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ଲୋକେ ରାସ୍ତାରୋକୋ କରିଥିଲେ। ଟ୍ରାକ୍ଟର ଚାଳକଙ୍କ ଅସାବଧାନତା ଯୋଗୁ ଟ୍ରାକ୍ଟରରେ ଲାଗିଥିବା ଟ୍ରଲି ଓଲଟି ପଡ଼ିଥିଲା। ଫଳରେ ଟ୍ରଲିରେ ଥିବା ସେଣ୍ଟ୍ରିଙ୍ଗ ସାମଗ୍ରୀ ବାଇକ୍ ଚାଳକ ସୁନିଲ କୁମାର ଖର୍ସେଲ (୧୮)ଙ୍କ ଉପରେ ପଡ଼ିଥିଲା। ଫଳରେ ସୁନୀଲ ଗୁରୁତର ଆହତ ହୋଇଥିଲେ। ସମ୍ପର୍କୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଉଥିବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବି କରି କୋକସରା ଥାନା ସମ୍ମୁଖରେ ୨୬ନଂ. ଜାତୀୟ ରାଜପଥ ଉପରେ ମୃତଦେହ ରଖି ରାଜପଥ ଅବରୋଧ କରିଥିଲେ। ଫଳରେ ଭବାନୀପାଟଣା–ଜୟପୁର ମଧ୍ୟରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। କୋକସରା ବ୍ଲକ ଉପାଧ୍ୟକ୍ଷଙ୍କ ହସ୍ତକ୍ଷେପ ପରେ ଟ୍ରାକ୍ଟର ମାଲିକ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ପରେ ରାତି ୮ଟାରେ ଆନ୍ଦୋଳନ ହଟିଥିଲା। ଏ ନେଇ ଥାନାରେ ୨୩୬/୨୫ରେ ଏକ ମାମଲା ରୁଜୁ ହୋଇଛି।

## ସମାବର୍ତ୍ତନ ଉତ୍ସବରେ ନିହାରଙ୍କୁ ସ୍ୱର୍ଣ୍ଣପଦକ

ଭବାନୀପାଟଣା,୧୮।୭(ଉତ୍ତମ କୁମାର ଦାଶ)

କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ଉତ୍ସବ ଗତ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଯୋଗଦେଇ ଥିଲେ। ଏହି ଉତ୍ସବରେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଛାତ୍ରୀଛାତ୍ର ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ଗ୍ରହଣ କରିଥିଲେ। କଳାହାଣ୍ଡି ଜିଲାର ଛାତ୍ର ନିହାର ରଞ୍ଜନ ଦାଶ ପି.ଜି. ଅର୍ଥନୀତି ବିଷୟରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଅତିଥିମାନେ ତାଙ୍କୁ ସ୍ୱର୍ଣ୍ଣପଦକ ଦେଇ ସମ୍ମାନିତ କରିଥିଲେ। ଭବାନୀପାଟଣା ସଦର ବ୍ଲକ ଜଗନ୍ନାଥପୁର ଗ୍ରାମର ନିରଞ୍ଜନ ଦାଶ ଓ



ସବିତା ଦାଶଙ୍କ ଏକ ମାତ୍ର ପୁତ୍ର ହେଉଛନ୍ତି ନିହାର। ସେ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଅର୍ଥନୀତି ବିଷୟରେ ସଫଳତାର ଡିଗ୍ରୀ ହାସଲ କରିଛନ୍ତି। ଏହି ପଦକ ମୋ ପରିବାର ଓ ଗ୍ରାମ ପାଇଁ ଗର୍ବର ବିଷୟ, ଆଗାମୀ ଦିନରେ ଓଡ଼ିଶା ଓ ଦେଶ ପାଇଁ କିଛି ଉତ୍କୃଷ୍ଟ କରିବାକୁ ଚେଷ୍ଟା କରିବି ବୋଲି ନିହାର କହିଥିଲେ।

## ବ୍ୟାଡ୍‌ମିଣ୍ଟନ ର୍‍ୟାଙ୍କିଙ୍ଗ୍ ପ୍ରତିଯୋଗିତା ଉଦ୍‌ଘାଟିତ

ଭବାନୀପାଟଣା,୧୮।୭(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଶୁକ୍ରବାର ରାଜ୍ୟ ଜୁନିୟର (ୟୁ–୧୯) ଓ ସବ୍‌ଜୁନିୟର (ୟୁ–୧୫) ବ୍ୟାଡ୍‌ମିଣ୍ଟନ ରାଙ୍କିଙ୍ଗ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ପ୍ରଦୀପ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାର ଦୟାମୟ ପାଢ଼ୀ ମୁଖ୍ୟ ଅତିଥି ଓ ରାଜ୍ୟ ପର୍ଯ୍ୟବେକ୍ଷକ ସୁଦୀପ୍ତ ବିଷୋଇ, ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ରେଫରି ରିତା ଦାସ, ଅତିରିକ୍ତ ପ୍ରକଳ୍ପ ଅଧିକାରୀ ବିମ୍ବାଧର ସାହୁ, ରାଜ୍ୟ ବୈଷୟିକ ଅଧିକାରୀ ସହ ଅଧ୍ୟକ୍ଷ ମନୋରଞ୍ଜନ ଦାସ ଓ ଜିଲା ସଂଘ



ଉଦ୍‌ଘାଟନୀ ସମାରୋହରେ ଅତିଥିଗଣ।

**ଭାଗନେଇଛନ୍ତି ୧୭୦ ପ୍ରତିଯୋଗୀ**

ସମ୍ପାଦକ ସନ୍ଦିପ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ପ୍ରାୟ ୧୭୦ ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି। ୨୫ ଜଣ ବୈଷୟିକ ଅଧିକାରୀ ପ୍ରତିଯୋଗିତା ପରିଚାଳନା କରୁଛନ୍ତି। ପ୍ରଥମ ଦିନରେ ୧୦୬ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ବଲାଙ୍ଗୀରର ନୈତିକ ପଟେଲ ଓ କଳାହାଣ୍ଡିର ଅମୃତ ବେହେରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

# ମାରଣାସ୍ତ୍ର ଦେଖାଇ ବାଇକ୍, ମୋବାଇଲ, ଟଙ୍କା ଲୁଟ୍

**କନ୍ଧମାଳ, ୧୮।୭(ଆଦିତେଶ୍ୱର ମିଶ୍ର)**

ବୌଦ୍ଧ ଜିଲା ମନମୁଣ୍ଡା ବାଇପାସ୍ ଯୋଗୀପଦର ଛକରେ ୩ ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ବାଇକ, ଟଙ୍କା ଏବଂ ମୋବାଇଲ ଲୁଟ୍ କରିଥିବା ଗୁରୁବାର ମନମୁଣ୍ଡା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରିବା ସହ ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ବୁଧବାର ବିଳମ୍ବିତ ରାତିରେ ମନମୁଣ୍ଡା ଥାନା କସୁରବନ୍ଧ ପଞ୍ଚାୟତ ସାନଡୁଙ୍ଗୁରିପାଲି ଗ୍ରାମର ରଜିତ ରଞ୍ଜନ ମିଶ୍ର ଏବଂ ରାଜକିଶୋର ଗରିଆ ମନମୁଣ୍ଡା ଗାନ୍ଧୀ ଛକରୁ ବାଇପାସ ଦେଇ ଘରକୁ ଫେରୁଥିଲେ। ବାଇପାସ୍ ଯୋଗୀପଦର ଛକ ନିକଟରେ ୩ ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ଉଭୟଙ୍କୁ ଅଟକାଇ ଧମକ ଦେଇଥିଲେ ଏବଂ ରଜିତଙ୍କଠାରୁ ତାଙ୍କ ବାଇକ୍ (ନଂ.ଓଆର୦୩ଏଚ୍/୨୨୫୩) ଓ ଏକ ମୋବାଇଲ ଏବଂ ରାଜକିଶୋରଙ୍କଠାରୁ ୫୦୦୦ ଟଙ୍କା ଏବଂ ଏକ ମୋବାଇଲ୍ ଲୁଟ୍ କରି ପଳାଇଯାଇଥିଲେ। ଗୁରୁବାର ରଜିତ ଏ ନେଇ ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।



ଚାଷୀମାନେ ସମିତି ସମ୍ପାଦକଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ସମବାୟ ସମିତି ପୁନର୍ଗଠନ ନେଇ ଚାଷୀ ଅସନ୍ତୋଷ

**ବରଗଡ଼, ୧୮।୭(ପ୍ରେମାନନ୍ଦ ଖମାରୀ)**

ଚାଷୀମାନଙ୍କୁ ଉତ୍ତମ ସେବା ଯୋଗାଇବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ପ୍ରାଥମିକ ସେବା ସମବାୟ ସମିତି ପୁନର୍ଗଠନ କରିଛନ୍ତି। ମାତ୍ର ଦୂରଦୃଷ୍ଟିହୀନତା ଯୋଗୁ କେତେକ ସ୍ଥଳରେ ପୁନର୍ଗଠନ ପରେ ଚାଷୀମାନେ ଆହୁରି ଅଧିକ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଅଭିଯୋଗ କରିଛନ୍ତି। ଗର୍ଭଣା ପଞ୍ଚାୟତ ଅନ୍ତର୍ଗତ ଗ୍ରାମର ଚାଷୀମାନେ ଏଭଳି ଅଭିଯୋଗ କରି ଶୁକ୍ରବାର ଆନ୍ଦୋଳନକୁ ଓହ୍ଲାଇଥିଲେ। ସୂଚନା ଅନୁଯାୟୀ, ଡୁମେରପାଲି ଗ୍ରାମ ୧୯୬୬ ମସିହାରୁ ୨ କିଲୋ ମିଟର ଦୂରତାରେ ଥିବା ସରକଣ୍ଡା ପ୍ରାଥମିକ ସେବା ସମବାୟ ସମିତି ଅଧିନରେ ଥିଲା। ଉକ୍ତ ସମିତିର ସଦସ୍ୟ ହୋଇ ଚାଷୀମାନେ ଉତ୍ତମ ସେବା ପାଇ ଆସୁଛନ୍ତି। ଅନ୍ୟ ପକ୍ଷରେ ଗର୍ଭଣା ଗ୍ରାମ ଆଗରୁ ପାଣିମୋରା ପ୍ରାଥମିକ ସେବା ସମବାୟ ସମିତି ଅଧୀନରେ ଥିଲା। ଏବେ ବିଭାଜନ ହେବାରୁ ନୂତନ ଗର୍ଭଣା ଏକ ନୂତନ ସମିତିଭାବେ ହୋଇଛି। ଗ୍ରାମକୁ ଏହି ନୂତନ ସମିତିକୁ ସ୍ଥାନାନ୍ତରିତ ହେଉଛି। ଫଳରେ ଉକ୍ତ ଗ୍ରାମର ଚାଷୀମାନଙ୍କୁ ରାଜପଥ ଦେଇ ୫ରୁ ୭କି.ମି ଗଲାପରେ ସେଠାକୁ ପହଞ୍ଚି ହେବ। ଏଭଳି ସମସ୍ୟା ଯୋଗୁ ଗ୍ରାମର ଚାଷୀମାନେ ଜିଲାପାଳ ଏବଂ ସମବାୟ ଉପନିବନ୍ଧକଙ୍କୁ ଲିଖିତ ଅଭିଯୋଗ କରିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନ ନେବାରୁ ଶୁକ୍ରବାର ସରକଣ୍ଡା ସେବା ସମବାୟ ସମିତିକୁ ଯାଇ ସମିତି ସମ୍ପାଦକ ସୁରଥ ବେହେରାଙ୍କୁ ଘେରାଉ କରି ଧାରଣାରେ ବସିଥିଲେ। ସମ୍ପାଦକ ସାହୁ ସମବାୟ ଉପନିବନ୍ଧକଙ୍କ ସହିତ ଫୋନରେ ଚାଷୀଙ୍କ ଦାବି ଦୃଷ୍ଟି ଆକର୍ଷଣ କରିଥିଲେ। ଡୁମେରପାଲି ଗ୍ରାମର ଚାଷୀମାନେ ସରକଣ୍ଡା ସମିତିରେ ରହିବାକୁ ଚାହୁଁଥିବା ନେଇ ଜଣାଇଥିଲେ। ବିଭାଗୀୟ ଅଧିକାରୀ ସୋମବାର ସୁଦ୍ଧା ଗ୍ରାମର ସମସ୍ତ ଚାଷୀଙ୍କ ଋଣ, ସାର ଏବଂ ଧାନ ବିକ୍ରି ପାଇଁ ଧାନ କାର୍ଡ ପଞ୍ଜିକରଣ କରି ପାରିବେ ବୋଲି କହିବା ପରେ ଗ୍ରାମବାସୀ ଧାରଣାରୁ ଉଠିଥିଲେ। ଏହାସହିତ ସମିତି ସମ୍ପାଦକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରେମାନନ୍ଦ ବିଶ୍ୱାଳ, ସମ୍ପଦ ସାହୁ, ବିଶାମିତ୍ର ମହାନନ୍ଦ, ସୀତାରାମ ପଧାନ, ଟିକେଶ୍ୱର ପଧାନ, ମକରଧ୍ୱଜ ସାହୁ ପ୍ରମୁଖ ଧାରଣାର ନେତୃତ୍ୱ ନେଇଥିଲେ।

# ଭାଲୁଡୁଙ୍ଗୁରୀ ବନ ସୁରକ୍ଷା ସମିତିର ଠେଙ୍ଗା ପାଳି

**ପଦ୍ମପୁର, ୧୮।୭(ପ୍ରଦୀପ୍ତ ଦାଶ)**

### ବାଉଁଶ ଚୋରଙ୍କୁ କାବୁକରି କଲେ ସଚେତନ

ବରଗଡ଼ ଜିଲା ପଦ୍ମପୁର ବ୍ଲକ ଅଧୀନ ଭାଲୁଡୁଙ୍ଗୁରୀ ବନ ସୁରକ୍ଷା ସମିତି ପକ୍ଷରୁ ଗାଁର ଯୁବକଙ୍କୁ ନେଇ ସଭାପତି ଚୈତନ୍ୟ ବରିହାଙ୍କ ନିର୍ଦ୍ଦେଶ କ୍ରମେ ପ୍ରତିଦିନ ଠେଙ୍ଗା ପାଳି କରାଯାଉଛି। ଜଙ୍ଗଲ ସୁରକ୍ଷା ପାଇଁ ଲୋକେ ଚାରା ରୋପଣ କରୁଥିବାବେଳେ ଅନ୍ୟ ପଟେ ବାଉଁଶ ଏବଂ ଗଜା ବାଉଁଶକୁ କାଟି ନେଉଛନ୍ତି। ଭାଲୁଡୁଙ୍ଗୁରୀର କେତେଜଣ ଯୁବକ ଠେଙ୍ଗା ପାଳି କରି ଗୁରୁବାର ୨ଜଣଙ୍କୁ କାବୁ କରିଥିଲେ। ୩ ଜଣ ଫେରାର ହୋଇଯାଇଛନ୍ତି। ଜଙ୍ଗଲ ସୁରକ୍ଷା ବିଷୟରେ ସେମାନଙ୍କୁ ବୁଝାଶୁଝା କରି ତଥା ସଚେତନ କରାଇ ପୁନର୍ବାର ଏପରି ବାଉଁଶ ନ କାଟିବା ପାଇଁ ଚେତାବନୀ ଦେବା ସହ ଅସ୍ତ୍ର ଶସ୍ତ୍ର ତଥା ଟାଙ୍ଗିଆ ଓ କଟୁରି ଜବତ କରିଥିବା ଗ୍ରାମବାସୀ କହିଛନ୍ତି। ଏହି ଠେଙ୍ଗାପାଳି ଦଳରେ ଗ୍ରାମର ଯୁବକ ଶ୍ୟାମ ସୁନ୍ଦର ମେହେର, ଗଙ୍ଗାଧର ସେଠ, ସୁମନ୍ତ ମେହେର, ପ୍ରହ୍ଲାଦ ସେଠ, ରବୀନ୍ଦ୍ର ମେହେର, ଅମୀର ମେହେର, ଅଶୋକ ବରିହା ପ୍ରମୁଖ ଉପସ୍ଥିତ ଥିଲେ। ବାଉଁଶ ଚୋରମାନେ ବ୍ରାହ୍ମଣଡିହି ଗ୍ରାମର ବୋଲି ସୂଚନା ମିଳିଛି।




ଭାଲୁଡୁଙ୍ଗରୀ ବନ ସୁରକ୍ଷା ସମିତିର ଠେଙ୍ଗା ପାଳି।

# କ୍ୟାନ୍ସର ସଚେତନତା କର୍ମଶାଳା

**ବରଗଡ, ୧୮।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ଓ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ମିଳିତ ଆନୁକୁଲ୍ୟରେ ଶୁକ୍ରବାର କ୍ୟାନସର ସଚେତନତା ଆଧାରିତ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଅଧକ୍ଷା ରଞ୍ଜିତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗାନ୍ଧୀ ସ୍ମୃତି ପାଠାଗାରର ସଭାପତି ଅରୁଣ ମହାନ୍ତି ସ୍ୱାଗତ ବକ୍ତବ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିକାଶ ମଲ୍ଟି ସ୍ପେସାଲିଷ୍ଟ ହସ୍ପିଟାଲର କ୍ୟାନସର ବିଶେଷଜ୍ଞ ଡା. ଭାରତ ଚନ୍ଦ୍ର ମିଶ୍ର ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ମହିଳା ମାନଙ୍କର ସ୍ତନ କର୍କଟ ବ୍ୟାପିବାର ମୁଖ୍ୟ କାରଣ ଉପରେ କହିଥିଲେ। ଲଜ୍ଜା, ଅବହେଳା ଓ ବିଳମ୍ବରେ ଚିକିତ୍ସା ହିଁ ତାର କାରଣ ବୋଲି ସେ ମତ ଦେବା ସହିତ ସର୍ଭାଇକାଲ କ୍ୟାନସରର ଚିକିତ୍ସା ଉପରେ ଆଲୋକପାତ କରିଥିଲେ। ବରଗଡ଼ ପାଇଁ କ୍ୟାନସର ସଚେତନତା ପାଇଁ ଗୋଟିଏ ସଭା ଯଥେଷ୍ଟ ନୁହେଁ, ବରଂ ଏକ ନିରନ୍ତର ଯାତ୍ରା ଓ ଏମିତି କର୍ମଶାଳା ଏକ ପଦକ୍ଷେପ ମାତ୍ର ବୋଲି ସେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଗାନ୍ଧୀ ସ୍ମୃତି ପାଠାଗାରର ସମ୍ପାଦକ ରବିନାରାୟଣ ପଣ୍ଡା, ପ୍ରାଧାପିକା ନନ୍ଦିନୀ ନିରଦ ପଣ୍ଡା, ଅର୍ପିତା ପଣ୍ଡା ଓ ରେଡକ୍ରସ ସୋସାଇଟିର ଉପଦେଷ୍ଟା ଅଧାପିକା ବିନୋଦିନୀ ବରିହା ସହଯୋଗ କରିଥିଲେ। ଡ. ସଂଘମିତ୍ରା ମିଶ୍ର ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ଝଡ଼ବର୍ଷାରେ ଗଛ ଭାଙ୍ଗିଲା, ବିଦ୍ୟୁତ୍ ସେବା ବ୍ୟାହତ

**ବରଗଡ଼, ୧୮।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ସମେତ ଆଖପାଖ ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟାରେ ଝଡବର୍ଷା ହୋଇଥିଲା। ଏହାର ପ୍ରଭାବରେ ବରଗଡ ସହର ସେଲ୍ସ ଟ୍ୟାକ୍ସ ଅଫିସ, ଅମ୍ବାପାଲି ଆଦି ଅଞ୍ଚଳରେ ଗଛ ଗୁଡିକ ଭାଙ୍ଗି ଯାଇଛି। ଫଳରେ ଅନେକ ସ୍ଥାନରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସେହିପରି ଗଛ ଭାଙ୍ଗି ବିଦ୍ୟୁତ ତାର ଓ ଖୁଣ୍ଟ ଉପରେ ପଡିଛି। ଫଳରେ ସହରରେ ସନ୍ଧ୍ୟା ୫ଟାରୁ ରାତି ପ୍ରାୟ ୮ଟା ୩୦ ମିନିଟ ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ପ୍ରବଳ ବର୍ଷା ଯୋଗୁ ସ୍ଥାନୀୟ ସରକାରୀ ବସ୍‌ଷ୍ଟାଣ୍ଡ ସମେତ ଅନେକ ସ୍ଥାନ ଜଳାର୍ଣ୍ଣବ ହୋଇ ପଡିଥିଲା। ଏପରିକି ଡ୍ରେନେଜ ଅବ୍ୟବସ୍ଥା ଯୋଗୁ ନର୍ଦ୍ଦମା ପାଣି କେତେକ ଘରକୁ ପଶିବାରୁ ଲୋକଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା।



ବରଗଡ଼ ସେଲ୍ସ ଟ୍ୟାକ୍ସ ଅଫିସ ରାସ୍ତାରେ ଭାଙ୍ଗିଥିବା ଗଛ।



ଅତାବିରା ରାଲିରେ ଏବିଭିପିର ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ଏବିଭିପିର ରାଲି

**ଅତାବିରା, ୧୮।୭(ଯୁଧିଷ୍ଠିର ମହାପାତ୍ର)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ବରଗଡ଼ ଜିଲା ଅତାବିରା ନଗର ତରଫରୁ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ ଶୁକ୍ରବାର ମଧ୍ୟାହ୍ନରେ ଅତାବିରା କଲେଜରୁ ଏକ ରାଲି ବାହାରି ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ଏଚ୍‌ଓଡିଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ସାମାଜିକ ଗଣମାଧ୍ୟମରେ ପୀଡ଼ିତାଙ୍କ ଚରିତ୍ର ସଂହାର କରିଥିବା ଏନ୍‌ଏସ୍‌ୟୁଆଇ ଛାତ୍ର ନେତାଙ୍କୁ ଗିରଫ କରାଯାଉ। ଆଇନ ଅନୁଯାୟୀ ସ୍ଥାୟୀ ଆଇସିସି କମିଟି ଗଠନ, ଯେଉଁମାନେ ମାନସିକ ନିର୍ଯାତନା ଏବଂ ଚରିତ୍ର ହାନି କରୁଛନ୍ତି ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ, ରାଜ୍ୟରେ ନିର୍ଭୟା ଆଇନ ଭଳି ସୌମ୍ୟାଶ୍ରୀ ଆଇନ ଆସିବା ଦରକାର। ଏହାଦ୍ୱାରା ଶିକ୍ଷାନୁଷ୍ଠାନରେ ଯୌନ ନିର୍ଯାତନା ଦେଉଥିବା ଦୋଷୀଙ୍କୁ କଠୋରରୁ କଠୋର ଦଣ୍ଡ ମିଳିବ। ଏବିଭିପି ପୀଡ଼ିତାଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବ ବୋଲି ବରଗଡ ଜିଲା ସହ ପ୍ରମୁଖ ଅଚ୍ୟୁତ ମାଝୀ କହିଛନ୍ତି। ଏଥିରେ ଜିଲା ସହ ପ୍ରମୁଖ ଅଚ୍ୟୁତ ମାଝୀ, ଓଡ଼ିଶା ପଶ୍ଚିମ ପ୍ରାନ୍ତର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ପଞ୍ଚମ, ଅତାବିରା ନଗର ସଭାପତି ହୃଷୀକେଶ ରଥ, ନଗର ସମ୍ପାଦକ ଓମ୍ ପ୍ରକାଶ ଗର୍ତିଆ, ନଗର ଛାତ୍ରୀ ବି.ଦୀପାଞ୍ଜଳି, ନଗର ସହ ଛାତ୍ରୀ ପ୍ରମୁଖ ସୁଭଦ୍ରା ମାଝୀ, ନଗର ଏସ୍‌ଏଫ୍‌ଏସ୍ ପ୍ରମୁଖ ଆୟୁଷ୍ମାନ ଚାନ୍ଦ, ନଗର ଏସ୍‌ଏଫ୍‌ଡି ପ୍ରମୁଖ ଆଦର୍ଶ ଗର୍ତିଆ, ନଗର ଖେଲୋ ଭାରତ ପ୍ରମୁଖ ସୁବ୍ରତ ବାରିକ ପ୍ରମୁଖ ଯୋଗଦେଇଥିଲେ।

# ୩ ବିଦ୍ୟାଳୟକୁ ସ୍ମାର୍ଟ ଶିକ୍ଷା ସାମଗ୍ରୀ ବଣ୍ଟନ




କାର୍ଯ୍ୟକ୍ରମରେ କମ୍ପାନୀ ଅଧିକାରୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ।

**ବୌଦ୍ଧ, ୧୮।୭(ଅଜିତ କୁମାର ବାରିକ)**

ବୌଦ୍ଧ ଡିଷ୍ଟିଲାରୀ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଜିଲାର ୩ଟି ବିଦ୍ୟାଳୟକୁ ସ୍ମାର୍ଟ ଶିକ୍ଷା ସାମଗ୍ରୀ ଶୁକ୍ରବାର ବଣ୍ଟନ କରାଯାଇଛି। କମ୍ପାନୀ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିପିଏଲ୍‌ର ମ୍ୟାନେଜିଂ ଡାଇରେକ୍ଟର ରିତେଶ ସାହୁ, ରାଜୁ ପ୍ରସାଦ ଦେବବ୍ରତ ମିଶ୍ର, ରଜନୀକାନ୍ତ ମଲ ଓ କମ୍ପାନୀର କର୍ମଚାରୀ ସାମିଲ ହୋଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବୌଦ୍ଧ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପୁରୁଣାକଟକକୁ ସ୍ମାର୍ଟ ବ୍ଲାକ୍ ବୋର୍ଡ, ଇନଭର୍ଟର ଏବଂ ବ୍ୟାଟେରି ପ୍ରଦାନ କରାଯାଇଥିବା ବେଳେ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ହରେକୃଷ୍ଣପୁରକୁ ସ୍ମାର୍ଟ ଚେୟାର ଓ ବେଞ୍ଚ ପ୍ରଦାନ କରାଯାଇଥିଲା। କମ୍ପାନୀ ପକ୍ଷରୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମୂହିକ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅଭିଭାବକ ଉପସ୍ଥିତ ଥିଲେ।

# ବୌଦ୍ଧ ଜିଲା ପରିଷଦ ବୈଠକ

**ବୌଦ୍ଧ, ୧୮।୭(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ପରିଷଦ ବୈଠକ ସ୍ଥାନୀୟ ପଞ୍ଚାୟତ ଭବନ ସମ୍ମିଳନୀ କକ୍ଷରେ ଶୁକ୍ରବାର ପରିଷଦ ଅଧକ୍ଷା ପ୍ରଭାସିନୀ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, କନ୍ଧମାଳ ବିଧାୟକ କହ୍ନାଇଁ ଚରଣ ଡାଙ୍ଗ, ଜିଲାପାଳ ସୁବ୍ରତ କୁମାର ପଣ୍ଡା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କ ସମେତ ସମସ୍ତ ଜିଲା ପରିଷତ ସଭ୍ୟାସଭ୍ୟ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ବିଭାଗ ଉପରେ ଆଲୋଚନା କରାଯିବା ସହ ଉନ୍ନୟନ କାମର ସମୀକ୍ଷା ହୋଇଥିଲା।



ଜିଲା ପରିଷଦ ବୈଠକରେ ସଭାପତି ଓ ଅନ୍ୟମାନେ।

# ସମ୍ବଲପୁର, ବଲାଙ୍ଗୀର ବିଜୟୀ

**ବୌଦ୍ଧ, ୧୮।୭(ଅଜିତ କୁମାର ବାରିକ)**

### ଆନ୍ତଃ ଜିଲା ସାହାଣୀ କପ୍ ଫୁଟ୍‌ବଲ୍

ଓଡ଼ିଶା ଫୁଟବଲ ଆସୋସିଏଶନ ଓ ରାଜ୍ୟ କ୍ରୀଡ଼ା ଯୁବ ବ୍ୟାପାର ବିଭାଗ ସହାୟତାରେ ବୌଦ୍ଧ ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ୬୪ତମ ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ଥିଲା ତୃତୀୟ ଦିବସ। ତୃତୀୟ ଦିବସର ପ୍ରଥମ ମ୍ୟାଚ୍ ବୌଦ୍ଧ ଓ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳରେ ବଲାଙ୍ଗୀର ଦଳ ୪ଟି ଗୋଲ୍ ଦେଇ ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚ୍‌ର ଖେଳକୁ ରେଫରୀ ପ୍ରଶାନ୍ତ ବେହେରା, ଧନେଶ୍ୱର ସର୍ଦ୍ଦାର ଓ ସୋମନାଥ ମୁର୍ମୁ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ସମ୍ବଲପୁର ଓ ନୂଆପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳରେ ସମ୍ବଲପୁର ଦଳ ୯ଟି ଗୋଲ୍ ଦେଇ ବିଜୟୀ ହୋଇଥିଲା। ଖେଳରେ ଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ଜିଲା ପରିଷଦ ଉପାଧକ୍ଷ ଶର୍ଙ୍କଷଣ ପ୍ରଧାନ, ଜିଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ଜିଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ଜିଲା କ୍ରୀଡ଼ା ଅଧିକାରୀ ସୁଦାମ ଚରଣ ସ୍ୱାଇଁ ଯୋଗ ଦେଇଥିଲେ। ଦେବାଶିଷ ବାଗ, ସଲିଳ ବେହେରା, ସୂର୍ଯ୍ୟନାରାୟଣ ମିର୍ଦ୍ଧା ଦ୍ୱିତୀୟ ମ୍ୟାଚ୍ ପରିଚାଳନା କରିଥିଲେ। ଅମିତ ନାଏକ ଚତୁର୍ଥ ରେଫରି ଦାୟିତ୍ୱ ତୁଲାଇଥିଲେ। ଶନିବାର ପ୍ରଥମ ମ୍ୟାଚ୍ କଳାହାଣ୍ଡି ଓ ନୟାଗଡ ଏବଂ ଦ୍ୱିତୀୟ ମ୍ୟାଚ୍ ବରଗଡ଼ ଓ ଦେବଗଡ ମଧ୍ୟରେ ଅନୁଷ୍ଠିତ ହେବବୋଲି ଜଣାପଡିଛି।



ମ୍ୟାଚ୍ ପରେ ଖେଳାଳି ଓ ଅତିଥି।

# ଯୌନ ନିର୍ଯାତନା ନିବାରଣକୁ ଗୁରୁତ୍ୱ

### ଜିଲାସ୍ତରୀୟ ଏକଦିବସୀୟ କର୍ମଶାଳା

**ବରଗଡ, ୧୮।୭(ପ୍ରେମାନନ୍ଦ ଖମାରୀ)**

କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ଯୌନ ନିର୍ଯାତନା ନିବାରଣ, ନିଷେଧ ଓ ନିରାକରଣ ଆଇନ-୨୦୧୩ ସମ୍ପର୍କିତ ଜିଲାସ୍ତରୀୟ ଏକଦିବସୀୟ କର୍ମଶାଳା ଶୁକ୍ରବାର ସ୍ଥାନୀୟ ଜଳ ବିଭାଜିକା ପ୍ରକଳ୍ପ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ଆୟୋଜିତ ଉକ୍ତ କର୍ମଶାଳରେ ଆଇନଜୀବୀ ଭୈରବୀ ସାହୁ ଏବଂ ସୀତାରାମ ମେହେର ସାଧନ କର୍ମୀ ଭାବେ ଯୋଗ ଦେଇଥିଲେ। କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ଯୌନ ନିର୍ଯାତନା ନିବାରଣ, ନିଷେଧ ଓ ନିରାକରଣ ଆଇନ ୨୦୧୩ର ମୂଳ ଲକ୍ଷ୍ୟ ସେମାନେ ବୁଝାଇଥିଲେ। ଏହାସହ କର୍ମସ୍ଥଳରେ ମହିଳାଙ୍କ ଉପରେ ହେଉଥିବା ଯୌନ ଉତ୍ପୀଡନ ରୋକିବା ପାଇଁ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଏବଂ ସ୍ଥାନୀୟ ଅଭିଯୋଗ କମିଟି ଗଠନ, କାର୍ଯ୍ୟ ପ୍ରକ୍ରିୟା ତଥା କମିଟି ସଦସ୍ୟ ଚୟନ ପ୍ରକ୍ରିୟା, ସଦସ୍ୟଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ, ଯୌନ ନିର୍ଯାତନା ନିବାରଣ ଉପରେ ଜିଲା ଅଧିକାରୀ ଏବଂ ନୋଡାଲ ଅଧିକାରୀଙ୍କ କର୍ତ୍ତବ୍ୟ ବିଷୟରେ ସଚେତନ କରିଥିଲେ। ଡିଏସ୍‌ଡବ୍ଲ୍ୟୁଓ ସନ୍ଧ୍ୟାରାଣୀ ନେପାକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କର୍ମଶାଳାରେ ଜିଲାର ସାମାଜିକ ଅନୁଷ୍ଠାନ ତଥା ଏନ୍‌ଜିଓ କର୍ମୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।




କର୍ମଶାଳାରେ ଉପସ୍ଥିତ ସରକାରୀ ଅଧିକାରୀ ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ପାଟ୍ରୋଲିଂ ବେଳେ ୨ ଅଭିଯୁକ୍ତ ଗିରଫ

**ବଡ଼ଗାଁ,୧୮।୭(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ପୋଲିସ ଗୁରୁବାର ରାତିରେ ପାଟ୍ରୋଲିଂ ସମୟରେ ୨ ଚୋରଙ୍କୁ ଗିରଫ କରିଛି। ସେମାନେ ହେଲେ ଶଶି ପ୍ରଧାନ ଓ ତୁଲାରାମ ଡନସନା। ଏ ନେଇ ବିଏନ୍‌ଏସ୍ ଧାରା ୩୦୩(୨), ୩(୫), ୩୧୭(୨)ରେ ଉଭୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ସବ୍ ଇନ୍ସପେକ୍ଟର ଖଗପତି ବିଶାଳ, ଏଏସ୍‌ଆଇ ବିଜୟ କୁମାର କର ଗୁରୁବାର ରାତିରେ ପାଟ୍ରୋଲିଂ କରୁଥିବାବେଳେ ଭୋଇପାଲି ଛକଠାରେ ୨ ଜଣ ବାଇକ ରଖି ସନ୍ଦେହଜନକ ଅବସ୍ଥାରେ ଥିବାରୁ ଅଟକାଇଥିଲେ। ସେଠାରେ ଶଶି ଓ ତୁଲାରାମ ପାଣି ଟାଙ୍କିର ମୋଟା ଲୁହା ରଡ୍ କାଟି ରଖିଥିବା କହି ଦେଖାଇଥିଲେ। ସବ୍ ଇନ୍ସପେକ୍ଟର ବିଶାଳ ଯାଞ୍ଚ କଲାବେଳେ ପାଇଥିବା ଲୁହା ରଡ଼, କଟର ମେଶିନ ଜବତ କରିଥିଲେ। ଅଭିଯୁକ୍ତ ଦ୍ୱୟ ବ୍ୟବହାର କରିଥିବା ବାଇକକୁ ମଧ୍ୟ ଜବତ କରାଯାଇଛି।

### ଇଞ୍ଜିନିୟରଙ୍କ ବିୟୋଗରେ ଶୋକସଭା

**ରାଉରକେଲା,୧୮।୭(ଦିନେଶ ମିଶ୍ର):** ଛେଣ୍ଡ କଲୋନିରେ ବାସ କରୁଥିବା ଇଞ୍ଜିନିୟର ଜିତେନ୍ଦ୍ର ପ୍ରସାଦ ସାଙ୍କ ଗତ ୧୧ ତାରିଖରେ ୭୪ ବର୍ଷ ବୟସରେ ହୃଦ୍‌ଘାତରେ ଦେହାନ୍ତ ହୋଇଛି। ତାଙ୍କ ବିୟୋଗରେ ଗୋପବନ୍ଧୁ ପାଠାଗାର



ସମ୍ମିଳନୀ କକ୍ଷରେ ଶୁକ୍ରବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସଭାପତି ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡାକ୍ତର ପ୍ରଫୁଲ ଚନ୍ଦ୍ର ମହାପାତ୍ର, ଶଙ୍କର ପ୍ରସାଦ ତ୍ରିପାଠୀ, ଲକ୍ଷ୍ମଣ ନାଥ ଦାସ, ଗରିଜା ଶଙ୍କର ଗୋସ୍ୱାମୀ, ବିଜୟ କୁମାର ବରାଳ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ସାଙ୍କ ସ୍ମୃତିଚାରଣ କରିବା ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଗୁରୁ ଚରଣ ପଟ୍ଟନାୟକ, ସୁବାସ ଚନ୍ଦ୍ର ମହାପାତ୍ର, ହରିହର ଶତପଥୀ, ରବିନାରାୟଣ ସିଂ, ରବୀନ୍ଦ୍ର କୁମାର ସରାଫ, ଅରୁଣ କୁମାର, ମରାରି ପ୍ରଧାନ, ଦେବରାଜ ଗଉଡଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ଫରେଷ୍ଟରଙ୍କ ପରଲୋକ



**ରେଢ଼ାଖୋଲ, ୧୮।୭(ଅଚ୍ୟୁତାନନ୍ଦ ପୁରୋହିତ):** ସମ୍ବଲପୁର ଜିଲା ରେଢ଼ାଖୋଲ ବନଖଣ୍ଡର ତ୍ରିବଣପୁର ସେକ୍ସନରେ ଫରେଷ୍ଟର ଭାବେ କାର୍ଯ୍ୟରତ ରାମନାରାୟଣ ମେଣ୍ଟୁଳିଙ୍କ ରେଢାଖୋଲସ୍ଥିତ ବାସଭବନରେ ଗୁରୁବାର ରାତି ପ୍ରାୟ ୧୨ଟାବେଳେ ଅକାଳ ବିୟୋଗ ଘଟିଛି। ତାଙ୍କୁ ୫୩ ବର୍ଷ ବୟସ ହୋଇଥିଲା। ସେ ସୁନ୍ଦରଗଡ଼ ଜିଲା ଧରିତ୍ରୀ ଖବରଦାତା ଜୟନାରାୟଣ ମେଣ୍ଟୁଳିଙ୍କ ସାନଭାଇ। ରାମନାରାୟଣଙ୍କ ବିୟୋଗ ଖବର ପାଇବା ପରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି, ବନ ବିଭାଗର ଅଧିକାରୀ ଓ କର୍ମଚାରୀ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମା, ପତ୍ନୀ ଓ ପୁଅ, ଝିଅ, ବଡଭାଇ ଭାଉଜ ଓ ସାନଭାଇ, ପୁତୁରା ଉପସ୍ଥିତ ଥିଲେ। ଶୁକ୍ରବାର ସକାଳେ ଖନ୍ଦାଡିପ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ଏକମାତ୍ର ପୁତ୍ର ଗୋପୀନାଥ ମୁଖାଗ୍ନି ଦେଇଥିଲେ। ସେ ଗତ କିଛିବର୍ଷ ଧରି ମଧୁମେହ ରୋଗରେ ପୀଡିତ ଥିଲେ। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ଗୁରୁବାର ଫେରିଥିଲେ। ତେବେ ରାତିରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ରେଢାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। କିଛି ସମୟ ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ରାସ୍ତାରେ ଡ୍ରେନ୍‌ପାଣି ପଶିଛି।

# ଡ୍ରେନ୍ ନାହିଁ, ବସ୍ତିରେ ପଶୁଛି ଆବର୍ଜନା ପାଣି

**ସମସ୍ୟା ଭୋଗୁଛନ୍ତି କୁସୁମୁରା ବସ୍ତିବାସିନ୍ଦା**

**ବାଲିଶଙ୍କରା,୧୮।୭(ସତ୍ ସେଠ)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ କୁସୁମୁରା ବସ୍ତିରେ ଡ୍ରେନ ନାହିଁ। ସାମାନ୍ୟ ବର୍ଷା ହେଲେ ଅଳିଆ ଆବର୍ଜନା ପାଣି ବସ୍ତି ଭିତରେ ପଶୁଛି। ଫଳରେ ଯା'ଆସରେ ସମସ୍ୟା ଭୋଗୁଛନ୍ତି ବସ୍ତିବାସୀନ୍ଦା। କୁସୁମୁରା ଗ୍ରାମର ୨ଟି ୱାର୍ଡ ବିଶିଷ୍ଟ ଏହି ବସ୍ତିରେ ୨୫୦ଘର ଥିବାବେଳେ ୧୦୦୦ ଲୋକ ବସବାସ କରନ୍ତି। ଡ୍ରେନ ନ ଥିବାରୁ ବର୍ଷା ପାଣି ନିଷ୍କାସନ ହୋଇପାରୁନାହିଁ। ଫଳରେ ରାସ୍ତାରେ ପାଣି ଜମି ରହୁଛି। ଏହା ମାଟିରାସ୍ତା ହୋଇଥିବାରୁ ପଣି ଜମି ରହିବା ଦ୍ୱାରା ରାସ୍ତା କାଦୁଅ ପଚପଚ ହେଉଛି। ପାଣି ଜମି ରହିବା ଯୋଗୁ ମଶା, ମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ତୁରନ୍ତ ଏଥିପ୍ରତି ଗୁରୁତ୍ୱ ଦେଇ ସମସ୍ୟାର ସମାଧାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ୫ଦିନିଆ ନିଷ୍ଠା ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ଶିବିରରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ।

**ଲହୁଣୀପଡା,୧୮।୭(ଦାଶରଥି ପଣ୍ଡା)**

ଲହୁଣୀପଡା ବ୍ଲକ କୁଡେଇକଳା ପଞ୍ଚାୟତ ଅନ୍ତର୍ଗତ ଗଣିଘସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା ବ୍ଲକ ସ୍ତରୀୟ ୫ ଦିନିଆ ନିଷ୍ଠା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କୁମାର ଗୌତମ ବାରିକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ଶେଷରେ ସିଆର୍‌ସିସି ତପନ କୁମାର କିଷାନ ଧନ୍ୟବାଦ ଅର୍ପଣ କରିଥିବା ବେଳେ କମଳ ଲୋଚନ ମାହାନ୍ତ, ଡିଲେଶ୍ୱର ମାହାନ୍ତ, ରଞ୍ଜିତା ରଶ୍ମି ମାହାନ୍ତ, ବସନ୍ତ ମଞ୍ଜରୀ ସ୍ୱାଇଁ,ଭାଗ୍ୟଶ୍ରୀ ବେହେରା, ସୁଚାରିତା ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ୫ ଦିନିଆ ଶିକ୍ଷକ ପ୍ରଶିକ୍ଷଣ ଶିବିରରେ ପ୍ରାୟ ୬୦ ଜଣରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟ ଗୁଡିକରେ ନାମ ଲେଖାଇଥିବା ଭିନ୍ନକ୍ଷମ ଛାତ୍ରୀଛାତ୍ର ମାନେ କେମିତି ଅନ୍ୟ ଛାତ୍ରୀଛାତ୍ରଙ୍କ ଭଳି ଶିକ୍ଷା ଗ୍ରହଣ କରି ପାରିବେ ଏବଂ ଆବଶ୍ୟକ ସ୍ଥଳେ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାର ଉପକରଣ ମାଧ୍ୟମରେ ଶିକ୍ଷା ପ୍ରଦାନ କରିବେ ଏବଂ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ସରକାରୀ ସୁବିଧା ସୁଯୋଗ ଓ ସହାୟତା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଶିକ୍ଷକମାନେ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଇଓ ଭଗବାନ ବାଙ୍କିରା, ସମ୍ମାନିତ ଅତିଥି ଏବିଇଓ ନରହରି କିଷାନ, ବୃନ୍ଦାବନ ମାହାନ୍ତ ଯୋଗ ଦେଇଥିଲେ। ହରିପ୍ରଦ ଜେନା ପରିଚୟ ପ୍ରଦାନ କରିଥିବା ପ୍ରଧାନ ଶିକ୍ଷକ ଦିଲୀପ କୁମାର କିଷାନ ଅଧ୍ୟକ୍ଷତା କରିଥିଲେ। ଉମେଶ ଚନ୍ଦ୍ର ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ।

### ଛାତ୍ର ଆତ୍ମହତ୍ୟା ଘଟଣାରେ ପ୍ରଧାନ ଶିକ୍ଷକ ନିଲମ୍ବିତ

**ନୂଆପଡ଼ା,୧୮।୭(ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ୍ ଅନ୍ତର୍ଗତ ଜଟଗଡ ପଞ୍ଚାୟତ ସାହାଜଟ ସେବାଶ୍ରମ ସ୍କୁଲର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା ଘଟଣାରେ ଜିଲାପାଳ ଶୁକ୍ରବାର ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି। କାର୍ଯ୍ୟରେ ଅବହେଳା ଅଭିଯୋଗରେ ଜିଲାପାଳ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଅନ୍ୟପକ୍ଷେ ପ୍ରଧାନ ଶିକ୍ଷକଙ୍କୁ ଗିରଫକରିବା ପାଇଁ ଆଦିବାସୀ କଲ୍ୟାଣ ସଂଘ, ଜିଲା କଂଗ୍ରେସ, ଯୁବ କଂଗ୍ରେସ ପକ୍ଷରୁ ଦାବି ହୋଇଛି। ସୂଚନା ମୁତାବକ ବୁଧବାର ରାତିରେ ଆଶ୍ରମର ସବୁ ଛାତ୍ରୀଛାତ୍ର ଖାଇ ହଷ୍ଟେଲରେ ଶୋଇଥିଲେ। ରାତି ପ୍ରାୟ ୧୦ଟା ସମୟରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଖଡ଼ିଆଳ ବ୍ଲକ ବଡମହେଶ୍ୱର ଗାଁର ଅଶ୍ୱିନୀ ବାଗ (୧୪) ବିଦ୍ୟାଳୟ ସମ୍ମୁଖରେ ଥିବା ଏକ ମହୁଲ ଗଛରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଖବର ପାଇ ଶିକ୍ଷକ ଓ ଛାତ୍ରମାନେ ଅଶ୍ୱିନୀଙ୍କୁ ଗଛରୁ ଉଦ୍ଧାର କରି ତରବୋଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ୬ ଲୁହା ଚୋର କୋର୍ଟ ଚାଲାଣ

**ଲହୁଣୀପଡା,୧୮।୭(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ତାମଡା ନିକଟସ୍ଥ ପଙ୍କଡ଼ିହି ଜଙ୍ଗଲ ଭିତରେ ଗୁରୁବାର ଲୁହା ପାଇପ କାଟିବା ଅଭିଯୋଗରେ ଚାନ୍ଦିପୋଷ ପୋଲିସ ୬ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ରାଜଗାଙ୍ଗପୁର ଅଞ୍ଚଳର ଦୀପକ କୁମାର ଗୁପ୍ତା(୪୭),ଏରିକ ପାଉଲ ଆଇନ୍ଦ (୨୮),ରାଜୁ ଥାପ୍ପା(୪୭),ଗୁରୁ ଚରଣ ସିଂ(୨୨), ଶାଲ କେଚ୍ଛୁଆ (୨୩),ଜ୍ୱାଲା ପ୍ରତାପ ସିଂ (୨୮)। ସେମାନଙ୍କ ନିକଟରୁ ୩୧ ଖଣ୍ଡ ଲୁହା ପାଇପ, ଗ୍ୟାସ କଟର ଏବଂ ୩ଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ଏଥିସହ ସେମାନେ ବ୍ୟବହୃତ କରୁଥିବା ଏକ ବୋଲେରୋ ଏବଂ ଡାଲା ଗାଡି ମଧ୍ୟ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି। ସୂଚନାରୁ ପ୍ରକାଶ, ଲୁହା ପାଇପ ଯୋଗେ ଜଳ ଯୋଗାଣ ପାଇଁ ତାମଡା ପଟେ ବିଛା ଯାଇଥିବା ଲୁହା ପାଇପକୁ ଗୁରୁବାର ୬ ଅଭିଯୁକ୍ତ ଗ୍ୟାସ କଟରରେ କାଟି ପ୍ରାୟ ୩୧ ଖଣ୍ଡ କରିଥିଲେ। ସେମାନେ ଓଡି -୧୪ଡି -୩୧୬୧ ବୋଲେରୋ ଗାଡ଼ିରେ ଆସିଥିବା ବେଳେ କଟା ହୋଇଥିବା ୩୧ ଖଣ୍ଡ ଲୁହ ପାଇପକୁ ଓଡି -୧୪ଏଜେ -୧୧୩୨ ଡାଲା ଗାଡ଼ିରେ ଲୋଡିଂ କରି ନେବା ପାଇଁ ଉଦ୍ୟମ କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ବଣେଇ ଏସଡିପିଓ ରାମ ଚନ୍ଦ୍ର ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ଚାନ୍ଦିପୋଷ ପୋଲିସ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ।

## ମାମଲା ଫଇସଲା ପାଇଁ ସ୍ୱତନ୍ତ୍ର ଶିବିର

**ସୁନ୍ଦରଗଡ,୧୮।୭(ଜୟ ନାରାୟଣ ମେଣ୍ଟୁଳି)**

ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ବିଭିନ୍ନ ମାମଲାର ଫଇସଲା ପାଇଁ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଉଛି। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ସଦସ୍ୟ ସଚିବ ଓ ସୁନ୍ଦରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ତଥା ଜିଲା ଦୌରାଜଜଙ୍କ ନିର୍ଦ୍ଦେଶକ୍ରମେ ଏହା ହେଉଛି। ଅଦାଲତରେ ବିଚାରାଧୀନ ଥିବା ମୋକଦ୍ଦମାଗୁଡିକର ବିଚାର ଅପେକ୍ଷା ନିରପେକ୍ଷ ତୃତୀୟ ବ୍ୟକ୍ତିଙ୍କ ସହାୟତାରେ ବିବାଦର ଗ୍ରହଣଯୋଗ୍ୟ ଓ ସୃଜନାତ୍ମକ ଢଙ୍ଗରେ ସମାଧାନ କରିବା, ବିବାଦର ପରିସମାପ୍ତି ନିମନ୍ତେ ସମାଧାନମୂଳକ ଆଲୋଚନା, କଥାବାର୍ତ୍ତା ଦ୍ୱାରା ବିବାଦଲିପ୍ତ ପକ୍ଷଙ୍କ ମଧ୍ୟରେ ଥିବା ମତପାର୍ଥକ୍ୟ ଦୂର କରି ସମାଧାନ ରାସ୍ତା ବାହାର କରିବା ଏହାର ଲକ୍ଷ୍ୟ। ମଧ୍ୟସ୍ଥତା ପ୍ରକ୍ରିୟା ସଂପୂର୍ଣ୍ଣ ଦେୟମୁକ୍ତ। ମଧ୍ୟସ୍ଥତା ଦ୍ୱାରା ମାମଲାର ସମାଧାନ ହେବା ଯୋଗୁ ପକ୍ଷମାନଙ୍କ ସମୟ, ଶ୍ରମ ଓ ଅର୍ଥ ସଞ୍ଚୟ ହୋଇପାରିବ ବୋଲି ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ସ୍ୱତନ୍ତ୍ର ମଧ୍ୟସ୍ଥତା ମାଧ୍ୟମରେ ପାରିବାରିକ, ରଫା ଯୋଗ୍ୟ, ଦୁର୍ଘଟଣାଜନିତ, ଘରୋଇ ହିଂସା, ଜମିଜମା ବଣ୍ଟନ, ଜମି ଅଧିଗ୍ରହଣ, ଚାକିରି ସଂକ୍ରାନ୍ତୀୟ, ଗ୍ରାହକ ସେବାଜନିତ, ବ୍ୟାଙ୍କ ସମ୍ବନ୍ଧୀୟ ମାମଲା ଯେପରି ଚେକ ବାଉନ୍ସ, ଋଣ ଆଦାୟ ଆଦି ମାମଲାଗୁଡିକର ବିକଳ୍ପ ସମାଧାନ ପ୍ରକ୍ରିୟା ନିମନ୍ତେ ଶିବିର ଆୟୋଜନ କରାଯାଉଛି।

## ବିକଶିତ ଓଡ଼ିଶା ଗଠନର ଆଭିମୁଖୀ କରଣ ନିମନ୍ତେ ତାଲିମ କାର୍ଯ୍ୟକ୍ରମ

**ସୁନ୍ଦରଗଡ,୧୮।୭(ଜୟ ନାରାୟଣ ମେଣ୍ଟୁଳି)**

ସୁନ୍ଦରଗଡ଼ ଜିଲାର ସମସ୍ତ ପୌରପରିଷଦର ନିର୍ବାଚିତ ପ୍ରତିନିଧିଙ୍କ ପାଇଁ ଏକ ବିକଶିତ ଓଡ଼ିଶା ଗଠନର ଆଭିମୁଖୀ କରଣ ନିମନ୍ତେ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝୀ, ପ୍ରକଳ୍ପ ନିର୍ଦ୍ଦେଶିକା, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, ସୁନ୍ଦରଗଡ ପିଡି ଡୁଡା, ସମସ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷ, କାଉନସିଲର, ଏବଂ ଡୁଡା ଅଧିକାରୀମାନେ ଉପସ୍ଥିତଥିଲେ। ମାଷ୍ଟର ଟ୍ରେନରମାନେ ଏହି ସଭାରେ ବିଭାଗୀୟ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଓ ମାନଦଣ୍ଡ ଉପରେ ଆଲୋଚନା କରିଥିଲେ। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଏବଂ ଏହି ପ୍ରକ୍ରିୟାରେ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ କାଉନସିଲରଙ୍କର ଭୂମିକା, ଦାୟିତ୍ୱ ଏବଂ ଜନସାଧାରଣଙ୍କୁ ସିଧାସଳଖ ଲାଭ ପହଞ୍ଚାଇବାର ଉପାୟ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।

## ପକ୍ଷାଘାତ ପୀଡ଼ିତଙ୍କୁ ହୁଇଲ ଚେୟାର ପ୍ରଦାନ



ସଙ୍ଗଠନ କର୍ମକର୍ତ୍ତା ହୁଇଲ ଚେୟାର ପ୍ରଦାନ କରୁଛନ୍ତି।

**ରାଉରକେଲା,୧୮।୭(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାର ସାମାଜିକ ସଙ୍ଗଠନ 'ସହାୟତା' ପକ୍ଷରୁ ସେକ୍ଟର-୧ କାଳୀ ମନ୍ଦିର ନିକଟସ୍ଥ ଡି ବ୍ଲକ୍‌ରେ ରହୁଥିବା ଜଣେ ୭୫ ବର୍ଷୀୟ ପକ୍ଷାଘାତ ପୀଡ଼ିତ ବୃଦ୍ଧ ଭାସ୍କର ଚନ୍ଦ୍ର ବେହେରାଙ୍କୁ ଏକ ହୁଇଲ ଚେୟାର ପ୍ରଦାନ କରାଯାଇଛି। ସଙ୍ଗଠନର ଅଧ୍ୟକ୍ଷ ଗୋପାଳ ଜେନା, ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ନାୟକ ଓ ଉପଦେଷ୍ଟା ମହେନ୍ଦ୍ର କୁମାର ମିଶ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଗୁରୁବାର ସକାଳେ ଭାସ୍କରଙ୍କ ଘରେ ପହଞ୍ଚି ଏହି ହୁଇଲ ଚେୟାର ପ୍ରଦାନ କରିଥିଲେ। ଏହି ଅବସରରେ ସଦସ୍ୟ ଲୀନା ନାୟକ, ପ୍ରତିଭା ପ୍ରିୟଦର୍ଶିନୀ, ହେମଲତା ପ୍ରସାଦ, ଜିତେନ ମାଛଖଣ୍ଡ ଓ ବିଜୟ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍‌ଡିଆର୍‌ଏଫ୍ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ତାଲିମ

**ବଡ଼ଗାଁ,୧୮।୭(ଅଶୋକ ଷଡ଼ଙ୍ଗୀ)**



ଏନଡିଆରଏଫ କର୍ମଚାରୀ ତାଲିମ ପ୍ରଦାନ କରୁଛନ୍ତି।

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର କଟକର ଏନ୍‌ଡିଆର୍‌ଏଫ୍ ଉଦ୍ଧାରକାରୀ ଟିମ୍ ପକ୍ଷରୁ ବିଭିନ କୌଶଳ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଇନ୍ସପେକ୍ଟର ସନ୍ତୋଷ କୁମାର ସାହୁ, ସବ୍‌ଇନ୍ସପେକ୍ଟର ଏମ୍‌କେ ଚୌଧୁରୀଙ୍କ ସହିତ ବିଭାଗୀୟ କର୍ମଚାରୀମାନେ ତାଲିମ ପ୍ରଦାନ କରିଥିଲେ। ପ୍ରାଥମିକ ଚିକିତ୍ସା, ଅଗ୍ନିକାଣ୍ଡ ସମୟରେ ନିଜକୁ ଓ ଅନ୍ୟମାନଙ୍କୁ କିପରି ସୁରକ୍ଷିତ ରଖିବା, ପାଣିରେ ବୁଡ଼ି ଯାଉଥିଲେ କିପରି ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା କରିବା ସେ ବିଷୟରେ ତାଲିମ ପ୍ରଦାନ କରିଥିଲେ। ବଡ଼ଗାଁ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ଲାକ୍ରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ତାଲିମ କାର୍ଯ୍ୟକ୍ରମକୁ ସ୍କାଉଟ ଶିକ୍ଷକ ଜନସନ ଖାଖା ପରିଚାଳନା କରିଥିଲେ। ଶିକ୍ଷକ ସ୍ୱାତିପ୍ରିୟା ସାହୁ, ନିରଞ୍ଜନ ତ୍ରିପାଠୀ, ପ୍ରଭାତ ଦ୍ୱାରୀ, ସାଗରିକା ସାହୁ, ଜ୍ୟୋତିରଞ୍ଜନ ପୃଷ୍ଟି ସହଯୋଗ କରିଥିଲେ।

## ସ୍ୱେରେଜ ଚାମ୍ବର ମରାମତି ଆରମ୍ଭ

**ରାଉରକେଲା, ୧୮।୭(ସଙ୍ଗୀତା ଜେନା)**

ଦୀର୍ଘଦିନରୁ ସ୍ୱେରେଜ ଚ୍ୟାମ୍ବରଗୁଡ଼ିକରେ ଅପର୍ଯ୍ୟାପ୍ତ ଜଳ ଅବରୋଧ ଯୋଗୁ ଢାଙ୍କୁଣୀଗୁଡ଼ିକ ଉଠି ବିପଦଜନକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅକାରଣରେ ଚ୍ୟାମ୍ବରରୁ ପାଇଖାନା ପାଣି ରାସ୍ତାରେ ଭାସୁଥିଲା। ଏଗୁଡ଼ିକ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ମରାମତି କରାଯାଇଛି। ସ୍ୱେରେଜ କର୍ମଚାରୀଙ୍କ ମତରେ ଅଧିକ ଜଳ ଚାପ ଯୋଗୁ ଏପରି ସ୍ଥିତି ସୃଷ୍ଟି ହୋଇଥିଲା। ବାଲୁଘାଟରେ ୩୦ ଏମ୍‌ଏଲ୍‌ଡି ଏସ୍‌ଟିପି ଜଳ ଚାପ ସହ୍ୟ କରୁ ନ ଥିବା ବେଳେ ନାଳନର୍ଦ୍ଦମାଗୁଡ଼ିକ ଜାମ୍ ଥିବାରୁ ଏପରି ହୋଇଛି। ତେବେ ଛେଣ୍ଡ ସମେତ ଅନ୍ୟ ଅଞ୍ଚଳରେ ଏହି ଅଭିଯୋଗ ଆସୁଛି ବୋଲି କର୍ମଚାରୀ ଜଣଙ୍କ କହିଥିଲେ। ସୂଚନାଯୋଗ୍ୟ, ଛେଣ୍ଡ, ସିଭିଲଟାଉନଶିପ୍, ବାସନ୍ତୀ କଲୋନି ସମେତ ଅନ୍ୟ ଅଞ୍ଚଳରେ ଏପରି ଅଭିଯୋଗ ହୋଇଛି।



ଉଦିତନଗରଠାରେ ସ୍ୱେରେଜ ଚାମ୍ବର ମରାମତି କରାଯାଉଛି।

## ଯୌନ ନିର୍ଯାତନା ନିରୋଧୀ ଆଇନ ଉପରେ ତାଲିମ କାର୍ଯ୍ୟକ୍ରମ

**ସୁନ୍ଦରଗଡ଼,୧୮।୭(ଜୟ ନାରାୟଣ ମେଣ୍ଟୁଳି)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଶନିବାର କର୍ମ କ୍ଷେତ୍ରରେ ମହିଳାଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ନିରୋଧୀ ଆଇନ-୨୦୧୩ ସମ୍ବନ୍ଧୀୟ ଜିଲା ସ୍ତରୀୟ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝୀ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲା ସମାଜ କଲ୍ୟାଣ ଅଧିକାରୀ କ୍ରିଷ୍ଣା କୁମାରୀ ନନ୍ଦ, ଡିଏସପି କାଦମ୍ବିନୀ ସାମଲ, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଡା.ରୀନତି ମିଶ୍ର, ଅନ୍ୟାନ୍ୟ ଜିଲା ସ୍ତରୀୟ ଅଧିକାରୀ, ସମସ୍ତ ନୋଡାଲ ଅଫିସର, ଜିଲାର ସମସ୍ତ ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି, ସ୍ଥାନୀୟ ଅଭିଯୋଗ କମିଟିର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ୟୁନିସେଫର ନେହା ସିଂହ ଯୋଗଦେଇ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଆବଶ୍ୟକତା, ଏହାର ଗଠନ, କାର୍ଯ୍ୟାବଳୀ, କମିଟିର ଭୂମିକା, କର୍ମକ୍ଷେତ୍ରରେ ଯୌନ ନିର୍ଯାତନାର ପ୍ରକାର, କମିଟିକୁ କିଭଳି ସଶକ୍ତ କରାଯିବ ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରତ୍ୟେକ କାର୍ଯ୍ୟାଳୟ, ଅନୁଷ୍ଠାନ ଗୁଡିକରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଗଠନ କରାଯାଇ ନିୟମିତ ଭାବେ ସମୀକ୍ଷା କରିବା ସହିତ ବାର୍ଷିକ ରିପୋର୍ଟ ଦେବାକୁ ଏବଂ ନିୟମିତ ଭାବେ ଏହି ଆଇନ ଉପରେ ସଚେତନତା ସୃଷ୍ଟି କରାଯିବା ଉପରେ ଅତିରିକ୍ତ ଜିଲାପାଳ ମାଝୀ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟାଳୟ ଗୁଡିକରେ ସୁରକ୍ଷିତ ଏବଂ ସମ୍ମାନଜନକ କାର୍ଯ୍ୟ ବାତାବରଣ ରଖିବା ହେଉଛି କାର୍ଯ୍ୟାଳୟ ମୁଖ୍ୟଙ୍କ ଦାୟିତ୍ୱ। ସେହିଭଳି ପ୍ରତ୍ୟେକ କର୍ମଚାରୀମାନେ ନିଜ ପାଇଁ ରହିଥିବା ଆଇନ ଗୁଡ଼ିକ ପ୍ରତି ଅବଗତ ରହିବା ଆବଶ୍ୟକ। ନିଜ ଅଧିକାର ଗୁଡ଼ିକ ପ୍ରତି ସଚେତନ ହେବା ଆବଶ୍ୟକ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। କମିଟିରେ କୌଣସି ଅଭିଯୋଗ ଆସିଲେ ତାହାକୁ ଅତ୍ୟନ୍ତ ଗୁରୁତର ସହ ଗ୍ରହଣ କରାଯାଇ ଆବଶ୍ୟକୀୟ ଅନୁସନ୍ଧାନ କାର୍ଯ୍ୟ କରାଯିବା ନେଇ ଆଲୋଚନା କରାଯାଇଥିଲା। ସେହିଭଳି ପରିବାରରେ ନୈତିକ ଶିକ୍ଷା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଏକ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଜିଲା ସଂଯୋଜିକା ମିନାକ୍ଷୀ ପ୍ରଧାନ ପରିଚାଳନା କରିଥିଲେ।

# ଜିଏମ୍‌ୟୁ ଛାତ୍ର ସଙ୍ଗଠନର ବିକ୍ଷୋଭ



ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ରାଜନୈତିକ ହସ୍ତକ୍ଷେପ ବନ୍ଦ ଦାବିରେ ଜିଏମ୍‌ୟୁ ଫାଟକ ସମ୍ମୁଖରେ ଛାତ୍ର ସଙ୍ଗଠନ ପକ୍ଷରୁ ବିକ୍ଷୋଭ କରାଯାଉଛି।

■ବିଶ୍ୱବିଦ୍ୟାଳୟରୁ ହୀନପ୍ରକୃତିର ଅଧ୍ୟାପକଙ୍କୁ ଠାବକର

■କ୍ୟାମ୍ପସରେ ରାଜନୈତିକ ହସ୍ତକ୍ଷେପ ବନ୍ଦ ହେଉ

ସମ୍ବଲପୁର,୧୮।୭(ପ୍ରମୋଦ ବହିଦାର)

ସମଗ୍ର ରାଜ୍ୟର ଏକ ମର୍ଯ୍ୟାଦାଜନକ ଶିକ୍ଷାନୁଷ୍ଠାନ ଭାବେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ସ୍ୱତନ୍ତ୍ର ପରିଚୟ ରହିଛି। ଏଠାରେ ସହକାରୀ ପ୍ରଫେସର ଗୋପୀକାନ୍ତ ସୁନାଙ୍କ ଭଳି କେତେକ ହୀନ ପ୍ରକୃତିର ଅଧ୍ୟାପକଙ୍କ ପାଇଁ ଏହି ବିଶ୍ୱବିଦ୍ୟାଳୟ କଳୁସିତ ହେବା ସହିତ ତାର ଅତୀତ ଗୌରବ ହରାଉଛି। ତେଣୁ ଏହି ଶିକ୍ଷାନୁଷ୍ଠାନରେ ଏହିଭଳି ହୀନପ୍ରକୃତିର ଅଧ୍ୟାପକଙ୍କୁ ଠାବ କରିବା ପାଇଁ ତଦନ୍ତ କରାଯାଉ। ଏହାସହ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜିଏମ୍‌ୟୁ ଛାତ୍ର ସଙ୍ଗଠନ ଦାବି କରିଛି। ଏହି ପ୍ରସଙ୍ଗରେ ଛାତ୍ର ବିଶ୍ୱରୂପ ସାହୁଙ୍କ ନେତୃତ୍ୱରେ ଜିଏମ୍‌ୟୁ ଛାତ୍ର ସଙ୍ଗଠନ ପକ୍ଷରୁ ଜିଏମ୍‌ୟୁ ଫାଟକରେ ଶୁକ୍ରବାର ପୂର୍ବାହ୍ନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାବାଦ୍ ସଙ୍ଗଠନର ଏକ ପ୍ରତିନିଧି କୁଳସଚିବ ସନତ କୁମାର ନାଏକ ଓ ଉପ କୁଳସଚିବ ଡ. ଉମାଚରଣ ପତିଙ୍କ ଉପସ୍ଥିତିରେ ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସଙ୍କୁ ତାଙ୍କ ପ୍ରକୋଷ୍ଠରେ ସାକ୍ଷାତ କରି ଶୁକ୍ରବାର ଉକ୍ତ ଦାବି କରିଛନ୍ତି। ଏହି ଅବସରରେ ସେମାନେ କହିଛନ୍ତି, ସହକାରୀ ପ୍ରଫେସର ସୁନାଙ୍କ ଏତାଦୃଶ କାର୍ଯ୍ୟକଳାପ କେବଳ ଗୁରୁଶିଷ୍ୟ ସମ୍ପର୍କକୁ କଳଙ୍କିତ କରିଛି ତାହା ନୁହେଁ, ବରଂ ଏହି ଶିକ୍ଷାନୁଷ୍ଠାନରେ ଏକ ଭୟ ଓ ଆଶଙ୍କାର ବାତାବରଣ ସୃଷ୍ଟି କରିଛି। ଏହା ସହିତ ଏହି ମର୍ଯ୍ୟାଦାଜନକ ଶିକ୍ଷାନୁଷ୍ଠାନର ଭାବମୂର୍ତ୍ତିକୁ ମଧ୍ୟ କ୍ଷୁର୍ଣ୍ଣ କରିଛି। ବର୍ତ୍ତମାନ ଛାତ୍ରୀଛାତ୍ରଙ୍କ ନାମ ଲେଖା ଚାଲିଛି। ନୂଆଁ ଛାତ୍ରୀଛାତ୍ର ଏହି ଶିକ୍ଷାନୁଷ୍ଠାନରେ ନାମ ଲେଖାଉଛନ୍ତି। ସେହି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଯେପରି ଏହି ଶିକ୍ଷାନୁଷ୍ଠାର ଭାବମୂର୍ତ୍ତି କ୍ଷୁର୍ଣ୍ଣ ନ ହୁଏ ସେଥିପ୍ରତି ବିଶେଷ ଗୁରୁତ୍ୱ ଦେବାକୁ ଛାତ୍ର ସଙ୍ଗଠନ ପକ୍ଷରୁ ଭାରପ୍ରାପ୍ତ କୁଳପତି ପ୍ରଫେସର ଦାସଙ୍କୁ ନିବେଦନ କରାଯାଇଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ରାଜନୀତି ଓ ରାଜନୈତିକ ହସ୍ତକ୍ଷେପକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କୁଳପତି ପ୍ରଫେସର ଦାସଙ୍କୁ ଏକ ଦାବିପତ୍ର ଜିଏମ୍‌ୟୁ ଛାତ୍ର ସଙ୍ଗଠନ ପକ୍ଷରୁ ପ୍ରଦାନ କରାଯାଇଛି।

## ଆଡ୍‌ଭାଇଜରି ଜାରି କଲେ କୁଳପତି

ଛାତ୍ରୀଛାତ୍ରଙ୍କ ଅଭିଯୋଗ ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ ଭାବେ ଗ୍ରହଣ କରିଛନ୍ତି। ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ପକ୍ଷରୁ ବିଶ୍ୱବିଦ୍ୟାଳୟରେ ଗୁରୁଶିଷ୍ୟ ପରମ୍ପରା ଓ ସମ୍ପର୍କ ଯେପରି କଳଙ୍କିତ ନ ହୁଏ, ସେଥିପାଇଁ ତାଙ୍କ ପତ୍ରସଂଖ୍ୟା ୨୮୦୧/୧୭।୭।୨୦୨୫ରେ ଏକ ଆଡଭାଇଜରୀ ଜାରି କରିଛନ୍ତି। ଏଥିରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକଙ୍କୁ ସର୍ବୋଚ୍ଚ ସ୍ତରର ବୃତ୍ତିଗତ ଓ ନୈତିକ ମୂଲ୍ୟବୋଧ ନୀତି ବଜାୟ ରଖିବା, ଛାତ୍ରୀଛାତ୍ରଙ୍କୁ ନିଜ ସନ୍ତାନ, ଭାଣିଜୀ ଭଣଜା, ଭଉଣୀ ଭାଇ ଭଳି ବ୍ୟବହାର କରିବା, ଛାତ୍ରୀଛାତ୍ରଙ୍କ ପ୍ରତି ସହାନୁଭୂତିଶୀଳ ହେବା ଏବଂ ଯଥାଶୀଘ୍ର ସେମାନଙ୍କ ସମସ୍ୟାକୁ ସକାରାତ୍ମକ ଭାବେ ଗ୍ରହଣ କରି ତୁରନ୍ତ ସମାଧାନ କରିବାକୁ ପ୍ରୟାସ କରିବା, ଆବଶ୍ୟକ ହେଲେ ଫୋନ୍, ହ୍ୱାଟ୍ସଆପ୍, ଇମେଲ୍ ଆଦି ବିଭିନ୍ନ ମାଧ୍ୟମରେ ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷଙ୍କ ପରାମର୍ଶ ଗ୍ରହଣ କରିବା, ଅଭିଯୋଗର ତଦନ୍ତବେଳେ କୌଣସି ଭୁଲ ତ୍ରୁଟି ଦେଖିବାକୁ ମିଳିଲେ ତୁରନ୍ତ ତାକୁ ଆଭ୍ୟନ୍ତରୀଣ ଅଭିଯୋଗ ସେଲ୍, ଯୌନ ଉତ୍ପୀଡ଼ନ ସେଲ୍‌ରେ ଦାଖଲ କରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହିତ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଭବିଷ୍ୟତ ବିକାଶ ପାଇଁ ଯେକୌଣସି ବିଷୟରେ ସନ୍ଦେହ ଦୂର କରିବାରେ ସହାୟତା କରିବାକୁ ପରାମର୍ଶ ଦେଇଛନ୍ତି।

## ହିଣ୍ଡାଲ୍‌କୋ ପକ୍ଷରୁ ପ୍ରାଣୀ ସମ୍ପଦ ଚିକିତ୍ସା ଶିବିର


ହୀରାକୁଦ ବୁଢାକଟାଠାରେ ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଆୟୋଜିତ ପ୍ରାଣୀସମ୍ପଦ ଚିକିତ୍ସା ଶିବିର।

ସମ୍ବଲପୁର,୧୮।୭(ବି.ଶଙ୍କର)

ସମ୍ବଲପୁର ହୀରାକୁଦ ସ୍ଥିତ ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ବୁଢାକଟାଠାରେ ପ୍ରାଣୀସମ୍ପଦ ଚିକିତ୍ସା ଶିବିର ଶୁକ୍ରବାର ଆୟୋଜିତ ହୋଇଯାଇଛି। ହିଣ୍ଡାଲକୋ ହୀରାକୁଦ କମ୍ପ୍ଲେକ୍ସର ୟୁନିଟ ମୁଖ୍ୟ ଦେବାଶିଷ ମଲ୍ଲିକଙ୍କ ପରାମର୍ଶ ଓ ହୀରାକୁଦ କମ୍ପ୍ଲେକ୍ସ ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ହାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଆମ୍ବବୁରେଇପଡା, ଘାଟିପଡା, କେନାଲପଡା, କିଶାନ ପଡା, ସ୍କୁଲ ପଡା, ଜାମମୁଡ଼ାପଡା ପ୍ରଭୃତି ଅଞ୍ଚଳର ଚାଷୀମାନେ ଏହି ଶିବିରରେ ନିଜର ପଶୁ ସମ୍ପଦକୁ ଚିକିତ୍ସା କରାଇଥିଲେ। ସମସ୍ତଙ୍କୁ କମ୍ପାନୀ ଦ୍ୱାରା ଆବଶ୍ୟକ ଔଷଧ ମାଗଣାରେ ଦିଆଯାଇଥିଲା। ୫୬ଟି ଗୋ ସମ୍ପଦ ଏବଂ ୧୪୦ ଗୃହପାଳିତ ଛେଳିକୁ ଅଭିଜ୍ଞ ପଶୁସମ୍ପଦ ଡାକ୍ତର ତାରିଣୀ ରଞ୍ଜନ ପ୍ରଧାନ ଦ୍ୱାରା ଚିକିତ୍ସା କରାଯାଇଥିଲା। ଏଥିସହ ଗାଈର ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇ ଡାକ୍ତରଙ୍କ ପରାମର୍ଶ କ୍ରମେ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବାଏଫ ସଂସ୍ଥାର ଜୟନ୍ତ ସାହୁ, ରବିନ ଖାନ, ସନ୍ତୋଷିଣୀ ଧରୁଆ, ସୁଶ୍ରୀ ନିତା ଖଡିଆ ଏବଂ ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ସନ୍ତୋଷ କୁମାର ତ୍ରିପାଠୀ ଓ ମିଳନ କୁମାର ସାହୁ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ହିଣ୍ଡାଲକୋର ପ୍ରକଳ୍ପ ବସୁଧା ଆନୁକୂଲ୍ୟରେ ସହଯୋଗୀ ସଂସ୍ଥା ବାଏଫ ଦ୍ୱାରା ବିଶାଳ ପଶୁ ସମ୍ପଦ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା।


ଇଣ୍ଡିଆନ ପବ୍ଲିକ ସ୍କୁଲ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

## ଇଣ୍ଡିଆନ ପବ୍ଲିକ ସ୍କୁଲରେ ମେଗା ଚାରାରୋପଣ

ସମ୍ବଲପୁର,୧୮।୭(ଭବାନୀ ଶଙ୍କର ଭୋଇ)

ରୋଟାରୀ କ୍ଲବ ଅଫ ସମ୍ବଲପୁର ସେଣ୍ଟ୍ରାଲ ପକ୍ଷରୁ ଶୁକ୍ରବାର ସମ୍ବଲପୁର କ୍ଷେତରାଜପୁର ସ୍ଥିତ ଇଣ୍ଡିଆନ ପବ୍ଲିକ ସ୍କୁଲ ପରିସରରେ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ ଅଫ ସେଣ୍ଟ୍ରାଲ ସମ୍ବଲପୁର ସଭାପତି ଅରୁଣ ପଟ୍ଟୱାରୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମା'ପାଇଁ ଗଛଟିଏ ସ୍ଲୋଗାନକୁ ସାର୍ଥକ କରିବାକୁ ବ୍ୟାପକ ପରିମାଣରେ ଚାରାରୋପଣ କାର୍ଯ୍ୟକ୍ରମ ହାତକୁ ନେବାକୁ ଆହ୍ୱାନ କରାଯାଇଥିଲା। ଏହି ଅବସରରେ ରୋଟାରିଏନ ଡ. ପ୍ରମୋଦ ରଥ କହିଥିଲେ, ବୃକ୍ଷରୋପଣ କରିବା ସହ ବୃକ୍ଷର ଯତ୍ନନେଇ ତାକୁ ସଂରକ୍ଷଣ କରିବା ଆବଶ୍ୟକତା ରହିଛି। ତେଣୁ ସମସ୍ତେ କେବଳ ଚାରା ରୋପଣ ନ କରି ବର୍ଷତମାମ ତାହାର ସୁରକ୍ଷା ପାଇଁ ଚେଷ୍ଟିତ ରହିବାକୁ ସେ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଶ୍ୟାମସୁନ୍ଦର ଲାଠ, ନରେଶ ଡାଲମିଆ, ସଞ୍ଜୟ କୁମାର, ଚନ୍ଦୁ ସାହା, ରବିନ୍ଦ ଜାଲାନ, କେଶବ ଡାଲମିଆ, କୈଳାସ ଅଗ୍ରୱାଲ, ଡ. ପ୍ରମୋଦ ରଥ, ସୁସନ ଡାଲମିଆ, ସୁଷମା ଅଗ୍ରୱାଲ,ଆଶା ଅଗ୍ରୱାଲ, ରାନୀ କୁମାର, ପୁଜା ପଟ୍ଟୱାରୀ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇଣ୍ଡିଆନ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ସଚିନ ପାଠକଙ୍କ ସମେତ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ସମ୍ମିଳିତ ହୋଇ ଚାରାରୋପଣ କରିଥିଲେ।

**ସଂକ୍ଷେପରେ**

## ମୁଖ୍ୟମନ୍ତ୍ରୀ ରୋଡ୍ ପାଇଁ ଦାବିପତ୍ର

ଖଡ଼ିଆଲ,୧୮।୭ (ସୁଜିତ କୁମାର ପ୍ରଧାନ)

ଖଡ଼ିଆଲର କେତେକ ସ୍ଥାନରେ ମୁଖ୍ୟମନ୍ତ୍ରୀ ରୋଡ୍ ଓ ସେତୁ ପାଇଁ ଓବିସି ମୋର୍ଚ୍ଚା ସଭାପତି ଅଜିତ କିଶୋର ଚଲାନ ନୂଆପଡ଼ା ଜିଲା ଗସ୍ତରେ ଆସିଥିବା ପଞ୍ଚାୟତିରାଜ, ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଖଡ଼ିଆଳ ବ୍ଲକ୍ ବଡ଼ପୋଲଠାରୁ ଖୁଦପେଜ ଭାୟା କନକୁଟା ଛକ ୫ କି.ମି., ବଡ଼ପୋଲଠାରୁ ଅରେଡା ଭାୟା ଚନାବେଡା ୧୦ କି.ମି., ସୁନାରୀ ସିକୁଆଁଠାରୁ ଗମ୍ଭାରୀଗୁଡା ୩ କି.ମି. ରାସ୍ତା ନିର୍ମାଣ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ଫରେଷ୍ଟରଙ୍କ ପରଲୋକ

ରେଢ଼ାଖୋଲ,୧୮।୭(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢ଼ାଖୋଲ ବନଖଣ୍ଡର ତ୍ରିବଣପୁର ସେକ୍ସନରେ ଫରେଷ୍ଟର ଭାବେ କାର୍ଯ୍ୟରତ ରାମନାରାୟଣ ମେଣ୍ଡୁଲିଙ୍କ ରେଢାଖୋଲସ୍ଥିତ ବାସଭବନରେ ଗୁରୁବାର ରାତି ପ୍ରାୟ ୧୨ଟାବେଳେ ଅକାଳ ବିୟୋଗ ଘଟିଛି। ତାଙ୍କୁ ୫୩ ବର୍ଷ ବୟସ ହୋଇଥିଲା। ସେ ସୁନ୍ଦରଗଡ଼ ଜିଲା ଧରିତ୍ରୀ ଖବରଦାତା



ଜୟନାରାୟଣ ମେଣ୍ଡୁଲିଙ୍କ ସାନଭାଇ। ରାମନାରାୟଣଙ୍କ ବିୟୋଗ ଖବର ପାଇବା ପରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି, ବନ ବିଭାଗର ଅଧିକାରୀ ଓ କର୍ମଚାରୀ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମା, ପତ୍ନୀ ଓ ପୁଅ, ଝିଅ, ବଡଭାଇ ଭାଉଜ ଓ ସାନଭାଇ, ପୁତୁରା ଉପସ୍ଥିତ ଥିଲେ। ଶୁକ୍ରବାର ସକାଳେ ଖନ୍ଦାଡିପ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ଏକମାତ୍ର ପୁତ୍ର ଗୋପୀନାଥ ମୁଖାଗ୍ନି ଦେଇଥିଲେ। ସେ ଗତ କିଛିବର୍ଷ ଧରି ମଧୁମେହ ରୋଗରେ ପୀଡିତ ଥିଲେ। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନରେ ଚିକିତ୍ସିତ ହେଉଥିବାବେଳେ ଗୁରୁବାର ଫେରିଥିଲେ। ତେବେ ରାତିରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ରେଢାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। କିଛି ସମୟ ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଇନର ହୁଇଲ କ୍ଲବ ଅଫ ହ୍ୟାଣ୍ଡଲୁମ ସିଟିର ପ୍ରତିଷ୍ଠା ଉତ୍ସବ

ସମ୍ବଲପୁର,୧୮।୭(ବି.ଶଙ୍କର)

ଇନର ହୁଇଲ କ୍ଲବ ଅଫ ସମ୍ବଲପୁର ହ୍ୟାଣ୍ଡଲୁମ ସିଟିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ମହାନଦୀ କ୍ଲବ ସଭାକକ୍ଷରେ ପାଳିତ ହୋଇଯାଇଛି। କ୍ଲବର ପୂର୍ବତନ ସଚିବ କୃଷ୍ଣା ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ବିଦାୟୀ ସଭାନେତ୍ରୀ ଜ୍ୟୋତି ସିଂହ ବରିହାଙ୍କଠାରୁ ନୂତନ ସଭାନେତ୍ରୀ ଜୟଶ୍ରୀ ରାୟଗୁରୁ ଆନୁଷ୍ଠାନିକ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ସେହିପରି ନୂତନ ସଚିବ ମିନତି ପଣ୍ଡାଙ୍କୁ ମୁଖ୍ୟ ଅତିଥି କ୍ଲବ ଚାର୍ଟର ପ୍ରଦାନ କରିଥିଲେ। ନୂତନ ସଭାନେତ୍ରୀ ରାୟଗୁରୁ ୨୦୨୫-୨୬ ବର୍ଷ ପାଇଁ ତାଙ୍କ ଦଳର ସଭ୍ୟମାନଙ୍କୁ ଉତ୍ସବରେ ପରିଚିତ କରାଇଥିଲେ। ଏଥିସହ କ୍ଲବରେ ଯୋଗଦେଇଥିବା ୮ ସଦସ୍ୟାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଅତିଥିମାନେ କ୍ଲବ ବୁଲେଟିନ 'ଉଡ଼ିଶା-୨୦୨୫' ଉନ୍ମୋଚନ କରିଥିଲେ। କ୍ଲବ ପକ୍ଷରୁ ଜଣେ ଅସହାୟ ଝିଅର ଶିକ୍ଷାଗତ ସହାୟତା ପାଇଁ ୫୦୦୦ ଟଙ୍କା, କର୍କଟ ରୋଗୀଙ୍କ ଚିକିତ୍ସା ସକାଶେ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିବା ସଭାନେତ୍ରୀ ସୂଚିତ କରିଥିଲେ। କାର୍ଯ୍ୟକ୍ରମରେ ୪୦ଜଣ ସଭ୍ୟାଙ୍କ ସମେତ ନୂତନ ଉପସଭାନେତ୍ରୀ ରେଖା ମିଶ୍ର, ଆଇଆଇପି ଜ୍ୟୋତି ସିଂ ବରିହା, କୋଷାଧ୍ୟକ୍ଷ ସସ୍ମିତା ସାହୁ, ଯୁଗ୍ମସମ୍ପାଦିକା ବବିତା ପାଢ଼ୀ, ସ୍ୱାତୀ ପଟ୍ଟନାୟକ, ସ୍ୱସ୍ତିକା ନାୟକ ଏବଂ ଉପଦେଷ୍ଟା ସୁନୀତା ରଥ ଉପସ୍ଥିତ ଥିଲେ।



ଇନର ହୁଇଲ କ୍ଲବ ଅଫ ସମ୍ବଲପୁର ହ୍ୟାଣ୍ଡଲୁମ ସିଟିର ପ୍ରତିଷ୍ଠା ଉତ୍ସବରେ ଅତିଥିମାନେ 'ଉଡିଶା-୨୦୨୫' ବୁଲେଟିନ ଉନ୍ମୋଚନ କରୁଛନ୍ତି।

## ବଜ୍ରପାତରେ ମହିଳା ଚାଷୀ ମୃତ, ୨ ଗୁରୁତର

କୁଚିଣ୍ଡା, ୧୮।୭(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ସାହାଜବାହାଲ ଗ୍ରାମରେ ଶୁକ୍ରବାର ବଜ୍ରପାତରେ ଜଣେ ମହିଳା ଚାଷୀଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ଜଣ ମହିଳା ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ କୁଚିଣ୍ଡା ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତ ମହିଳା ହେଲେ ପାରୁଆଭାଡି ପଞ୍ଚାୟତ ସାହାଜବାହାଲ ଗ୍ରାମର ରବି ସହନେତଙ୍କ ସ୍ତ୍ରୀ କ୍ଷୀର ସହନେତ(୫୫) ଏବଂ ଗୁରୁତର ଆହତ ମହିଳା ଦ୍ୱୟ ହେଲେ ଉକ୍ତ ଗ୍ରାମର ଆରତୀ ବାଘ(୪୫) ଓ କୁନ୍ତୀ ଷଣ୍ଢ(୫୪)। ଏ ନେଇ ପୋଲିସ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ କରି ମୃତଦେହକୁ ଜବତ କରିଛି। ସୂଚନା ଅନୁଯାୟୀ, ସାହାଜବାହାଲ ଗ୍ରାମର ଏହି ୩ ମହିଳା ଚାଷ କାମ ପାଇଁ ବିଲକୁ ଯାଇଥିଲେ। ଚାଷକାମ ସାରି ସେମାନେ ଘରକୁ ଫେରୁଥିବାବେଳେ ଅପରାହ୍ନ ପ୍ରାୟ ୩ଟା୧୫ରେ କିଷାନପଡା ନିକଟସ୍ଥ ଫୁଟବଲ ପଡିଆ ପାଖରେ ହଠାତ ବର୍ଷା ସହ ବଜ୍ରପାତ ହୋଇଥିଲା। ଫଳରେ ସମସ୍ତେ ଚେତାଶୂନ୍ୟ ହୋଇପଡିଥିଲେ। ଗ୍ରାମବାସୀ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ କୁଚିଣ୍ଡା ମେଡିକାଲକୁ ନେଇଥିଲେ। ହେଲେ କ୍ଷୀର ସହନେତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇ ଗୁରୁତର ମହିଳା ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

## ଆଭ୍ୟନ୍ତରୀଣ ଅଭିଯୋଗ କମିଟିକୁ ବିଶ୍ୱାସକୁ ନେଉନାହାନ୍ତି ଛାତ୍ରୀଛାତ୍ର

ସମ୍ବଲପୁର,୧୮।୭(ପ୍ରମୋଦ ବହିଦାର)

■ଜିଏମ୍‌ୟୁରେ ତିନୋଟି ଅଭିଯୋଗ ଦାଖଲ

■ମହିଳା କଲେଜ ଓ ଏନ୍‌ଏସ୍‌ସିବି କଲେଜରେ ଆଦୌ ନାହିଁ

ବାଲେଶ୍ୱର ଫକୀର ମୋହନ (ଏଫ୍‌ଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୂତି ପ୍ରସଙ୍ଗ ସମଗ୍ର ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ଏହି ଘଟଣାର ନିଆଁ ନ ଲିଭୁଣୁ ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ)ର ଜଣେ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଓ ପ୍ରତାରଣା କରି ଜେଲ ଯାଇଛନ୍ତି ସହକାରୀ ପ୍ରଫେସର ଡ. ଗୋପିକାନ୍ତ ସୁନା। ଏହି ଘଟଣାରେ ଛାତ୍ରୀ ଜଣକୁ ଜିଏମ୍‌ୟୁର ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି)ରେ ଅଭିଯୋଗ ଦାଖଲ ନ କରି ସିଧାସଳଖ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ଏଥିରେ ତାଙ୍କୁ ନ୍ୟାୟ ମିଳିବାରେ ବିଳମ୍ବ ହୋଇ ନ ଥିଲା।

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ), ସରକାରୀ ମହିଳା ମହାବିଦ୍ୟାଳୟ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ(ଏନ୍‌ଏସ୍‌ସିବି) ଆଦି ସହରର ସହରର ତିନୋଟି ପ୍ରମୁଖ ଶିକ୍ଷାନୁଷ୍ଠାନ। ପୂର୍ବର ସରକାରୀ ନିୟମ ଓ ମାର୍ଗଦର୍ଶିକା ଅନୁଯାୟୀ ଏହି ଅନୁଷ୍ଠାନରେ ଲିଗାଲ ସେଲ, ଇକ୍ୱାଲ ଅପର୍ଚ୍ୟୁନିଟି ସେଲ, ସେକ୍ସୁଆଲ ହାରାସମେଣ୍ଟ ସେଲ, ଆଣ୍ଟି-ରାଗିଂ ସେଲ, ଇନ୍‌ଷ୍ଟିଚ୍ୟୁସନାଲ କମ୍ପ୍ଲାଏନ୍ସ ସେଲ, ଆଇପିଆର୍ ସେଲ, ଏଥିକ୍ସ ସେଲ ଆଦି ଗଠିତ ହୋଇଛି। ଏଗୁଡ଼ିକ ବର୍ଷତମାମ ବିଭିନ୍ନ ସମୟରେ ସଚେତନତା କାର୍ଯ୍ୟକ୍ରମ କରୁଥିବା କୁହାଯାଇଛି। ତେବେ, ଏସମ୍ପର୍କରେ ଛାତ୍ରୀଛାତ୍ରମାନେ କେତେ ଅବଗତ ଓ ସଚେତନ ତାହା କାହାକୁ ଜଣା ନାହିଁ। କୌଣସି ଅପ୍ରିତିକର ପରିସ୍ଥିତିରେ ସେମାନେ କେଉଁ ଘଟଣା ପାଇଁ ସେଲରେ ଅଭିଯୋଗ କରିବା ସେ ନେଇ ଛାତ୍ରୀଛାତ୍ର କେତେ ଅଜ୍ଞ ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ହସ୍ତଗତ ହୋଇଥିବା ଏକ ତଥ୍ୟ ଅନୁସାରେ ଜିଏମ୍‌ୟୁର ଗତ ୨୦୨୩ରେ ୩ଟି ଅଭିଯୋଗ ହୋଇଥିବାବେଳେ ତାହାର ସମାଧାନ କରାଯାଇଥିବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି। ଅନ୍ୟପକ୍ଷରେ ସରକାରୀ ମହିଳା ମହାବିଦ୍ୟାଳୟ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟରେ ଏପର୍ଯ୍ୟନ୍ତ କୌଣସି ଅଭିଯୋଗ ହୋଇ ନ ଥିବା ଉଭୟ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ କହିଛନ୍ତି। ଯାହା ତାଙ୍କ ଶିକ୍ଷାନୁଷ୍ଠାନରେ ଥିବା ଆଇସିସି ପ୍ରତି ଛାତ୍ରୀଛାତ୍ରଙ୍କ ବିଶ୍ୱାସ ନେଇ ଉଠିଥିବା ପ୍ରଶ୍ନକୁ ପରୋକ୍ଷରେ ଯଥାର୍ଥ ବୋଲି ପ୍ରମାଣିତ କରିଛି।

## ଦକ୍ଷତା ବିକାଶ କେନ୍ଦ୍ରଗୁଡ଼ିକ ସମୀକ୍ଷା କଲେ ସଚିବ ଭୂପେନ୍ଦ୍ର ସିଂ ପୁନିଆ


ଦକ୍ଷତା ବିକାଶ ଓ ପ୍ରଯୁକ୍ତି ଶିକ୍ଷା ବିଭାଗର କମିଶନର ତଥା ସଚିବ ଭୂପେନ୍ଦ୍ର ସିଂ ପୁନିଆ ରାସନପୁର ଆଇଟିଆଇରେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି।

ସମ୍ବଲପୁର,୧୮।୭(ଭବାନୀ ଶଙ୍କର ଭୋଇ)

ଦକ୍ଷତା ବିକାଶ ଓ ପ୍ରଯୁକ୍ତି ଶିକ୍ଷା ବିଭାଗର କମିଶନର ତଥା ସଚିବ ଭୁପେନ୍ଦ୍ର ସିଂହ ପୁନିଆ ଶୁକ୍ରବାର ସମ୍ବଲପୁର ଗସ୍ତରେ ଆସିଛନ୍ତି। ସେ ଜିଲାର ବିଭିନ୍ନ ଦକ୍ଷତା ବିକାଶ କେନ୍ଦ୍ର ଓ ପ୍ରଶିକ୍ଷଣ ସଂସ୍ଥାଗୁଡ଼ିକୁ ପରିଦର୍ଶନ କରି ସମୀକ୍ଷା କରିଥିଲେ। ପରିଦର୍ଶନ କ୍ରମରେ ସେ ଓଡିଶା ସ୍କିଲ ଡେଭଲପମେଣ୍ଟ ଅନ୍ତର୍ଗତ ବ୍ଲାକ ପାନ୍ଥର୍ସ ଗାର୍ଡ ସର୍ଭିସ, ଗୋଶାଳା ସ୍ଥିତ ଶଶି ଇକ୍ସପୋ ପ୍ରାଲି, ଭିସୁଟ ବୁର୍ଲା, ରାସନପୁର ସ୍ଥିତ ସରକାରୀ ଆଇଟିଆଇ, ସ୍କିଲ କନେକ୍ଟ ଆଦି ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକୁ ପରିଦଶନ କରି ପ୍ରଶିକ୍ଷଣର ପରିଚାଳନା ଓ ପ୍ରଭାବ ଉପରେ ଅବଲୋକନ କରିଥିଲେ। ଏହି ଅବସରରେ ପୁନିଆ ପ୍ରଶିକ୍ଷାର୍ଥୀ, ଶିକ୍ଷକମାନଙ୍କ ସହ ଆଲୋଚନା କରି ତାଙ୍କର ଅନୁଭୂତି ଓ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ସମ୍ବଲପୁର ଜିଲାରେ ବୈଷୟିକ ଶିକ୍ଷାର ସ୍ଥିତି କଣ ରହିଛି ତାହା ପଚାରି ବୁଝିଥିଲେ। ତାହାସହିତ ସେ ଶିକ୍ଷା ଓ ପ୍ରଶିକ୍ଷଣର ଗୁଣବତ୍ତା ବୃଦ୍ଧି, ଅନୁଶାସନ, ନିୟମିତ ମନିଟରିଂ ଓ ଅନୁଶୀଳନ ଉପରେ ଜୋରଦେଇ ଉଚିତ ଦିଗଦର୍ଶନ ପ୍ରଦାନ କରିଥିଲେ। ସଚିବଙ୍କ ଗସ୍ତ ଅବସରରେ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର କମିଶନର ବେଦଭୂଷଣ ପ୍ରମୁଖ ଉପସ୍ଥିତ ରହିଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଯୁବ ଶକ୍ତିଙ୍କୁ ଦକ୍ଷତା ସହିତ ଜଡିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ ହେବ ବୋଲି କୁହାଯାଉଛି।

# ‘ଟ୍ରାନ୍ସଜେଣ୍ଡରଙ୍କ ଅଧିକାର, ଏକତା ପାଇଁ ସଚେତନତା’

**ବଲାଙ୍ଗୀର,୧୮।୭(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲାସ୍ତରୀୟ ରେନ୍‌ବୋ ସ୍ୱାଭିମାନ ସମାରୋହ ୨୦୨୫ ବା ଏକତା ସମାବେଶ ଶୁକ୍ରବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷା ଲିକା ସାହୁ ଯୋଗଦେଇ ଟ୍ରାନ୍ସଜେଣ୍ଡରମାନଙ୍କ ଅଧିକାର, ସାମାଜିକ ଉନ୍ନତି ଏବଂ ସାଙ୍ଗଠନିକ ଏକତା ବିଷୟରେ କହିଥିଲେ। ସମ୍ବିଧାନରେ ସମସ୍ତଙ୍କ ପାଇଁ ସମାନ ଅଧିକାର ଓ ସୁଯୋଗ କଥା ଉଲ୍ଲେଖ ରହିଛି। ଟ୍ରାନ୍ସଜେଣ୍ଡରମାନେ କିଭଳି ଏ ଦିଗରେ ସଙ୍ଗଠିତ ହୋଇ ସେମାନଙ୍କ ସାମ୍ବିଧାନିକ ଅଧିକାର ପାଇପାରିବେ ଆଜି ସେ ଉପରେ ସଚେତନ କରାଯାଉଛି। ୨୦୨୩ ମସିହାରେ ବଲାଙ୍ଗୀର ପୌରପାଳିକାରେ ଟ୍ରାନ୍ସଜେଣ୍ଡରମାନେ ଭଲ କାମ କରିଥିବାରୁ ସର୍ବଭାରତୀୟ ସ୍ତରରେ ବଲାଙ୍ଗୀର ସୁନାମ ଅର୍ଜନ କରିଥିଲା ବୋଲି ସେ କହିଥିଲେ। ଟ୍ରାନ୍ସଜେଣ୍ଡରମାନେ ଅନ୍ୟମାନଙ୍କ ଠାରୁ କୌଣସି ଗୁଣରେ କମ୍ ନୁହନ୍ତି ଏଣୁ ସେମାନେ ସବୁବେଳେ ଓ ସବୁକାମରେ ଆଗେଇ ଚାଲନ୍ତୁ ବୋଲି ସେ ଉତ୍ସାହିତ କରିଥିଲେ। ଅନ୍ୟ ଅତିଥି ଭାବେ ବିଭାଗୀୟ ଅଧିକାରୀ ସୁମିତ୍ରା ଖୁରା ଓ ସସ୍ମିତା ହୋତା, ବରିଷ୍ଠ ଖବରଦାତା ଶରତ ଚନ୍ଦ୍ର ମିଶ୍ର, ଟ୍ରାନ୍ସଜେଣ୍ଡର କର୍ମୀ ମଧୁ ନାୟକ ଓ ହିମାନୀ ଯୋଷୀ, ସାମାଜିକ ସଙ୍ଗଠନ ସାଥୀର ସହକାରୀ ନିର୍ଦ୍ଦେଶକ ବିଶ୍ୱଭୂଷଣ ପଟ୍ଟନାୟକ ମଞ୍ଚାସୀନ ଥିଲେ। ବଲାଙ୍ଗୀର ଜିଲାରେ ଥିବା ଟ୍ରାନ୍ସଜେଣ୍ଡରମାନଙ୍କୁ ସଙ୍ଗଠିତ କରିବା, ସେମାନଙ୍କ ସାମ୍ବିଧାନିକ ଅଧିକାର, ସମ୍ମାନ ଓ ସଚେତନତା ପାଇଁ କାର୍ଯ୍ୟ କରିବା ପ୍ରୟାସ ଆରମ୍ଭ ହୋଇଯାଇଛି ବୋଲି ବକ୍ତାମାନେ କହିଥିଲେ। ଏହି ସମାବେଶରେ ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ଶତାଧିକ ଟ୍ରାନ୍ସଜେଣ୍ଡର ଉପସ୍ଥିତ ଥିଲେ। ସଭାରେ ଟ୍ରାନ୍ସଜେଣ୍ଡର ସଙ୍ଗଠକ ଧନେଶ୍ୱର ତାଣ୍ଡି ବକ୍ତବ୍ୟ ରଖିଥିଲେ। ସଭାକୁ ବିଜୟ କୁମାର ପରିଚାଳନା କରିଥିଲେ। ସଭା ପୂର୍ବରୁ ପୂର୍ବାହ୍ନ ୧୦ଟାରେ ଜିଲାପାଳ କାର୍ଯ୍ୟାଳୟ ନିକଟ ପାର୍କିଂ ଜୋନ୍ ଠାରୁ ଆରମ୍ଭ ହୋଇଥିବା ସ୍ୱାଭିମାନ ପଦଯାତ୍ରାକୁ ବଲାଙ୍ଗୀର ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ‘ପିଆର୍‌ଆଇଟି’ ଏବଂ ‘ସାଥୀ’ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ଟ୍ରାନ୍ସଜେଣ୍ଡର କର୍ମୀ ଓ ସହଯୋଗୀମାନେ ଅଂଶଗ୍ରହଣ କରିଥିଲେ।



ଜିଲାସ୍ତରୀୟ ରେନ୍‌ବୋ ସ୍ୱାଭିମାନ ସମାରୋହରେ ମଞ୍ଚାସୀନ ଅତିଥି।

**ଜିଲାସ୍ତରୀୟ ରେନ୍‌ବୋ ସ୍ୱାଭିମାନ ସମାରୋହ ୨୦୨୫**

**ସ୍ୱାଭିମାନ ପଦଯାତ୍ରାରେ ସହର ପରିକ୍ରମା କଲେ**

# ପୂର୍ବତନ ସରପଞ୍ଚ ତପନେଶ୍ୱର ସାହୁଙ୍କ ପରଲୋକ

**ଖପ୍ରାଖୋଲ,୧୮।୭(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ ର ପୂର୍ବତନ ସରପଞ୍ଚ ତପନେଶ୍ୱର ସାହୁ(୮୫)ଙ୍କ ଶୁକ୍ରବାର ସକାଳେ ନିଜ ଗାଁ ଭାଲୁଡୁଙ୍ଗୁରି ଘରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଥିଲେ। ସେ ତିନି ଥର ୱାର୍ଡ ମେମ୍ବର ଥିବା ବେଳେ ୨୦୦୨ରୁ ୨୦୦୭ ଯାଏ ଓଡ଼ିଆପାଲି ପଞ୍ଚାୟତର ସରପଞ୍ଚ ରହିବା ସହିତ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଥିଲେ। ତାଙ୍କ ଅନ୍ତିମ ସଂସ୍କାର ବେଳେ ବଡପୁଅ ପୀତବାସ ମୁଖାଗ୍ନି ଦେଇଥିଲେ। ମଝିଆ ପୁଅ ବାବୁ, ସାନ ପୁଅ କାଳିଆଙ୍କ ସମେତ ଝିଅ, ଜ୍ୱାଇଁ, ନାତୁଣୀ, ନାତି, ବନ୍ଧୁବର୍ଗ ଉପସ୍ଥିତ ଥିଲେ। ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ନିଜ ଗାଁ ଓ ପଞ୍ଚାୟତରେ ଶୋକ ପ୍ରକାଶ ପାଇଛି। ଭାଜପା ମଣ୍ଡଳ ସଭାପତି ଉମାକାନ୍ତ ପ୍ରଧାନ, ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ପ୍ରେସ କ୍ଲବ ସଭାପତି ତାପସ ବେହେରା, ଅଭୟ ତ୍ରିପାଠୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ବୁଢ଼ୀପଦର ଗ୍ରାମ୍ୟ ରାସ୍ତା ଶୋଚନୀୟ

**ଲୋଇସିଂହା,୧୮।୭(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢୀପଦର ପଞ୍ଚାୟତ ମୁଖ୍ୟାଳୟ ବୁଢୀପଦର ଗ୍ରାମ୍ୟ ରାସ୍ତା ଶୋଚନୀୟ ହୋଇ ପଡିଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଯେ, ବଲାଙ୍ଗୀ-ବରଗଡ ୨୬ ନଂ ରାଜପଥ ପାର୍ଶ୍ୱ ଏବଂ ଲୋଇସିଂହା ବ୍ଲକ ମୁଖ୍ୟାଳୟରୁ ମାତ୍ର ୫ କିମି ଦୂରରେ ବୁଢୀପଦର ଗାଁ ଅବସ୍ଥିତ। ରାଜପଥ ବିଭାଗ ପକ୍ଷରୁ ରାଜପଥ ପାର୍ଶ୍ୱରେ ଡ୍ରେନ କାମ କରାଯାଉଛି। ହେଲେ ବୁଢୀପଦର ଗ୍ରାମର ବାହ୍ମପଡା ଦେଇ ବସ୍ତିକୁ ସଂଯୋଗ କରୁଥିବା ରାସ୍ତାରେ ଡ୍ରେନ ନିର୍ମାଣ ହୋଇଛି। ଡ୍ରେନ ନିର୍ମାଣ ପାଇଁ ଖୋଳା ଯାଇଥିବା ମାଟି ବସ୍ତି ରାସ୍ତାରେ ପକାଇ ଦିଆଯାଇଛି। ବର୍ଷା ହେବାରୁ ରାସ୍ତାରେ ପକାଯାଇଥିବା ମାଟି କାଦୁଅ ପଚପଚ ହୋଇଯିବାରୁ ରାସ୍ତା ଯାତାୟତ ଅନୁପଯୋଗୀ ହୋଇ ପଡିଛି। ଟ୍ରାକ୍ଟର, ଯାନବାହନ ଚଳାଚଳ ହେବାରୁ ରାସ୍ତା ଆହୁରି ଶୋଚନୀୟ ହୋଇଛି। ଫଳରେ ଗ୍ରାମବାସୀଙ୍କ ଯାତାୟତରେ ସମସ୍ୟା ହେଉଥିବା ରଘୁନାଥ ନନ୍ଦ ପ୍ରକାଶ କରିଛନ୍ତି। ସେହିପରି ୨୬ ନଂ ରାଜପଥକୁ ସଂଯୋଗ କରୁଥିବା ଅନ୍ୟତମ ରାସ୍ତା ଅବସ୍ଥା ମଧ୍ୟ ମରଣଯନ୍ତା ପାଲଟିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।


**AUCTION SALE NOTIFICATION**

This is for information to all concerned that inspite of our repeated Legal Notices and reminders of the Registered Owners.
1). Vandana Agarwal, Vehicle - Volkswagen Ameo Comfortline 1.5 TDI, Regn. No.- OD 02 AK 8684, VIN No.- MEXL1660XHT093535, 2). M/S. ROYAL TOUCH GRANITES PVT. LTD., Vehicle - JEEP Compass, Regn. No.- OD 07 U 7424, VIN No.- MCAAJPCH4JFA11169*BH, 3). Mr. Ajit Patra, Vehicle - Grande punto ACTIVE Multijet, Regn. No.- OD 02 AC 5755, VIN No.-MCA11816E07070348BGZ, 4).Mr. Samarendra jena, Vehicle- Jeep Compass, Regn. No.- OD12 C 1212, VIN No.- MCAAJPCY8JFA05293*9H, 5). Mr. Jiban Kumar Bal, Vehicle - ISUZU S-CAB, Regn. No.- OD 34 M 8284, VIN No.- M3GTFR546LBA00227, 6) M/S. V N TRANSPORT, Vehicle - Bharat Benz 3123R (Truck),Regn. No.- OD 14 H 0086, VIN No.- MEC2241CCGPO28504, 7). Mr.Shrikant Patel, Vehicle - Bharat Benz 3123R (Truck), Regn. No.- OD 23 D 3499, VIN No.- MEC2241CDGPO30355& 8). Tanveer Ayyub Kalyani, Vehicle - Bharat Benz 3123R (Truck), Regn. No.- MH 13 AX 4716, VIN No.- MEC2241CAFP014677 are not come to take delivery.
The vehicles are ready for Auction Sale to be hold on **Dt. 29.07.2025** between **11 AM to 4 PM** at **M/S. SHREE BHARAT MOTORS LTD.,** NH-5, Pahal, Bhubaneswar - 752101.


# ଶରୀର ଦାନ ପାଇଁ ଇଚ୍ଛାପତ୍ର ଦେଲେ



ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଅଧୀକ୍ଷିକା ଡା. ମାନସୀ ପଣ୍ଡାଙ୍କୁ କେଶବ ଚନ୍ଦ୍ର ମିଶ୍ର ଇଚ୍ଛାପତ୍ର ଦେଉଛନ୍ତି।

**ବଲାଙ୍ଗୀର,୧୮।୭(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ପୂଜ୍ୟପୂଜା ସେବା ସଙ୍ଗଠନ ସଭାପତି ତଥା ବଲାଙ୍ଗୀର ସଦର ବ୍ଲକ ଗର୍ଜନ ଗ୍ରାମର ମୂଳ ବାସିନ୍ଦା କେଶବ ଚନ୍ଦ୍ର ମିଶ୍ର ନିଜ ଶରୀର ଦାନ ପାଇଁ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଶୁକ୍ରବାର ଭୀମଭୋଇ ମେଡିକାଲ କଲେଜକୁ ଯାଇ ମିଶ୍ର ମେଡିକାଲ କଲେଜ ଡିନ୍ ଡା. ସ୍ୱୟଂପ୍ରଭା ପ୍ରଧାନ ଏବଂ ମେଡିକାଲ କଲେଜ ହସ୍ପିଟାଲ ଅଧୀକ୍ଷିକା ଡା. ମାନସୀ ପଣ୍ଡାଙ୍କୁ ସାକ୍ଷାତ କରି ନିଜ ଶରୀର ଦାନ ସମ୍ପର୍କିତ ସ୍ୱୀକୃତି ବା ଇଚ୍ଛାପତ୍ର ପ୍ରଦାନ କରିଥିଲେ। ମୃତ୍ୟୁ ପରେ ତାଙ୍କ ମରଶରୀର ମେଡିକାଲ କଲେଜ ଛାତ୍ରୀଛାତ୍ରଙ୍କ ଗବେଷଣାରେ ଉପଯୋଗ ହେବ ବୋଲି ମିଶ୍ର ଇଚ୍ଛାପତ୍ରରେ ଘୋଷଣା କରିଛନ୍ତି। କେଶବ ମିଶ୍ର ବଲାଙ୍ଗୀର ଉଦ୍ୟାନ କୃଷି ଅଧିକାରୀ ଭାବେ ଅବସର ଗ୍ରହଣ କରିବା ପରେ ବଲାଙ୍ଗୀରର ବହୁ ସାମାଜିକ ସଙ୍ଗଠନ ଶିଶୁ ବିକାଶ କେନ୍ଦ୍ର, ପୂଜ୍ୟପୂଜା ସେବା ସଙ୍ଗଠନ, ଅଦ୍ୟାଶକ୍ତି ନାରୀ ସଙ୍ଗଠନ, ଅଙ୍କୁର ଶିଶୁ ସାହିତ୍ୟ ସଂସଦ, ସଂସ୍କୃତ ପରିଷଦ ତଥା ଅନେକ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ସହ ଜଡିତ ରହି ସାମାଜିକ ଓ ସେବା କାର୍ଯ୍ୟ କରି ଆସୁଛନ୍ତି। ମୃତ୍ୟୁ ପରେ ଶରୀର ଦାନ ଭଳି ନିଷ୍ପତ୍ତି ନେଇଥିବାରୁ ମିଶ୍ର ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛନ୍ତି ବୋଲି ଶିଶୁ ବିକାଶ କେନ୍ଦ୍ର ସଭାପତି ମଦନ ମୋହନ ରଥ ମତବ୍ୟକ୍ତ କରିଛନ୍ତି। ମେଡିକାଲ କଲେଜରେ ଇଚ୍ଛାପତ୍ର ଦେବାବେଳେ ରଥଙ୍କ ସହ ଶୁଭେନ୍ଦ୍ର ନେପାକ ଉପସ୍ଥିତ ଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

